# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 112 | ଭାଗ ୩୩ | ସଂଖ୍ୟା ୧୧୨ | Bhubaneswar | Sunday 13 July 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୧୩ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ଫିଡେ ଚେସ୍ ମହିଳା ବିଶ୍ୱକପ୍ ଜିତିଲେ ପଦ୍ମିନୀ

ପୃଷ୍ଠା ୬






ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି।

### ଫକୀରମୋହନ ମହାବିଦ୍ୟାଳୟରେ ଅଭାବନୀୟ ଘଟଣା

# କେହି ଶୁଣିଲେନି ଗୁହାରୀ, ନିଜକୁ ଜାଳିଦେଲେ ଛାତ୍ରୀ

- ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି
- କଡ଼ା କାର୍ଯ୍ୟାନୁଷ୍ଠାନ ନେଲା ଉଚ୍ଚଶିକ୍ଷା ବିଭାଗ
- ଅଧ୍ୟାପକ ଗିରଫ, ଅଧ୍ୟକ୍ଷ ନିଲମ୍ବିତ
- ତଦନ୍ତ ପାଇଁ କମିଟି ଗଠନ କଲେ ସରକାର

ଭୁବନେଶ୍ୱର, ୧୨।୭(ସଂଚାର ବ୍ୟୁରୋ): ସାମ୍ନାକୁ ଆସିଛି ବାଲେଶ୍ୱରର ପ୍ରତିଷ୍ଠିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର କେଳେଙ୍କାରୀ। ଜନୈକା ଇଣ୍ଟିଗ୍ରେଟେଡ୍ ବିଇଡି ଦ୍ୱିତୀୟ ବର୍ଷ ଛାତ୍ରୀଙ୍କୁ ଅଧ୍ୟାପକ ତଥା ଏଜୁକେଶନ ବିଭାଗ ମୁଖ୍ୟ ସମୀର ସାହୁ ନିୟମିତ ଭାବେ ମାନସିକ ନିର୍ଯାତନା ଦେବା ଫଳରେ ଶେଷରେ ଉକ୍ତ ଛାତ୍ରୀ ଜଣଙ୍କ ଆଜି ନିଜ ଦେହରେ ପେଟ୍ରୋଲ୍ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଥିବା ବେଳେ ତାଙ୍କୁ ପ୍ରଥମେ କଟକ ବଡ଼ ମେଡିକାଲ୍ ଓ ପରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି।

ଏବେ ଜୀବନ ମରଣ ଲଢ଼େଇ ଲଢୁଥିବା ଏହି ଛାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ଏହି ମାମଲାରେ ଉଚ୍ଚଶିକ୍ଷା ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମାମଲାର ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ଶ୍ରୀ ସାହୁଙ୍କ ସହ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ନିଲମ୍ବନ କରାଯାଇଛି। ଏହି ଅଧ୍ୟାପକ ଜଣଙ୍କ ସମ୍ପୃକ୍ତ ଛାତ୍ରୀଙ୍କ ସହ ଅନୈତିକ ସମ୍ପର୍କ ରଖିବାକୁ ଚାହୁଁଥିଲେ।

କିନ୍ତୁ ଏଥିରେ ଛାତ୍ରୀ ଜଣଙ୍କ ଅରାଜି ହେବାରୁ ଅଧ୍ୟାପକ ଶ୍ରୀ ସାହୁ ତାଙ୍କୁ ବରାବର ଅପମାନିତ କରିବା ସହ ବିଭିନ୍ନ ସମୟରେ ଧମକଚମକ ଦେଉଥିବା ନେଇ ପୂର୍ବରୁ ଏକାଧିକ ବାର ଅଭିଯୋଗ ହୋଇଥିଲା।

ସୂଚନାନୁସାରେ, ପାଖାପାଖି ୬ ମାସ ତଳେ ଅଧ୍ୟାପକ ଶ୍ରୀ ସାହୁ ସମ୍ପୃକ୍ତ ଛାତ୍ରୀଙ୍କ ସହ ଅନୈତିକ ସମ୍ପର୍କ ସ୍ଥାପନ ପାଇଁ ଉଦ୍ୟମ କରିଥିଲେ। ମାତ୍ର ଛାତ୍ରୀ ଜଣଙ୍କ ଏହାକୁ ବିରୋଧ କରିବାରୁ ଅଧ୍ୟାପକ ଜଣଙ୍କ ପୃଷ୍ଠା-୬





### ମୋ ଝିଅକୁ ମାନସିକ ନିର୍ଯାତନା ଦିଆଯାଉଥିଲା

**ବାଲେଶ୍ୱର:** ଏଫଏମ୍ କଲେଜରେ ମୋ ଝିଅକୁ ମାନସିକ ନିର୍ଯାତନା ଦିଆଯାଉଥିଲା। ଏଭଳି ଅଭିଯୋଗ ଆଣିଛନ୍ତି ପୀଡ଼ିତାଙ୍କ ବାପା। ଆଜି ସକାଳୁ ଡାକି ଝିଅକୁ କୁହାଯାଇଛି ତମେ ହିଁ ଦୋଷୀ, ତମେ ନିଜର ଅଭିଯୋଗ ଉଠାଇଦିଅ ବୋଲି ବାଧ୍ୟ କରାଯାଉଥିଲା। ଏମିତିକି କଲେଜରୁ ବହିଷ୍କାର କରିଦେବାକୁ ଧମକ ଦିଆଯାଇଛି। ଝିଅ ଅଭିଯୋଗ ଆଣିବା ପରେ ସମୀର ବାବୁ ଝିଅ ନାଁରେ ଆଣିଥିଲେ ପ୍ରତିଅଭିଯୋଗ ଯେଉଁଥିପାଇଁ ଝିଅ ମାନସିକ ଭାରାକ୍ରାନ୍ତ ହରାଇଥିଲା। ସମୀର ବାବୁ କହିଥିଲେ ମୋ ବିରୁଦ୍ଧରେ ଗଲେ ୬ ବର୍ଷ ଯାଏଁ ପୃଷ୍ଠା-୬

## ୨୦୪ ନିଯୁକ୍ତିପତ୍ର ବାଣ୍ଟିଲେ କେନ୍ଦ୍ର ମନ୍ତ୍ରୀ

# ରାଷ୍ଟ୍ର ବିକାଶରେ ଯୁବପିଢ଼ି ଭାଗିଦାରୀ ବୃଦ୍ଧି ମୂଳ ଉଦ୍ଦେଶ୍ୟ



- ଦେଶରେ ୧୦ ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରାଯାଇସାରିଛି
- ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି ୨୫ କୋଟି ଭାରତୀୟ

ଭୁବନେଶ୍ୱର,୧୨।୭(ସଂଚାର ବ୍ୟୁରୋ): ରାଷ୍ଟ୍ରର ବିକାଶରେ ଯୁବପିଢ଼ିଙ୍କ ସର୍ବାଧିକ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଆମ ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ଶନିବାର ଭୁବନେଶ୍ୱରଠାରେ 'ଷୋଡ଼ଶ ରାଷ୍ଟ୍ରୀୟ ରୋଜଗାର ମେଳା'ର ଶୁଭାରମ୍ଭ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ୨୦୪ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ପୃଷ୍ଠା-୬

# ସକ୍ରିୟ ରାଜନୀତି ଛାଡ଼ିବେ ଜୁଏଲ୍

### ସାଙ୍ଗଠନିକ କାର୍ଯ୍ୟରେ ମନୋନିବେଶ କରିବେ



ଭୁବନେଶ୍ୱର,୧୨।୭(ସଂଚାର ବ୍ୟୁରୋ): ବରିଷ୍ଠ ଆଦିବାସୀ ନେତା ତଥା କେନ୍ଦ୍ରରେ ଏକାଧିକ ବାର ମନ୍ତ୍ରୀ ହୋଇଥିବା ବର୍ତ୍ତମାନର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସକ୍ରିୟ ରାଜନୀତିରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ୮ ଥର ସାଂସଦ ଓ ୨ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଜୁଏଲ ଘୋଷଣା କରିଛନ୍ତି ଯେ ସେ ଆଉ ନିର୍ବାଚନ ଲଢ଼ିବେ ନାହିଁ। ଆଜି ସମ୍ବଲପୁରରେ ଅନୁଷ୍ଠିତ ରୋଜଗାର ମେଳାରେ ଜୁଏଲ କହିଛନ୍ତି ଯେ ସେ ୧୦ ଥର ନିର୍ବାଚନ ଜିତିସାରିଛନ୍ତି। ଏବେ ନିର୍ବାଚନୀ ରାଜନୀତିରୁ ବିରତି ନେବା ସହ ଯୁବପିଢ଼ିଙ୍କୁ ଆଗକୁ ଆସିବାର ସୁଯୋଗ ଦେବା ସକାଶେ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ରାଜନୀତି ଜୀବନରେ ତାଙ୍କର କିଛି ବି ପଶ୍ଚାତାପ ନାହିଁ ଏବଂ ସେ ଏବେ ବିଜେପିର ସାଙ୍ଗଠନିକ କାର୍ଯ୍ୟକୁ ପୃଷ୍ଠା-୬

# ୩୦ ଲକ୍ଷ ଟଙ୍କାରେ ଏସିପି...



ଭୁବନେଶ୍ୱର,୧୨।୭(ସଂଚାର ବ୍ୟୁରୋ): କମିଶନରେଟ୍ ପୁଲିସ୍‌ରେ ୮ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଥିଲେ। କେତେବେଳେ କଟକ ତ ପୁଣି କେତେବେଳେ ଭୁବନେଶ୍ୱରରେ ଥିଲା ତାଙ୍କର ପୋଷ୍ଟିଂ। ପୂର୍ବତନ ବିଜୁଳି ମନ୍ତ୍ରୀଙ୍କ ବୋଲହାକ କରି ଏଠାରେ ବର୍ଷ ବର୍ଷ ଧରି ଗାଦି ମାଡ଼ି ବସିଥିଲେ। ନିଜକୁ ବିଜେଡି କର୍ମୀ ବୋଲି କହିବାକୁ ମଧ୍ୟ ପଛାଉ ନଥିଲେ ସେ। ତେବେ କିଛିଦିନ ତଳେ ସେ ପଦୋନ୍ନତି ପାଇ ଡିଏସ୍‌ପି/ଏସିପି ହୋଇଥିଲେ। ତାଙ୍କର ଇଚ୍ଛା ଥିଲା ଜୋନ୍ ଏସିପି ହେବେ। ତା' ପୁଣି କଟକରେ। ଖାଲି ଇଚ୍ଛା ନୁହେଁ ଜୋନ୍ ପାଇ ଏସିପି ହୋଇଛନ୍ତି। ସେଥିପାଇଁ ମାତ୍ର ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ମଧ୍ୟ କରିଛନ୍ତି। ଇନ୍ସପେକ୍ଟର ଥିବା ସମୟରେ ତାଙ୍କୁ ଧନୀ ଆଇଆଇସି ବୋଲି କୁହାଯାଉଥିଲା। ସେ ଯାହା କରୁଥିଲେ ବି ତାଙ୍କୁ କିଛି କହୁ ନଥିଲେ ସାହେବମାନେ। ଏବେ କାଳେ ସାହେବଙ୍କୁ ଟଙ୍କା ଦେଇ ବାବୁ ଜୋନ୍ ଏସିପି ପଦ ପାଇଛନ୍ତି। ବାବୁ ପୂର୍ବରୁ ବାଲିମାଫିଆ ଓ ବିଲ୍ଡରଙ୍କୁ ଧମକଚମକ ଦେଇ କୋଟି କୋଟି ରୋଜଗାର କରିଥିଲେ। ସେ ଟଙ୍କାକୁ ଖର୍ଚ୍ଚ କରି ଏବେ ଜୋନ୍ ଏସିପି ହୋଇଛନ୍ତି। ବାବୁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ପଦ ପାଇଛନ୍ତି ମାନେ ଏହାର ୩ ଗୁଣା ଉଠାଇବା ଥୟ। ବିଜେଡି ନେତାଙ୍କ ଏହି ବୋଲକରା ଅଫିସର୍‌ଙ୍କୁ ନେଇ ଏବେ କମିଶନରେଟ୍ ପୁଲିସ୍ ବିଭାଗରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଅଫିସରଙ୍କ ପାଇଁ ପୁଲିସ୍ ବିଭାଗ ବଦନାମ ହେଉଛି। ସବୁଠାରୁ ବଡ଼ କଥା ହେଲା, ବାବୁଙ୍କର ଯେତେବେଳେ ପଦୋନ୍ନତି ହୋଇନଥିଲା ସେତେବେଳେ ସେ କହି ବୁଲୁଥିଲେ କୋଉ ଜୋନ୍ ଏସିପି ହେବା। ଏତେ ଟଙ୍କା ଖର୍ଚ୍ଚ କରି ଜୋନ୍ ଏସିପି ହେଲା ପରେ ସେ କ'ଣ କରୁଛନ୍ତି ତାଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ମୋହନ ସରକାର ଆଇଏଏସ୍ ଅଫିସରଙ୍କୁ ଜେଲ୍‌ରେ ପୂରାଇବାକୁ ପଛାଉନାହାନ୍ତି। ଏତେ ସାମାନ୍ୟ ଏସିପି। ବାବୁ ଜଣଙ୍କ ଯଦି ମୁହଁ ବୁଡ଼ାଇ ଖାଇଲେ, ତା'ହେଲେ ଜେଲ୍ ଯିବାଟା ଥୟ। କାରଣ ଏ ସରକାର ଲୋକଙ୍କ ସରକାର। ଦୁର୍ନୀତିର ସ୍ଥାନ ନାହିଁ।

# ଫେରିଲେ ନବୀନ, ଜନସମୁଦ୍ରର ସ୍ୱାଗତ



ଭୁବନେଶ୍ୱର,୧୨।୭(ସଂଚାର ବ୍ୟୁରୋ): ମୁମ୍ବାଇରୁ ଫେରିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ସର୍ଭିକାଲ ଆର୍ଥ୍ରାଇଟିସର ସଫଳ ଅସ୍ତ୍ରୋପଚାର ପରେ ସେ କିଛି ଦିନ ମୁମ୍ବାଇରେ ଅବସ୍ଥାନ କରିବା ପରେ ଆଜି ଫେରିଛନ୍ତି। ତାଙ୍କୁ ସ୍ୱାଗତ କରିବା ସକାଶେ ବିମାନବନ୍ଦରରୁ ନବୀନ ନିବାସ ପର୍ଯ୍ୟନ୍ତ ସମର୍ଥକ ଓ ଦଳୀୟ ନେତାଙ୍କ ଗହଳି ଜମିଥିଲା। ନବୀନ ଫେରୁଥିବା ଖବର ପାଇବା ପରେ ସ୍ୱେଚ୍ଛାକୃତ ଭାବେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ବିମାନବନ୍ଦର ଓ ନବୀନ ନିବାସ ନିକଟରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା। ଏତେ ସଂଖ୍ୟାରେ ଜନସାଧାରଣ ତାଙ୍କୁ ସ୍ୱାଗତ କରିବା ସକାଶେ ଏକାଠି ହୋଇଥିବାରୁ ବିଜେଡି ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଗତ ଜୁନ୍ ୨୦ ତାରିଖରେ ନବୀନ ଚିକିତ୍ସା ପାଇଁ ମୁମ୍ବାଇ ଯିବା ସମୟରେ ମଧ୍ୟ ତାଙ୍କୁ ବିମାନବନ୍ଦରରେ ବିଦାୟ ପୃଷ୍ଠା-୬

# ଆନ୍ଦୋଳନରୁ ଓହରିଲେ ଡ୍ରାଇଭର

### ୮ ତାରିଖରୁ ଆରମ୍ଭ ହୋଇଥିଲା ଷ୍ଟିଅରିଂଛାଡ

ଭୁବନେଶ୍ୱର,୧୨।୭(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କଠାରୁ ନିର୍ଭର ଆଶ୍ୱାସନା ସହ ରାଜ୍ୟବାସୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଡ୍ରାଇଭର ମହାସଂଘ ଆଜି ବିଳମ୍ବିତ ସନ୍ଧ୍ୟାରୁ ଆନ୍ଦୋଳନ ପ୍ରତ୍ୟାହାର କରିଛନ୍ତି। ଆଜି ରେଢ଼େଖୋଲରେ ଡ୍ରାଇଭର ମହାସଂଘ ପକ୍ଷରୁ ଏକ ସମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରାଯାଇଛି। ଡ୍ରାଇଭର ମହାସଂଘ କୌଣସି ରାଜନୈତିକ ଦଳ ସହ ନାହିଁ କିମ୍ବା ଡ୍ରାଇଭରଙ୍କ ସ୍ୱାର୍ଥକୁ ନେଇ କୌଣସି ରାଜନୀତି କରୁନାହିଁ। କିନ୍ତୁ ଡ୍ରାଇଭର ମହାସଂଘକୁ ବଦନାମ କରାଯାଉଛି ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

ଆଜି ଡ୍ରାଇଭର ମହାସଂଘର ଆନ୍ଦୋଳନ ପଞ୍ଚମ ଦିନରେ ପହଞ୍ଚିଥିଲା । କିନ୍ତୁ ଏହା ଭିତରେ ଡ୍ରାଇଭର ମହାସଂଘ ଫାଳ ଫାଳ ହୋଇଯାଇଛି। କିଛି ଡ୍ରାଇଭର ପୁଣି ଥରେ ଷ୍ଟିଅରିଂ ଧରିଥିବା ବେଳେ କିଛି ଡ୍ରାଇଭର ଆନ୍ଦୋଳନ ଜାରି ରଖିଥିଲେ। ସେପଟେ ଡ୍ରାଇଭର ମହାସଂଘର ସଭାପତି ଷ୍ଟିଅରିଂ ଧରିଥିବା

# ରାହୁଲଙ୍କ ବୟାନକୁ ନେଇ ଧର୍ମେନ୍ଦ୍ର-ଭକ୍ତ ମୁହାଁମୁହିଁ



ଭୁବନେଶ୍ୱର,୧୨।୭(ସଂଚାର ବ୍ୟୁରୋ): କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଗତକାଲି ଭୁବନେଶ୍ୱରରେ ଅନୁଷ୍ଠିତ ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିବା ସହ କେନ୍ଦ୍ର ସରକାରଙ୍କୁ ମଧ୍ୟ ସମାଲୋଚନା କରିଥିଲେ। ତେବେ ରାହୁଲ୍‌ଙ୍କ ଏହି ସମାବେଶକୁ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପିସିସି ସଭାପତି ଭକ୍ତ ଚରଣ ଦାସ ମୁହାଁମୁହିଁ ହୋଇଛନ୍ତି। ରାହୁଲ୍‌ଙ୍କ ଭୁବନେଶ୍ୱର ଗସ୍ତ କେବଳ ତାଙ୍କର ପ୍ରଚାର ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭାରତରେ ଆଉ କଂଗ୍ରେସର ଜନାଦେଶ ନାହିଁ। ସାମନ୍ତବାଦ ମନୋବୃତ୍ତି ଯୋଗୁଁ ଗରିବ ଲୋକ ଆଉ ତାଙ୍କ ସହ ନାହାଁନ୍ତି। ରାହୁଲ କେବଳ ପୃଷ୍ଠା-୬


### ସାମ୍ବାଦିକ ଆବଶ୍ୟକ

ଇଚ୍ଛୁକ ଓ ଅଭିଜ୍ଞ ବ୍ୟକ୍ତି ଆବେଦନ କରନ୍ତୁ

**ଯୋଗାଯୋଗ**
ପ୍ଲଟ୍ ନଂ.୩୧୨,
ଫ୍ଲାଟ୍ ନଂ.୦୦୩,
ଗ୍ରୀନ୍ ହାଇ ଆପାର୍ଟମେଣ୍ଟ,
ଖାରବେଳ ନଗର,
ଭୁବନେଶ୍ୱର-୭୫୧୦୦୧
ମୋ-୯୪୩୭୨୨୭୭୭୭

email: sancharodisha@gmail.com

'ସଂଚାର' ପାଇଁ ରାଜ୍ୟର ସବୁ ଜିଲ୍ଲା ମୁଖ୍ୟାଳୟରେ ସାମ୍ବାଦିକ ଆବଶ୍ୟକ। ଏଥିପାଇଁ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ଥିବା ଜରୁରୀ। ଅଭିଜ୍ଞ ପ୍ରାର୍ଥୀ ବାୟୋଡାଟା ସହ ଉପରୋକ୍ତ ନମ୍ବରରେ ହ୍ୱାଟ୍ସଆପ୍ କରିପାରିବେ।



**ବି.ଦ୍ର.:** ସମ୍ପ୍ରତି କୌଣସି ସ୍ଥାନରେ 'ସଂଚାର'ର ସାମ୍ବାଦିକ ନାହାନ୍ତି। ତେଣୁ କେହି ବି ନିଜକୁ 'ସଂଚାର'ର ପ୍ରତିନିଧି ବୋଲି ଦାବି କରୁଥିଲେ କିମ୍ବା କୌଣସି ପ୍ରକାର ବ୍ୟାବସାୟିକ ଫାଇଦା ନେଉଥିଲେ, ସେମାନଙ୍କଠାରୁ ସତର୍କ ରହିବା ସହ ଉପରୋକ୍ତ ଠିକଣାରେ ସୂଚନା ଦେବାକୁ ନିବେଦନ।



### କାନ ଡେରିଥା

ରାହୁଲ ଆସିଲେ କଂଗ୍ରେସ ଶିବିରେ
କର୍ମୀ ଚଞ୍ଚଳ ହୋଇଲେ
ଭାଷଣରେ ସିଏ ବରଷା କରିଲେ
ତଥ୍ୟ ସବୁ ଖୋଲିଦେଲେ
ଏମିତି ସଂଗ୍ରାମ ହେଲେ...
ଅଣତିରିଶିକୁ ମୁଖ୍ୟ ଦଳ ହୋଇ
ସର୍କାର କରିବେ ଭଲେ

■ ଦେବାଶିଷ

# ବବିଙ୍କର ଏ ଦୋଷ ବି ଥିଲା ?



### ନାଗ ଓଗାଳିଲେ ବିଷ
### ବବିଙ୍କ ବିରୁଦ୍ଧରେ ସଙ୍ଗୀନ ଅଭିଯୋଗ

ଭୁବନେଶ୍ୱର,୧୨।୭(ସଂଚାର ବ୍ୟୁରୋ): ବିଜେଡି ଶାସନ କାଳରେ ଜେଲଯାଇଥିବା ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ଆଜି ସାମ୍ବାଦିକ ସମ୍ମିଳନୀ କରି ବିଷ ଓଗାଳିଥିବାବେଳେ ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କାଠଗଡ଼ାକୁ ଟାଣିଛନ୍ତି। ତାଙ୍କ ବିରୁଦ୍ଧରେ ଅର୍ଚ୍ଚନା ସଙ୍ଗୀନ ଅଭିଯୋଗ ଆଣିବା ପରେ ଏବେ ସବୁଆଡେ ଗୋଟିଏ ଚର୍ଚ୍ଚା, ବବିଙ୍କର ଏ ଦୋଷ ବି ଥିଲା ।

ଅର୍ଚ୍ଚନା ଅଭିଯୋଗ କରିଛନ୍ତି ଯେ ତାଙ୍କୁ ଫସାଇବା ପାଇଁ ଯେଉଁମାନେ ଷଡଯନ୍ତ୍ର ରଚିଥିଲେ, ସେଥିରେ ରାଜନେତା, ପୁଲିସ୍ ସମସ୍ତେ ଥିଲେ। ତେବେ ମୁଖ୍ୟ କାର୍ପେଟଦାର ଥିଲେ ବବି ଦାସ। ବବିଙ୍କ ଇଙ୍ଗିତରେ ତାଙ୍କୁ ସାଦା ପୋଷାକଧାରୀ ପୁଲିସ୍ ଘରୁ ଉଠାଇ ନେଇ ଅଜ୍ଞାତ ସ୍ଥାନରେ ରଖିଥିଲା। ତାଙ୍କ ବିରୁଦ୍ଧରେ କିଏ କ'ଣ ଅଭିଯୋଗ କରିଛି ସେନେଇ ତାଙ୍କୁ କିଛି ବି କୁହାଯାଇନଥିଲା। ଜେଲରେ ରହିବାର ୪ ଦିନ ପରେ ଅଭିଯୋଗ ସଂକ୍ରାନ୍ତରେ ତାଙ୍କୁ କୁହାଯାଇଥିଲା।

ତେବେ ଅର୍ଚ୍ଚନା ଅଭିଯୋଗ କରିଛନ୍ତି ଯେ ଜେଲରେ ତାଙ୍କୁ ନିଶା ଦିଆଯିବା ସହ ଦିଲ୍ଲୀ ପଠାଇବାର ବ୍ୟବସ୍ଥା ହୋଇଥିଲା। ହେଲେ ଶେଷ ମୁହୂର୍ତ୍ତରେ ଏହା ସଫଳ ହୋଇନଥିଲା। ଷଡ଼ଯନ୍ତ୍ରକାରୀମାନେ ଜେଲରେ ଆସି ତାଙ୍କୁ ଭେଟିବା ସହ ତାଙ୍କ ରୂପକୁ ପ୍ରଶଂସା କରିବାକୁ ପଛାଉନଥିଲେ। ତାଙ୍କ ଘରେ ଟଙ୍କା ପହଞ୍ଚାଉଥିଲେ। ଏପରିକି ଘରେ ଥିବା ତାଙ୍କ କୁନି ପୁଅ ପାଇଁ ଡାଇପର ବି ପଠାଉଥିଲେ। ସବୁ କଥା ମାନିନେବା ପାଇଁ ଜୋରଦାର ଚାପ ମଧ୍ୟ ପକାଉଥିଲେ। ଅର୍ଚ୍ଚନା ସହ ନିୟମିତ ଭାବେ ଜେଲରେ ଚା'ପିଆ ବୈଠକ ଆୟୋଜନ ହେଉଥିଲା।

ଅର୍ଚ୍ଚନା ନାଗ ବବିଙ୍କ ବିରୁଦ୍ଧରେ ସଙ୍ଗୀନ ଅଭିଯୋଗମାନ ଆଣିଥିବା ବେଳେ ରିପୋର୍ଟ ପୃଷ୍ଠା-୬

### ପଞ୍ଚାୟତର ଅପରିଣାମଦର୍ଶିତା ପାଇଁ ଜଳବନ୍ଦୀ ବସ୍ତିବାସିନ୍ଦା

# ରାସ୍ତାରେ ଆଣ୍ଠୁଏ ପାଣି, ନିଷ୍କାସନ ବାଟ ନାହିଁ

### ଗୁହାରି କଲେ କେହି ଶୁଣୁ ନାହାନ୍ତି




**ରାଜକନିକା,୧୨।୭ (ସଂଚାର ବ୍ୟୁରୋ):** ଟୋପାଏ ବର୍ଷା ହେଲେ ଜଳବନ୍ଦୀ ଜୀବନ ବିତାଇବା ସହ ଘରେ ବନ୍ଦୀ ହୋଇ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ । ପିଲାଛୁଆ, ବରିଷ୍ଠ ନାଗରିକ, ମହିଳା ଘର ବାହାରକୁ ବାହାରି ପାରୁ ନାହାନ୍ତି । ଯଦିବା ଘରୁ ପଦାକୁ ଗୋଡ କାଢୁଛନ୍ତି ପଚା ପାଣିରେ ପଶି ଯିବାକୁ ପଡୁଛି। ଏ ସମ୍ପର୍କରେ ଯେତେ ଗୁହାରୀ କଲେ କେହି ଶୁଣୁ ନାହାନ୍ତି ବୋଲି ଅଭିଯୋଗ ହେଉଛି। ଫଳରେ ନାନାଦି ଅସୁବିଧା ଭୋଗୁଛନ୍ତି ଲୋକେ। ରାଜକନିକା ବ୍ଲକର ଅବିଭକ୍ତ ଓଳାଭର ପଞ୍ଚାୟତ ଓଳାଭର ମୁସଲମାନ ବସ୍ତିରୁ ଆସିଛି ଏଭଳି ଅଭିଯୋଗ।

ସୂଚନା ଅନୁଯାୟୀ ଏହି ପଞ୍ଚାୟତ ୩/୪ ନମ୍ବର ୱାର୍ଡର ଓଳାଭର ବସ୍ତିରେ ଶହେରୁ ଅଧିକ ମୁସଲମାନ ପରିବାର ବସବାସ କରୁଛନ୍ତି । ହେଲେ ଟୋପାଏ ବର୍ଷା ହେଲେ ଏମାନେ ସବୁ ଜଳବନ୍ଦୀ ଜୀବନ ବିତାନ୍ତି। ଘରୁ ପଦାକୁ ଗୋଡ କାଢି ପାରନ୍ତି ନାହିଁ । ଯିବା ଆସିବା ପାଇଁ ଏକମାତ୍ର ରାସ୍ତା ଜଳାର୍ଣ୍ଣବ ହୋଇ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଏମିତିକି ପାଖରେ ଉର୍ଦ୍ଦୁ ସ୍କୁଲ ଆଉ ଅଙ୍ଗନବାଡି କେନ୍ଦ୍ର ଥିଲେ ବି ଛୋଟ ଛୁଆ ଯାଇ ପାରନ୍ତି ନାହିଁ । ଆବଶ୍ୟକସ୍ଥଳେ ପାଣିରେ ପଶି ଗଲେ ଥଣ୍ଡା ଜ୍ୱର ଆଉ ବିଭିନ୍ନ ଚର୍ମରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଏଭଳି ସମସ୍ୟା ଥିଲେ ବି ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବରଂ ଆଗରୁ ବସ୍ତିର ବର୍ଷା ପାଣି ଯାଉଥିବା ବାଟକୁ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାରୁ ତାହା ଅବରୋଧ ହୋଇ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହେଉଛି । ଏହା ସହିତ ଏହି ପାଣି ଭର୍ତ୍ତି ରାସ୍ତାରେ ଅହରହ ଟ୍ରାକ୍ଟର ସହ ଅନ୍ୟ ଭାରି ଯାନ ଚଳାଚଳ କରୁଥିବାରୁ ରାସ୍ତାଟି ବି ଭାଙ୍ଗିରୁଜି ଗଲାଣି। ତୁରନ୍ତ ଏହି ରାସ୍ତାକୁ ମରାମତି ସହିତ ବସ୍ତି ପାଣିକୁ ନିଷ୍କାସନ ନିମନ୍ତେ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହେଉଛି ।

## ବିରଳ ରେକର୍ଡର ଅଧିକାରିଣୀ ଶିଶୁ ସାନଭି

**ଆଳି,୧୨।୭ (ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ସହିରା ପଞ୍ଚାୟତ ସହିରା ଗ୍ରାମର ସାନଭି ରାଉଳ ପିତା ସୌରବ ପ୍ରକାଶ ରାଉଳ ଏବଂ ମାତା ସୁପ୍ରଭା ମଞ୍ଜରୀ ବିଶ୍ୱାଳ ତାଙ୍କର ଶିଶୁ କନ୍ୟା ବିରଳ ରେକର୍ଡର ଅଧିକାରିଣୀ ହୋଇ ପାରିଛନ୍ତି। ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ମାତ୍ର ୨ବର୍ଷ ୪ମାସରେ ଇଣ୍ଡିଆ ବୁକ ଅଫଅଫ ରେକର୍ଡରେ ସ୍ଥାନ ପାଇଛନ୍ତି । ଯାହା ଓଡ଼ିଶା ଓ ସମଗ୍ର ଆଳି ପାଇଁ ଗୌରବାନ୍ୱିତ ଆଣିଛନ୍ତି। ଯେ ଭଲଭାବେ କଥା କହି ଜାଣିନି ଖନଖନ ପାଟିରେ କଥା କହୁଛି



ହେଲେ ଯାହା ଶୁଣୁଛନ୍ତି ବା ଦେଖୁଛନ୍ତି ସେ ସବୁକୁ ମନ ରଖିଦେଉଛନ୍ତି । ସଂଖ୍ୟା ଗଣନାଠାରୁ ସଂସ୍କୃତର ଶ୍ଳୋକ ସବୁ ତତକ୍ଷଣାତ ଉତ୍ତର ଦେଇଦେଉଛନ୍ତି। ଏହି ଅବିଶ୍ୱସନୀୟ ପ୍ରତିଭାର ଅଧିକାରିଣୀ। ହେଲେ ଏହି ବିରଳ ସ୍ମରଣ ଶକ୍ତି ପାଇଁ ଆଜି ସେ ରଚିଛନ୍ତି ରେକର୍ଡ ।

ଏହି କୁନି ପ୍ରତିଭା ହେଉଛନ୍ତି ପୂର୍ବତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ରାଉଳଙ୍କ ନାତୁଣୀ ଯିଏ ଇଂରାଜୀରେ ଜାତୀୟ ସଂକେତ, ବର୍ଣମାଳା, ସଂଖ୍ୟା ଗଣନା, ଇଂରାଜୀ ରାଇମ, ସଂସ୍କୃତ ଶ୍ଳୋକ, ୩ଟି ଟ୍ରାଫିକ ସିଗନାଲ ଏବଂ ତାହାର ଅର୍ଥ, ଇଂରାଜୀରେ ଫଳ ପନିପରିବା, ପଶୁପକ୍ଷୀଙ୍କ ନାମ ଓ ସେମାନଙ୍କୁ ଚିହ୍ନିବା, ସାତବାର, ବାରମାସ ଓ ଯାନବାହାନର ନାମ ଏବଂ ବିଭିନ ପ୍ରକାର ରଙ୍ଗର ନାମ ନିର୍ଭୁଲ ଭାବେ ଉଚ୍ଚାରଣ କରିପାରୁଛନ୍ତି । ଏସବୁର ପାରଦର୍ଶୀତା ପାଇଁ ତାଙ୍କୁ ଚଳିତ ୨୦୨୫ବର୍ଷ ପାଇଁ "ଇଣ୍ଡିଆ ବୁକ ଅଫ ରେକର୍ଡ" ରେ ସ୍ଥାନ ମିଳିଛି । ଏଥିପାଇଁ ପରିବାର ସହ ସାରା ଗ୍ରାମବାସୀ ମଧ ଗର୍ବ ଅନୁଭବ କରିବା ସହ ଶିଶୁଟିର ଭବିଷ୍ୟତ କିପରି ଉଜ୍ଜଳମୟ ହେବ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି ।

## ବଧୂହତ୍ୟା ଅଭିଯୋଗରେ ସ୍ୱାମୀ ଓ ଶାଶୂ କୋର୍ଟ ଚାଲାଣ

**ସାଲେପୁର,୧୨।୭ (ସଂଚାର ବ୍ୟୁରୋ):** ଯୌତୁକ ପାଇଁ ବଧୂକୁ ନିର୍ଯ୍ୟାତନା ଦେବା ସହ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗରେ ଆଜି ସାଲେପୁର ପୁଲିସ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଗତ ମଇ ମାସ ୨୨ତାରିଖ ଦିନ ଧର୍ମାଗଡପୁର ଗ୍ରାମର ଉମାକାନ୍ତ ବେହେରାଙ୍କ ପତ୍ନୀ ସାବିତ୍ରୀ ନାୟକ ଏକ ଘର ଭିତରେ ଆତ୍ମହତ୍ୟା କରିଥିଲେ ବୋଲି ତାଙ୍କ ଶାଶୁଘର ଲୋକେ ତାଙ୍କର ଭାଇ ଜଗତପୁର ଥାନା ଅଞ୍ଚଳର ରାକେଶ ନାୟକଙ୍କୁ ଫୋନ୍ ଯୋଗେ ଅବଗତ କରାଇଥିଲେ। ଏହା ପୂର୍ବରୁ ସାବିତ୍ରୀକୁ ତା'ର ଶାଶୁ ଘର ଲୋକେ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇଆସୁଥିଲେ। ସାବିତ୍ରୀକୁ ହତ୍ୟା କରି ଶାଶୁ ଓ ସ୍ୱାମୀ ଆତ୍ମହତ୍ୟାର ରୂପ ଦେଇଥିବା ନେଇ ସାବିତ୍ରୀର ଭାଇ ରାକେଶ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି କେସ୍ ନଂ-୨୨୭/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବାବେଳେ ଆଜି ଏହି ଘଟଣାରେ ମୃତା ସାବିତ୍ରୀର ଶାଶୁ ପ୍ରେମଲତା ବେହେରା ଓ ସ୍ୱାମୀ ଉମାକାନ୍ତ ବେହେରାଙ୍କୁ ଯୌତୁକ ନିର୍ଯ୍ୟାତନା ଓ ହତ୍ୟା ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିବା ସାଲେପୁର ଥାନା ଆଇ.ଆଇ.ସି. ଅନିତା ସାହୁ ପ୍ରକାଶ କରିଛନ୍ତି।

## ସମ୍ବିଧାନ ବଞ୍ଚାଅ ସମାବେଶରେ ମାହାଙ୍ଗା ଅଞ୍ଚଳର କଂଗ୍ରେସ ନେତା ଓ କର୍ମୀଙ୍କ ଯୋଗଦାନ


**ମାହାଙ୍ଗା,୧୨।୭ (ସଂଚାର ବ୍ୟୁରୋ):** ଗତକାଲି ୧୧ତାରିଖରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ବରମୁଣ୍ଡା ପଡ଼ିଆ ଠାରେ ଅନୁଷ୍ଠିତ ସମ୍ବିଧାନ ବଞ୍ଚାଅ ସମାବେଶ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ଭାରତବର୍ଷର ଜନନାୟକ, ଲୋକସଭାର ବିରୋଧୀଦଳର ନେତା ସମ୍ମାନନୀୟ ରାହୁଲ ଗାନ୍ଧୀ ମହୋଦୟ, ଅଖିଳଭାରତୀୟ କଂଗ୍ରେସ ଦଳର ସଭାପତି ତଥା ରାଜ୍ୟସଭାର ବିରୋଧୀ ଦଳର ନେତା ମାଲିକାର୍ଜୁନ ଖଡଗେ, ଅଖିଳଭାରତୀୟ ଜାତୀୟକଂଗ୍ରେସ ଦଳର ସଂଗଠକ କେସି ବେନୁଗୋପାଳଙ୍କ ସମେତ କଂଗ୍ରେସ ଦଳର ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଏହି ଅବସରରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ତଥା ସମାଜସେବୀ ଦେବେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ରମାକାନ୍ତ ବେହେରା, ଅଲେଖପ୍ରସାଦ ସ୍ୱାଇଁ, ଚୈତନ୍ୟ ଚରଣ ପାଣି, ଦେବେନ୍ଦ୍ର ପରିଡ଼ା, ଉତ୍ତମ ବେହେରା, ସରୋଜ କୁମାର ପରିଡ଼ା, ସଚିନ୍ଦ୍ର ବାରିକ, ଅରବିନ୍ଦ ପଣ୍ଡା, ବିବେକାନନ୍ଦ ମହାପାତ୍ର, ତ୍ରିଲୋଚନ ସାମଲ, ରଞ୍ଜନ ସାମଲଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ହୃଦ୍‌ଘାତରେ ପରଲୋକ



**ସାଲେପୁର,୧୨।୭ (ସଂଚାର ବ୍ୟୁରୋ):** ପୁରୁଣାହାଟ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗତକାଲି ସମିତଙ୍ଗା ଗ୍ରାମର ଶରତ ଚନ୍ଦ୍ର ଭୂୟାଁ(୭୦) ଘରେ ଶୋଇଥିବାବେଳେ ଭୋର ସମୟରେ ତାଙ୍କର ହୃଦ୍‌ଘାତ ହେବା ସହ ଘଟଣାସ୍ଥଳରେ ତାଙ୍କର ପରଲୋକ ହୋଇଯାଇଥିଲା। ସେ ଜଣେ ଏକାଧାରରେ ଦ୍ୱୀପାଞ୍ଚଳର ରାଜନେତା, ସମାଜସେବୀ ଓ ଜଣେ ସୁଲେଖକ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ତାଙ୍କ ଲେଖା "ଖଜୁରୀ ଗଛର କି' ଗୁଣ ଗାଇବି, ମୂଳରୁ ପାହାଚ ପାହାଚ" ବେଶ ଲୋକପ୍ରିୟ ହୋଇଥିଲା। ସେ ପୁରୁଣାହାଟ ପଞ୍ଚାୟତର ଜଣେ ଦକ୍ଷ ସରପଞ୍ଚ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ମଧ ସୃଷ୍ଟି କରିଥିଲେ। ତାଙ୍କର ବିୟୋଗରେ ବିଜେପି ନେତା ଅରିନ୍ଦମ ରାୟ, ସତ୍ୟବାଦୀ ଚଇନି, ସୁଶାନ୍ତ ବେହେରା, ଅମିତ୍ ମହାନ୍ତି, ତଥା ପୁରୁଣାହାଟ ଗ୍ରାମପଞ୍ଚାୟତବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ୨ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ପୁତୁରା, ପୁତୁରାବୋହୂ, ନାତିନାତୁଣୀ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ତାଙ୍କର ପୁତୁରା ଚନ୍ଦ୍ରକାନ୍ତ ଭୂୟାଁ ତାଙ୍କୁ ମୁଖାଗ୍ନୀ ଦେଇଥିଲେ।

## ଅଙ୍ଗଦାନ ପାଇଁ ସଂକଳ୍ପପତ୍ରରେ ନରେନ୍ଦ୍ରଙ୍କ ସ୍ୱାକ୍ଷର



**ପଟ୍ଟାମୁଣ୍ଡାଇ,୧୨।୭(ସଂଚାର ବ୍ୟୁରୋ)** ସାମ୍ପ୍ରତିକ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଅଚଳ ହେବା ଯୋଗୁଁ ରୋଗୀ ନିଶ୍ଚିତ ମୃତ୍ୟୁକୁ ଆବୋରି ନେଉଛି । ମାତ୍ର ଚିକିତ୍ସା ବିଜ୍ଞାନର ଅଗ୍ରଗତି ଯୋଗୁଁ ଅଚଳ ଅଙ୍ଗ ପ୍ରତ୍ୟଙ୍ଗକୁ ଅସ୍ତ୍ରୋପଚାର ମାଧମରେ କାଢି ନିଆଯାଇ ନୂତନ ଅଙ୍ଗ ପ୍ରତ୍ୟଙ୍ଗ ରୋପଣ ଫଳରେ ରୋଗୀ ପୁନଃ ଜୀବନ ପାଉଛି । ଏହାଛଡା ମଣିଷ ଶରୀରରେ ପ୍ରତ୍ୟରୋପଣ ପାଇଁ ଅନୁପଯୁକ୍ତ ଅଙ୍ଗ ବିଭିନ୍ନ ପରୀକ୍ଷାଗାରରେ ଛାତ୍ରଛାତ୍ରୀ ଓ ବୈଜ୍ଞାନିକଙ୍କ ଗବେଷଣାରେ ଲାଗି ପାରୁଛି। ଏଇ ପରିପ୍ରେକ୍ଷୀରେ ବହୁ ଅମୂଲ୍ୟ ଜୀବନ ରକ୍ଷା ପାଇଁ ଅଙ୍ଗଦାନ ମହତ ଦାନ କାର୍ଯ୍ୟକ୍ରମ ପ୍ରତି ବିପୁଳ ସମର୍ଥନ ମିଳିଛି। ବାସ୍ତବରେ ଏ ନେଇ ସୃଷ୍ଟି ହୋଇଥିବା ସଚେତନତା ଫଳରେ ଏହା ବାସ୍ତବରେ ଆନ୍ଦୋଳନରେ ପରିଣତ ହୋଇଛି । ଓଡିଶାରେ ଅଙ୍ଗଦାନ ମହତ ଦାନ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ବ୍ୟାପକ କ୍ଷେତ୍ର ପ୍ରସ୍ତୁତ କରାଯାଇଛି । ଅଙ୍ଗଦାନ ଅଭିଯାନ ପ୍ରଚାର ପ୍ରସାର କମିଟି ଅଧକ୍ଷ ଡ଼ ପ୍ରଭାସ ଆଚାର୍ଯ୍ୟ ଏହି ଅଭିଯାନର ନେତୃତ୍ୱ ନେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ପଂଚାୟତ ଧଳ ସାହିର ଯୁବସମାଜସେବୀ ନରେନ୍ଦ୍ର ଧଳ ଅଙ୍ଗଦାନ ମହତଦାନ ଅଭିଯାନରେ ସ୍ୱେଚ୍ଛାକୃତ ଭାବେ ସାମିଲ ହୋଇ ମୃତ୍ୟୁ ପରେ ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏଥି ପାଇଁ ସେ ଅଙ୍ଗଦାନ ପାଇଁ ସଂକଳ୍ପ ପତ୍ରରେ ସ୍ୱାକ୍ଷର କରିଛନ୍ତି । ତାଙ୍କର ଏହି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ବନ୍ୟା ପାଣି ଘେରରେ ଶହ ଶହ ଏକର ଚାଷଜମି

**ରାଜନଗର,୧୨।୭ (ସଂଚାର ବ୍ୟୁରୋ):** ଲଗାଣ ବର୍ଷା ପରେ ରାଜନଗରରେ ବନ୍ୟା ପାଣି ଚାଷଜମିରେ ମାଡି ଯାଇଛି। ଗତକାଲି ରାତିରୁ ରାଜନଗର ଅଞ୍ଚଳରେ ବନ୍ୟା ପାଣି ବଢ଼ିବାରେ ଲାଗିଛି। ରେଙ୍ଗାଲିରୁ ବନ୍ୟାଜଳ ଛାଡ଼ିବା ପରେ ବ୍ରାହ୍ମଣୀ ଫୁଲିବାରେ ଲାଗିଛି। ବଡ଼ଧରଣର ବନ୍ୟା ଆସିନଥିଲେ ମଧ ଏହି ବନ୍ୟାଜଳ ଯୋଗୁଁ ଧାନତଳି ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଚଳିତବର୍ଷ ରଜ ପରଠାରୁ ଲଘୁ ଚାପଜନିତ ଲଗାଣ ବର୍ଷା ତଳିଘେରା ପ୍ରସ୍ତୁତ କରିବାରେ ବାଧକ ସାଜିଛି। ବ୍ରାହ୍ମଣୀରେ ପ୍ରବାହିତ ବନ୍ୟାଜଳ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି।



ରାଜନଗର ବ୍ଲକ ବନ୍ଦପଡା ପଞ୍ଚାୟତର ଚକିବାଙ୍କ, ଫିଁରିକିଦାଣ୍ଡି, ଗୋବିନ୍ଦପୁର, ସଭପଡ଼ା, ଟାଙ୍ଗଣତୈଳା, ବନ୍ଦପଡ଼ା, ଓସ୍ତିଆ ପଞ୍ଚାୟତର ନଗଡ଼, ନଳଦିଆ, କଟକଣା, ବନ୍ଦପାଟଣା, ଓସ୍ତିଆ, ବେଲପାଳ ପଞ୍ଚାୟତ, ରାଜପୁର ପଞ୍ଚାୟତର ରାଜପୁର, ବାଲିଚନ୍ଦ୍ରପୁର, ଚନ୍ଦନପୁର, ବଳଭଦ୍ରପ୍ରସାଦ, କେରଡ଼ାଗଡ଼ ପଞ୍ଚାୟତ, ବାଲିସାହିପାଟଣା ପଞ୍ଚାୟତର ଶହ ଶହ ଏକର ଜମିର ତଳିଘେରା ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ବନ୍ଦପଡା ପଞ୍ଚାୟତର ସଭପଡା ଗାଁର ଶ୍ରୀନିବାସ ବାରିକ, କିଶୋର ବାରିକ, କାଳନ୍ଦି ବାରିକ, କେଦାର ବାରିକଙ୍କ ଘର ବନ୍ୟା ପାଣି ଘେରରେ ରହିଛି। ଗାଁର ହନୁମାନ ମନ୍ଦିର ପାଣି ଘେରରେ ଥିବାବେଳେ ଫିଁରିକିଦାଣ୍ଡିସ୍ଥିତ କଣସରା ବିଦ୍ୟାଶ୍ରମ ଚାରିପାଖରେ ବନ୍ୟା ପାଣି ମାଡିଯାଇଛି। ବଳଭଦ୍ରପୁର-ରାଜପୁର ରାସ୍ତାରେ ଜୁଆର ସମୟରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଅଛି। ୬ଟି ପଞ୍ଚାୟତର ଧୋୟା ଅଞ୍ଚଳରେ ଥିବା ଖରିଫ ଧାନଚାଷ ଓ ପନିପରିବା ଫସଲ ବନ୍ୟା ଜଳରେ ବୁଡି ରହିଛି।

## ଦୁଷ୍କର୍ମ ଅଭିଯୁକ୍ତକୁ ୧୦ବର୍ଷ କାରାଦଣ୍ଡ ସହ ଜୋରିମାନା

**ଡେରାବିଶ,୧୨।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଫାଷ୍ଟ ଟ୍ରାକ କୋର୍ଟରେ କେନ୍ଦ୍ରପଡା ଜିଲ୍ଲା ସଦର ଥାନା ଅନ୍ତଗତ ପାଣିଗୁଳା ଗ୍ରାମର ମାନସ କୁମାର ସାମଲ ନାମକ ଯୁବକ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କାର ଜରିମାନା ହୋଇଛି।

ସୂଚନା ଅନୁଯାଇ ଗତ ୨୦୨୩ ମସିହାରେ ଗଣ ଦୁଷ୍କର୍ମର ଶୀକାର ସଂମ୍ପୃକ୍ତ ଭିନ୍ନକ୍ଷମ ଯୁବତୀ ନିଜ ଘରେ ଏକା ଥିବା ସମୟରେ ଅଭିଯୁକ୍ତ ମାନସ ସାମଲ ଯୋର ଜବରଦସ୍ତ ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ । ସଂମ୍ପୃକ୍ତ ଭିନ୍ନକ୍ଷମ ଯୁବତୀଙ୍କ ବାପା ଜଣେ ଗରିବ ଶ୍ରେଣୀର ସେ କଲିକତାରେ କାର୍ଯ୍ୟକରି ରୋଜଗାର କରନ୍ତି । ଏ ସଂକ୍ରାନ୍ତ ସଦର ଥାନରେ କେସ୍ ନଂ ଆର୍ ୧୧/୨୦୨୩ ମାମଲା ରୁଜୁ କରାଯାଇ ଥାନା ପକ୍ଷରୁ ତଦନ୍ତ କରାଯାଇଥିଲା। ଦୀର୍ଘ ଦୁଇ ବର୍ଷ ପରେ ଆସାମୀ ମାନସ ସାମଲଙ୍କୁ ଜିଲ୍ଲା ଫାଷ୍ଟ ଟ୍ରାକ କୋର୍ଟରେ ୧୮ଜଣ ସାକ୍ଷୀଙ୍କ ସାକ୍ଷକୁ ଭିତି କରି ଜି.ଆର୍ କେସ୍ ନଂ ୨୬୦୨୩ରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଓ ଏହି ମାମଲା ରେ ଆସାମୀଙ୍କୁ ୧୦ ବର୍ଷ ଜେଲ ଓ ଦଶ ହଜାର ଟଙ୍କାର ଆର୍ଥୀକ ଜୋରିମାନାରେ ଦଣ୍ଡିତ କରିଥିଲେ ବିଚାରପତି ବିକ୍ରମ ଚେନାରାଓ ।

## ଡେରାବିଶ ବ୍ଲକ୍‌ରେ ବିଇଓ ନିଯୁକ୍ତି ଦାବି




**ଡେରାବିଶ,୧୨।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରେ ଅଢ଼େଇ ମାସ ଧରି ବିଇଓ ପଦବୀ ଖାଲିପଡ଼ିଥିବାରୁ ବ୍ଲକରେ ଶିକ୍ଷା କାର୍ଯ୍ୟାଳୟ ତଥା ଶିକ୍ଷା ବ୍ୟବସ୍ଥାରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି । ଗତ ଏପ୍ରିଲ ୩୦ ତାରିଖଠାରୁ ଡେରାବିଶ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରାଙ୍କ ପଦୋନ୍ନତି ହେବାରୁ ସେ ଏଠାରୁ କେନ୍ଦୁଝର ଜିଲ୍ଲାକୁ ବଦଳି ହୋଇଛନ୍ତି । ସେବେଠାରୁ ଡେରାବିଶରେ ଏହି ପଦବୀ ଫାଙ୍କ ପଡ଼ିଛି। ଫଳରେ ବ୍ଲକ ଅଧୀନସ୍ଥ ବିଦ୍ୟାଳୟର ଇନ୍ସପେକ୍ସନ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନାହିଁ। ଏଥିସହିତ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଆସୁଥିବା ବିଭିନ୍ନ ସମସ୍ୟା ଏପରିକି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ହେଉଥିବା ବିଭିନ୍ନ ଅଭିଯୋଗର ମଧ ସମାଧାନ ହୋଇପାରୁନି । ଏପରିକି ବ୍ଲକ ଅନ୍ତର୍ଗତ ବହୁ ଶିକ୍ଷକ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସୁଥିଲେ ମଧ ସ୍ଥାୟୀ ବ୍ଲକ ଶିକ୍ଷାଧିକାରୀ ନଥିବାରୁ ନିରାଶ ହୋଇ ଫେରୁଛନ୍ତି । ଏପରି ସ୍ଥଳେ ଡେରାବିଶ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଜଣେ ବ୍ଲକ ଶିକ୍ଷାଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ବ୍ଲକ ଅଞ୍ଚଳର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରାଭିଭାବକ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଟେରାକୋଟା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ

**ଗରଦପୁର,୧୨।୭ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଗରଦପୁର ବ୍ଲକ ସାନ ଅଢ଼ଙ୍ଗା ଗ୍ରାମପଞ୍ଚାୟତ, କୋରୁଆ ଗ୍ରାମରେ ଥିବା କୁମାର ସାହି କ୍ଲବ ସଭାଗୃହ ଠାରେ ଶିଳ୍ପୀ ଗ୍ରାମ୍ୟ ଯୋଜନାରେ ଟେରାକୋଟା ହସ୍ତଶିଳ୍ପର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏହି ଗ୍ରାମର ମା ତାରିଣୀ ଓ ଶ୍ରୀ ବିନାୟକ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ଜଣ ମହିଳା କାରିଗରଙ୍କୁ ନେଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଛଅ ମାସ ଧରି ଅନୁଷ୍ଠିତ ହେବ। ଉଦଘାଟନ କାର୍ଯ୍ୟକ୍ରମରେ ପରିବାର ଅନୁଷ୍ଠାନର ସମ୍ପାଦକ ପ୍ରମୋଦ କୁମାର ନାୟକ ସଂଯୋଜନା କରିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ତ ଶିଳ୍ପ, ଉପନିର୍ଦ୍ଦେଶକ ସନ୍ତୋଷ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ହସ୍ତଶିଳ୍ପ ମାଧମରେ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧରେ ହସ୍ତଶିଳ୍ପ ବିକାଶ ଅଧିକାରୀ ସତ୍ୟଜିତ ବେହେରା,ସାନଅଢଙ୍ଗା ଗ୍ରାମ ପଂଚାୟତର ସରପଂଚ ଅଭୟ ମଲ୍ଲ,ପ୍ରଶିକ୍ଷିକା କାଞ୍ଚନ ବେହେରା,ପ୍ରଶିକ୍ଷିକ ରଜତ କୁମାର ସାହୁ,ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ସଙ୍ଗଠକ ବାନାମ୍ବର ମୁଦୁଲି ଧନ୍ୟବାଦ ଅର୍ପଣ କରିଥଲେ।





## ବସୁନ୍ଧରା ଯୋଜନାରେ ଭୂମିହୀନ ପରିବାରକୁ ଘରଡିହ ଦେବାକୁ ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା,୧୨।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତା ରେ ଏକ ରାଜସ୍ୱ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲପାଳ ରବିନ୍ଦ୍ର କୁମାର ମଲିକଙ୍କ ତତ୍ୱବଧାନ ରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ବସୁନ୍ଧରା ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଘରଡିହ ନଥିବା ପରିବାରକୁ ଚିହ୍ନଟ କରି ସେମାନଙ୍କୁ ଜାଗା ଯୋଗାଇବା, ଜବରଦଖଲ ରେ ଥିବା ସରକାରୀ ଜମିକୁ ମୁକ୍ତ କରିବା, ସରକାରୀ ଜମି ଗୁଡିକର ସୁରକ୍ଷା ପାଇଁ ତାର ବାଡ ଦେବା, ଡେରାବିଶ, କେନ୍ଦ୍ରାପଡା, ରାଜନଗର, ମାର୍ଶାଘାଇ ତହସିଲ ଅଂଚଳରେ ହାଇଟେକ ସର୍ଭେ କରି ଚାଷ ଜମି, ସରକାରୀ ଜାଗା, ଘରବାଡି ଇତ୍ୟାଦି ଗୁଡିକୁ ଚିହ୍ନଟ କରିବା, ମ୍ୟୁଟେସନ ମାମଲା ଗୁଡିକୁ ଯଥାଶିଘ୍ର ସମାଧାନ କରି ତୁରନ୍ତ ପଟା ପ୍ରଦାନ କରିବା ଆଦି ସଂପର୍କରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲିକ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ବିଭାଗୀୟ ଅଧିକାରୀଙ୍କୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ଲାଇନ ଡିପାଟମେଣ୍ଟ ର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଜମି ଅଧିଗ୍ରହଣ ମାମଲାର ସମାଧାନ ପାଇଁ ଉଚ୍ଚସ୍ତରୀୟ ଆଲୋଚନା

**କେନ୍ଦ୍ରାପଡ଼ା୧୨।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଆବାସିକ କାର୍ଯ୍ୟାଳୟ ରେ ଜମି ଅଧିଗ୍ରହଣ ମାମଲା ସଂପର୍କରେ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲପାଳ ରବିନ୍ଦ୍ର କୁମାର ମଲିକ, ଉପ ଜିଲ୍ଲପାଳ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ମାର୍ଶାଘାଇ, ମହାକାଳପଡା, ଡେରାବିଶ ଅଂଚଳ ଗୁଡିକରେ ସରକାରୀ ଜମି ଗୁଡିକୁ ଚିହ୍ନଟ କରି ଇଡକୋ କୁ ହସ୍ତାନ୍ତର କରିବା ପାଇଁ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ବିଭିନ୍ନ ତହସିଲ ଅଂଚଳରେ ସରକାରୀ ଜମିକୁ ଜବରଦଖଲ କାରୀଙ୍କ ଠାରୁ ମୁକ୍ତ କରି ସେମାନଙ୍କ ଠାରୁ ଜରିମାନା ଆଦାୟ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ରାଜସ୍ୱ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।



## ଶୁଖିଲା ଡାଳ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ମାହାଙ୍ଗା,୧୨।୭ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକର ନୂତାଙ୍ଗ ଗ୍ରାମରେ ଏକ ଅଘଟଣ ଘଟିଯାଇଛି। ଏହି ଗ୍ରାମରେ ନିରୋଧ ଚନ୍ଦ୍ର ବାରିକଙ୍କ ସ୍ତ୍ରୀ ବେଙ୍ଗଲତା ବାରିକ(୮୦) ବିଲରେ କାମ କରୁଥିବା ମୁଲିଆଙ୍କ ପାଇଁ ଖାଦ୍ୟ ନେଇ ଯାଉଥିବା ସମୟରେ ରାସ୍ତ କଡରେ ଥିବା ଗଛରୁ ଏକ ଶୁଖିଲା ଡାଳଭାଙ୍ଗି ତାଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବେଙ୍ଗଲତା ବାରିକଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ବେଙ୍ଗଲତାଙ୍କ ମୃତ ଶରୀରକୁ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା।

### ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଙ୍ଗନବାଡ଼ି କେନ୍ଦ୍ର

# କଥା ଦେଇ ଭୁଲିଗଲା ପ୍ରଶାସନ



**କେନ୍ଦ୍ରାପଡ଼ା,୧୨।୭ (ସଂଚାର ବ୍ୟୁରୋ):** ଶିଶୁ ବିକାଶ କ୍ଷେତ୍ରରେ ସରକାରଙ୍କ ନାହିଁ ନଥିବା ପ୍ରସ୍ତୁତି କିନ୍ତୁ ଫେଲ ମାରୁଛି। ଅଭିଯୋଗ ପରେ ସମସ୍ତ ଅଧିକାରୀ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନରେ ଆସିଛନ୍ତି ଶିଶୁଙ୍କ ଅସୁବିଧା ହୃଦୟଙ୍ଗମ ମଧ କରିଛନ୍ତି। ଏସବୁକୁ ଯଥା ଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ମଧ ଦେଇଛନ୍ତି କିନ୍ତୁ ପରେ ସବୁ କିଛି ଭୁଲି ଯାଇଛନ୍ତି ବୋଲି ଏମିତି ଏକ ଅଭିଯୋଗ ଡେରାବିଶ ବ୍ଲକ୍ ଅଧୀନସ୍ଥ ବସୁପୁର ପଞ୍ଚାୟତ ଅନ୍ତର୍ଗତ ଭାଣ୍ଡିଲୋ ଗ୍ରାମର ଗ୍ରାମବାସୀ କରିଛନ୍ତି ।

ଭାଣ୍ଡିଲୋ ଗ୍ରାମର ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗତ ଏପ୍ରିଲ ୨୦୨୫ ମାସରେ ଭାଣ୍ଡିଲୋ ଗ୍ରାମରେ ଏକ ଅସ୍ଥାୟୀ ଘରେ ଚାଲୁଥିବା ଏକ ଅଙ୍ଗନବାଡି କେନ୍ଦ୍ରର କୋମଳମତି ଶିଶୁଙ୍କ ବିକାଶ ଏବଂ ସୁରକ୍ଷାରେ ବ୍ୟାପକ ଅବ୍ୟବସ୍ଥା ବିଷୟରେ ପ୍ରଶାସନର ଦୃଷ୍ଟି ଗୋଚର କରାଯାଇଥିଲା । ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ହରପ୍ରିୟା ଦେବୀ, ପଞ୍ଚାୟତ ସମିତି ଉନ୍ନୟନ ଅଧିକାରିଣୀ ନମିତା ବାରିକ, ଡେରାବିଶ ଅତିରିକ୍ତ ତହସିଲଦାରଙ୍କ ସହ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଅଙ୍ଗନବାଡି କେନ୍ଦ୍ରର ସମସ୍ୟା ହୃଦୟଙ୍ଗମ କରି ଏହାର ତ୍ୱରିତ ସମାଧାନ ପାଇଁ ପଞ୍ଚାୟତ ପାଣ୍ଠି ବିନିଯୋଗ କରି ଅସମ୍ପୂର୍ଣ୍ଣ ଅଙ୍ଗନବାଡି କେନ୍ଦ୍ରକୁ ସମ୍ପୂର୍ଣ୍ଣ କରିବା ସହ ସେଠାକୁ ଆସୁଥିବା କୋମଳମତି ଶିଶୁଙ୍କ ସୁରକ୍ଷାକୁ ଆଖି ଆଗରେ ରଖି କାଦୁଅ ରାସ୍ତା ଏବଂ ଅଙ୍ଗନବାଡି ପରିସରରେ ଥିବା ଦୁଇଟି ଗଭୀର ଖାଲଗୁଡ଼ିକୁ ପୋତିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜିକୁ ୪ ମାସ ବିତି ଯାଇଥିଲେ ମଧ କୌଣସି ଗୋଟେ କାମ ନହେବା ଆଜି ପ୍ରଶାସନିକ ବିଧି ବ୍ୟବସ୍ଥା ଉପରେ ଏକ ଶକ୍ତ ଚାପୁଡ଼ା ସଦୃଶ ହୋଇଛି ।

### ଶିଶୁଙ୍କ ବିକାଶ ଦିଗରେ କାହିଁକି ଦିଆଯାଉ ନାହିଁ ଗୁରୁତ୍ୱ

ବର୍ଷା ଦିନ ଚାଲୁ ରହିଥିବାରୁ କାଦୁଅ ପଚପଚ ରାସ୍ତାରେ ଶିଶୁମାନେ ପଡ଼ି ଖଣ୍ଡିଆ ଖାବରା ହେବା ସହ ପାଖରେ ଥିବା ବଡ଼ ବଡ଼ ଖାଲ ଗୁଡ଼ିକରେ ପାଣି ଭର୍ତ୍ତି ଯୋଗୁଁ କେତେବେଳେ ମଧ ଜୀବନ ପ୍ରତି ବିପଦ ଅଛି। ଅନ୍ୟପକ୍ଷରେ ଏହାକୁ ନେଇ ବିଡିଓ ନମିତା ବାରିକଙ୍କୁ ପଚାରିବାରୁ ସେ ସ୍ଥାନୀୟ ସରପଞ୍ଚଙ୍କୁ କହିଦେଇ ତାଙ୍କର ଦାୟିତ୍ୱ ତୁଲାଇଥିବା ବେଳେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଏ ବିଷୟରେ କିଛି ସାହାର୍ଯ୍ୟ କରିପାରିବେ ନାହିଁ କହି ନିଜକୁ ଏ ପ୍ରସଙ୍ଗରୁ କାଢ଼ି ନେଇଛନ୍ତି । କିନ୍ତୁ ଉପଜିଲ୍ଲାପାଳ ପୁନର୍ବାର ଦେଖିବା କହିଥିବା ବେଳେ ଗ୍ରାମବାସୀ କିନ୍ତୁ ପିଲାଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ଏପରି ପ୍ରଶାସନିକ ଅବ୍ୟବସ୍ଥାକୁ ଏଥରର ଲୋକଙ୍କ ସରକାର କୁହାଯାଉଥିବା ଉପମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିଗୋଚର କରିବେ ବୋଲି ଅଣ୍ଟା ଭିଡିଛନ୍ତି ।

# ଜୀବିତ ରୋଗୀଙ୍କୁ ମୃତ ଦେଖାଇ ହରଡ଼ଘଣାରେ ହସ୍ପିଟାଲ୍

**କଟକ,୧୨।୭(ସଂଚାର ବ୍ୟୁରୋ):** କଟକ କୃଷକ ବଜାରସ୍ଥିତ ଏକ ଘରୋଇ ହସ୍ପିଟାଲ ନାଁରେ ଆସିଛି ସାଂଘାତିକ ଅଭିଯୋଗ। ଜୀବିତ ଥିବା ଜଣେ ରୋଗୀଙ୍କୁ କାଗଜପତ୍ରରେ ମାରିଦେଇଛି ହସ୍ପିଟାଲ। କଟକ ବିଡ଼ାନାସୀ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ ହୋଇଛି। କଟକ ରାଣୀହାଟ ଅଞ୍ଚଳର ଜଣେ ଉକ୍ତ ହସ୍ପିଟାଲରେ ଆୟୁଷ୍ମାନ କାର୍ଡରେ ଚିକିତ୍ସିତ ହୋଇ ଡିସଚାର୍ଜ ହୋଇଥିଲେ। କିନ୍ତୁ ଗତକାଲି ପୁଣି ଦେହ ଖରାପ ହେବାରୁ ସେ ସେଠାକୁ ଯାଇଥିଲେ ମଧ୍ୟ ତାଙ୍କୁ ଫେରାଇ ଦିଆଯାଇଥିଲା। ପରିବାର ଲୋକେ ଅନ୍ୟ ଏକ ହସ୍ପିଟାଲକୁ ଯାଇ କାର୍ଡ ଦେଖାଇଥିଲେ ହେଁ ରୋଗୀ ଜଣଙ୍କ ମୃତ ବୋଲି ପୋର୍ଟାଲରେ ଥିବା ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

## ଓସିଏ କନଫରେନ୍ସ ହଲ୍‌ରେ ଲାଗିଲା ନିଆଁ, ଅନେକ ଆସବାବପତ୍ର ପୋଡି ନଷ୍ଟ



**କଟକ,୧୨।୭ (ସଂଚାର ବ୍ୟୁରୋ) :** ଓଡ଼ିଶା କ୍ରିକେଟ ଆସୋସିଏସନ ପରିସରରେ ଅଗ୍ନିକାଣ୍ଡ । ଓସିଏ କନଫରେନ୍ସ ହଲରେ ଶନିବାର ନିଆଁ ଲାଗିବାରୁ ଅନେକ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି । ତେବେ ଦମକଳ ବାହିନୀର ତ୍ୱରିତ ପଦକ୍ଷେପ କାରଣରୁ ନିଆଁକୁ ଆୟତ୍ତ କରାଯାଇଛି । ଶନିବାର ଅପରାହ୍ନ ପ୍ରାୟ ୨ଟା ୧୫ ସମୟରେ ନିଆଁ ଲାଗିଥିଲା । କନଫରେନ୍ସ ହଲ୍ ପରିସରରୁ ଧୂଆଁ ବାହାରୁଥିବା ଦେଖି ଓସିଏ କର୍ମକର୍ତ୍ତା ମାନେ ଦମକଳ ବାହିନୀକୁ ଖବର ଦେଇଥିଲେ । ବକ୍ସି ବଜାର ଦମକଳ କେନ୍ଦ୍ରର ଗୋଟିଏ ଟିମ୍ ସେଠାର ପହଞ୍ଚି ତୁରନ୍ତ ପଦକ୍ଷେପ ନେଇଥିଲା । ଖୁବ୍ କମ୍ ସମୟ ଭିତରେ ନିଆଁକୁ ଆୟତ୍ତ କରାଯାଇପାରିଛି । ତେବେ ସର୍ଟ ସର୍କିଟ କାରଣରୁ ନିଆଁ ଲାଗିଥିବା କହିଛି ଅଗ୍ନିଶମ ବିଭାଗ । ନିଆଁ ଲାଗିବା କାରଣରୁ କନଫରେନ୍ସ ହଲରେ ଅନେକ କ୍ଷୟକ୍ଷତି ହୋଇଛି ।

# ଦେଶ ଅର୍ଥନୀତିକୁ ସଶକ୍ତ କରିଛି ସିଏସସି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୨।୭(ସଂଚାର ବ୍ୟୁରୋ):** ସରକାରୀ ସେବାକୁ ସୁବିଧାରେ ଓ ନିରପେକ୍ଷ ଭାବେ ଲୋକଙ୍କ ନିକଟରେ ପହଞ୍ଚାଇବାରେ କମନ୍ ସର୍ଭିସ ସେଣ୍ଟର (ସିଏସସି) ଏକ ପ୍ରମୁଖ ମାଧ୍ୟମ ହୋଇଛି। ପୂର୍ବରୁ କଂଗ୍ରେସ ସରକାରରେ ଦିଲ୍ଲୀରୁ ହିତାଧିକାରୀଙ୍କ ପାଖକୁ ଆସୁଥିବା ଅର୍ଥର ବାଟମାରଣା ହେଉଥିଲା। ମାତ୍ର ଏବେ ଡବଲ ଇଞ୍ଜିନ ସରକାରରେ ଶାସନରୁ ଦୁର୍ନୀତି ଦୂର ହୋଇଛି, ସ୍ୱଚ୍ଛ ଓ ପାରଦର୍ଶୀ ଉପାୟରେ ସିଏସସି କେନ୍ଦ୍ର ମାଧ୍ୟମରେ ଲୋକଙ୍କ ଖାତାରେ ସିଧାସଳଖ ଟଙ୍କା ପହଞ୍ଚୁଛି ବୋଲି ଆଜି ଏଠାରେ 'ସିଏସ୍‌ସି'ର ଷୋଡ଼ଶ ପ୍ରତିଷ୍ଠା ଦିବସରେ

- ରାଜ୍ୟରେ ସିଏସ୍‌ସି ମାଧ୍ୟମରେ ଇ-ଡିଷ୍ଟ୍ରିକ୍ଟ ସର୍ଭିସର ଶୁଭାରମ୍ଭ
- ପିଏମ୍‌ୟୁଜେ ସଫଳତାରେ ସିଏସ୍‌ସି ସେଣ୍ଟର ପ୍ରମୁଖ ଭୂମିକା

ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସିଏସସି ସେଣ୍ଟର ସଂକ୍ରାନ୍ତ ନିଜ ଅନୁଭୂତି ପ୍ରକାଶ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ଗାଁରୁ ସହର ପର୍ଯ୍ୟନ୍ତ ସିଏସ୍‌ସିଗୁଡ଼ିକ ଲୋକଙ୍କ ହାତପାହାନ୍ତାରେ



ପହଞ୍ଚିଛି। ଲୋକମାନେ ଏହି ସେବା ଦ୍ୱାରା ବିଶେଷ ଭାବେ ଉପକୃତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରରେ ସାଧାରଣ ସେବା କେନ୍ଦ୍ରଗୁଡ଼ିକର ରୂପରେଖ ବଦଳିଛି। ସିଏସସି ଯୋଜନା ଡିଜିଟାଲ୍ ଇଣ୍ଡିଆର ଏକ ମୂଳଦୁଆ ପାଲଟିଛି। ଡିଜିଟାଲ୍ ବିଭାଜନକୁ ଦୂର କରି ସାରା ଦେଶରେ ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରିଛି। ସିଏସସି ମାଧ୍ୟମରେ ବିଗତ ୧୧ ବର୍ଷରେ ୪୫ ଲକ୍ଷ କୋଟି ଟଙ୍କାର କାରବାର ହୋଇଛି, ଯାହା ଏକ ବଡ଼ ଉପଲବ୍ଧି। ଏହାଦ୍ୱାରା ଦେଶର ଅର୍ଥନୀତି ମଜବୁତ ହୋଇଛି। ସେହିପରି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁଜେ)ର ଲାଭ ହିତାଧିକାରୀଙ୍କୁ ପହଞ୍ଚାଇବାରେ ସିଏସସିର ପ୍ରମୁଖ ଭୂମିକା ରହିଛି। ସୁଭଦ୍ରା ଯୋଜନା ସମେତ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନାର ଲାଭ, ବ୍ୟାଙ୍କିଙ୍ଗ ସେବା, ଆଧାର ସେବା, ଶିକ୍ଷା ସେବା, ଡିଜିଟାଲ ସାକ୍ଷରତା, ଟେଲିମେଡିସିନ୍, ବୀମା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଅତ୍ୟାବଶ୍ୟକ ସରକାରୀ ସେବା ପ୍ରଦାନ ଓ ସମ୍ପ୍ରଦାୟକୁ ସଶକ୍ତ କରି ଡିଜିଟାଲ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହନ ଦିଗରେ ସିଏସସିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ସିଏସସି ଅନେକ ଲୋକଙ୍କୁ ରୋଜଗାର ମଧ୍ୟ ଦେଇଛି। ଓଡ଼ିଶାର ୩୦ଟିଯାକ ଜିଲ୍ଲାରେ ୩୫ ହଜାରରୁ ଅଧିକ ସକ୍ରିୟ ସିଏସସି ଡିଜିଟାଲ୍ ସଶକ୍ତିକରଣକୁ ଆଗେଇ ନେଉଛନ୍ତି। ରାଜ୍ୟର ସିଏସସିଗୁଡ଼ିକର ଟର୍ଣ୍ଣଓଭର ବାର୍ଷିକ ୫ ହଜାର କୋଟି ଟଙ୍କାରେ ପହଞ୍ଚିସାରିଛି। ଏହାକୁ ଆଗାମୀ ୪ ବର୍ଷ ମଧ୍ୟରେ ୧୦ ହଜାର କୋଟିରେ ପହଞ୍ଚାଇବା ଲକ୍ଷ୍ୟ ରହିଛି ବୋଲି ଶ୍ରୀ ପ୍ରଧାନ କହିବା ସହ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ସିଏସସି କର୍ମଚାରୀଙ୍କୁ ଆହ୍ୱାନ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟରେ ଇଣ୍ଟରନେଟ୍ ସଂଯୋଗୀକରଣକୁ ଅଧିକ ମଜବୁତ କରିବା ପାଇଁ ଡବଲ ଇଞ୍ଜିନ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ଥାନାରେ ମାମଲା ରୁଜୁ ହେଉ, ଏନସିଇଆରଟି ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ପ୍ରଦାନ ହେଉ କିମ୍ବା ଅନ୍ୟାନ୍ୟ ବ୍ୟବସ୍ଥା, ସବୁ କିଛି ସିଏସସି ମାଧ୍ୟମରେ କରିବା ଭଳି ବ୍ୟବସ୍ଥା ହେବା ଦରକାର। ଆଜି ଦେଶ ପାଇଁ ୟୁପିଆଇ ଭଳି ଡିଜିଟାଲ ପ୍ଲାଟଫର୍ମ ବିଶ୍ୱରେ ନୂଆ ପରିଚୟ ତିଆରି କରିଛି। ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ମଧ୍ୟ ପୂରଣ କରିବ। ଏଆଇ ଓ ଟେକ୍ନୋଲୋଜିର ଉପଯୋଗ ସହ ୨୦୩୬ ସୁଦ୍ଧା ଓଡ଼ିଶାକୁ ବିକଶିତ କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ଥିଲେ।

## ବଜ୍ରପାତରେ ଗଲା ୩ ଜୀବନ



**ନୀଳଗିରି,୧୨।୭(ସଂଚାର ବ୍ୟୁରୋ):** କେନାଲରେ କାମ କରୁଥିବା ସମୟରେ ହଠାତ ବଜ୍ରପାତ ହେବାରୁ ୨ ଜଣ ଶ୍ରମିକଙ୍କ ସମେତ ମୋଟ ୩ ଜଣଙ୍କ ମୃତ୍ୟୁ ଘଟିଛି। ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ରାଇପାଳରେ ଥିବା ଋଷିଆ କେନାଲ ନିକଟରେ ଏପରି ଅଘଟଣ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଜେସିବି ଅପରେଟର ଓ ଦୁଇ ଜଣ ଶ୍ରମିକ ଅଛନ୍ତି। ଏନେଇ ଖବର ପାଇବା ପରେ ନୀଳଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

**ଭୁବନେଶ୍ୱର,୧୨।୭(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପକ୍ଷରୁ ଗତକାଲି ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଇଛି, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସଂଖ୍ୟା ସମ୍ପର୍କିତ ସମସ୍ୟା ବିଷୟରେ ସଚେତନତା ବୃଦ୍ଧି କରିବା ଓ ରେଳ କର୍ମଚାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବା। କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡକ୍ଟର ସବିତା ଶତପଥୀଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା, ଯିଏ ସ୍ଥାୟୀ ବିକାଶ ଓ ପ୍ରଜନନ ସ୍ୱାସ୍ଥ୍ୟର ଗୁରୁତ୍ୱ ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ଅଭିଭାଷଣରେ ସେ ଜନସଂଖ୍ୟା ବୃଦ୍ଧି ଦ୍ୱାରା ଉପୁଜିଥିବା ଆହ୍ୱାନଗୁଡ଼ିକର ମୁକାବିଲାରେ ଜନସଚେତନତା ଓ ସ୍ୱାସ୍ଥ୍ୟସେବା ପଦକ୍ଷେପର ଭୂମିକା ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ଚିକିତ୍ସାଧିକାରୀ ଡକ୍ଟର ଆରଏନ ପଣ୍ଡା ପରିବାର ନିୟୋଜନ ଓ ସ୍ୱାସ୍ଥ୍ୟସେବା ବିଷୟରେ କର୍ମଚାରୀ



ଓ ସେମାନଙ୍କ ପରିବାରକୁ ଶିକ୍ଷା ଓ ସଚେତନତା ଦେବା ପାଇଁ ଚିକିତ୍ସା ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବିଷୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ବିଷୟରେ କହିଥିଲେ।

ବିଶ୍ୱ ଜନସଂଖ୍ୟା ଦିବସ ୨୦୨୫ ପାଇଁ 'ନିଷ୍ପକ୍ଷ ଓ ଆଶାବାଦୀ ବିଶ୍ୱରେ ସେମାନେ ଚାହୁଁଥିବା ପରିବାର ଗଠନ କରିବା ପାଇଁ ଯୁବପିଢ଼ିଙ୍କୁ ସଶକ୍ତ କରିବା' ବିଷୟବସ୍ତୁ ଉପରେ ଏକ ସେମିନାର ଆୟୋଜିତ ହୋଇଥିଲା ଓ ପ୍ରଜନନ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉପଲବ୍ଧତା, ପରିବାର ନିୟୋଜନରେ ସମାନତା, ଲିଙ୍ଗଗତ ବୈଷମ୍ୟ ମୁକାବିଲା, ଜନସଂଖ୍ୟା ବୃଦ୍ଧି ଓ ପରିବେଶ ଏବଂ ଦାରିଦ୍ର୍ୟ ଉପରେ ପ୍ରଭାବ ଉପରେ ସେମାନଙ୍କର ମତାମତ କହିବାକୁ କର୍ମଚାରୀଙ୍କୁ ଉତ୍ସାହିତ କରାଯାଇଥିଲା। ଶେଷରେ ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ ଦ୍ୱାରା ଏହାର ସଂକ୍ଷିପ୍ତ ବର୍ଣ୍ଣନା କରାଯାଇଥିଲା ଏବଂ କୁଇଜ୍ ପ୍ରତିଯୋଗିତା ଦ୍ୱାରା ଇଣ୍ଟରାକ୍ଟିଭ୍ ଅଧିବେଶନ କରାଯାଇଥିଲା ଏବଂ ବିଜେତାମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା।

## ରେଭେନ୍ସା ହଷ୍ଟେଲରେ ୪୪ ଅନ୍ତେବାସୀ ଝାଡାବାନ୍ତିରେ ଆକ୍ରାନ୍ତ

**କଟକ୧୨।୭ (ସଂଚାର ବ୍ୟୁରୋ)** ରେଭେନ୍ସା ବିଶ୍ୱବିଦ୍ୟାଳୟର ହଷ୍ଟେଲରେ ୪୪ ଜଣ ପିଲା ଝାଡ଼ାବାନ୍ତି ରେ ଆକ୍ରାନ୍ତ ହୋଇ କଟକ ବଡ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ହଷ୍ଟେଲ ଖାଦ୍ୟ ଖାଇ ଅସୁସ୍ଥ ହୋଇଥିବା ଅନୁମାନ କରାଯାଉଛି।



ତେବେ ପିଲାଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ନଜର ରଖିଛନ୍ତି ଏସ୍ ସି ବି ଟିମ। ନିୟୁ ପିଜି ହଷ୍ଟେଲର ୩୭ ଜଣ ଓ ଧର୍ମପଦ ହଷ୍ଟେଲର ୭ ଜଣ ଖାଦ୍ୟ ଖାଇ ଆକ୍ରାନ୍ତ ହୋଇ ଏସିବିରେ ଭର୍ତ୍ତି ହୋଇଛନ୍ତି।

## ମହିଳାଙ୍କୁ ବଳାତ୍କାର ମାମଲା: ଜେଲ ଗଲେ ଶିକ୍ଷକ

**ମହାକାଳପଡ଼ା,୧୨।୭ (ସଂଚାର ବ୍ୟୁରୋ)** : କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳର ସରକାରୀ ଶିକ୍ଷକ ରଞ୍ଜିତ ମଣ୍ଡଳ(୪୭) ଜଣେ ୩୯ ବର୍ଷୀୟା ମହିଳାଙ୍କୁ ବଳାତ୍କାର ମାମଲାରେ ଗିରଫ ହୋଇ ଶୁକ୍ରବାର କୋର୍ଟ ଚାଲାଣ ହୋଇଛନ୍ତି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ଯିବାକୁ ପଡ଼ିଛି। ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଶିକ୍ଷକ ଜଣକ ପାରାଦୀପ ନେଇ ହୋଟେଲରେ ରଖି ବଳାତ୍କାର କରିଥିବା ବୁଧବାର ପୀଡ଼ିତା ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଶିକ୍ଷକଙ୍କୁ ଉଠାଇ ନେଇ ଅଟକ ରଖିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। କେନ୍ଦ୍ରାପଡ଼ା ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୮୩ ଅନୁସାରେ ପୀଡ଼ିତା ମହିଳାଙ୍କ



ବୟାନ ରେକର୍ଡ ଶୁକ୍ରବାର କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଅପରପକ୍ଷରେ ଶିକ୍ଷକଙ୍କୁ ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିଲା। ଥାନାରେ ନଂ. ୧୩୯/୨୫ରେ ମାମଲା ରୁଜୁ ହୋଇଛି। ପୋଲିସ ଅଟକ ରଖିବା ପରେ ଶିକ୍ଷକ ରଞ୍ଜିତ ଚତୁରତାର ସହ ଶିକ୍ଷକତା କରୁଥିବା ମହାକାଳପଡ଼ା ପଞ୍ଚାୟତ ସ୍ଥାନୀୟ ରାଇଗଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟି ଦରଖାସ୍ତ ଦେଇଛନ୍ତି ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରତାପ ସିଂ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇଙ୍କୁ ପଚାରିବାରେ ପୋଲିସ ପକ୍ଷରୁ ଶିକ୍ଷକଙ୍କ ବିରୋଧରେ ରିପୋର୍ଟ ଆସିଲେ ୪୮ ଘଣ୍ଟା ଜେଲରେ ଯଦି ରୁହନ୍ତି, ତେବେ ଆଇନ ଅନୁସାରେ ନିଲମ୍ବିତ ହେବେ ବୋଲି ସେ କହିଛନ୍ତି।

## ଢେଙ୍କାନାଳରେ ମଦପିଇ ୨ ମୃତ



**ଢେଙ୍କାନାଳ,୧୨।୭ (ସଂଚାର ବ୍ୟୁରୋ) :** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ବମ୍ପା ଗ୍ରାମରେ ମଦ ପିଇ ଗତ ୨୪ଘଣ୍ଟା ମଧ୍ୟରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ମନ୍ମଥ ସାମଲ ଓ ପ୍ରଫୁଲ୍ଲ ସାମଲ। ଗୁରୁତର ଥିବା ୨ଜଣଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି। ସେହିପରି ସପ୍ତାହକ ମଧ୍ୟରେ ପ୍ରାୟ ୪ ଜଣଙ୍କର ମୃତ୍ୟୁ ହୋଇଥିବା ଆଲୋଚନା ହେଉଛି। ମଦ ପିଇବା ପରେ ଛାତିରେ ଯନ୍ତ୍ରଣା ହେବା ସହିତ ଅଣନିଶ୍ୱାସୀ ହୋଇ ପ୍ରବଳ ବାନ୍ତି ହେଉଥିବା ଅସୁସ୍ଥ ସୁଶାନ୍ତ ମାଝୀ କହିଛନ୍ତି। ମୃତକଙ୍କ ବୟସ ୪୫ରୁ ୫୫ ବର୍ଷ ମଧ୍ୟରେ ହେବ ବୋଲି ସ୍ଥାନୀୟ ଅଞ୍ଚବାସୀଙ୍କ ସୂତ୍ରରୁ ପ୍ରକାଶ। ଦେଶୀ ମଦ ପିଇବା ପରେ ଏହି ଘଟଣା ଘଟିଥିବା ଜଣାପଡିଥିବା ବେଳେ କୌଣସି ମଦ ବିଷାକ୍ତ ହୋଇଥିବା ଅଭିଯୋଗ ହୋଇଛି। ଯାହାକି ତଦନ୍ତ ସାପେକ୍ଷ । ବମ୍ପା ଗ୍ରାମରେ ଏହି ଘଟଣା ଦିନକୁ ଦିନ ବଢୁଥିବା ବେଳେ ଅବକାରୀ ବିଭାଗର ନୀରବତା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି । ଏହାକୁ ନେଇ ଗାଁରେ ଆତଙ୍କ ଖେଳି ଯାଇଛି । ଏପରିକି ଅବକାରୀ ବିଭାଗର ଏସ୍‌ଆଇଙ୍କ ଠାରୁ ଆରମ୍ଭ କରି ଇନ୍ସପେକ୍ଟର ଏବଂ ଉପ ଅଧିକ୍ଷକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରୁ ନାହିଁ।

ଏ ସଂକ୍ରାନ୍ତରେ ଜିଲା ଅବକାରୀ ବିଭାଗ ଉପ ଅଧିକ୍ଷକ ଦାୟିତ୍ୱରେ ଥିବା ଆରିୟା ରାୟଙ୍କୁ ତାଙ୍କ ମୋବାଇଲ ନଂ-୭୮୪୬୮୮୫୮୯୯ରେ ଯୋଗାଯୋଗ କଲେ କୌଣସି ଉତ୍ତର ମିଳି ନ ଥିଲା। ଏହି ଘଟଣାକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇ ପଡିଛନ୍ତି।

## ଆଜିଠୁ ୧୭ ଯାଏ ଛେଚିବ ବର୍ଷା

**ଭୁବନେଶ୍ୱର,୧୨।୭ (ସଂଚାର ବ୍ୟୁରୋ)** : ଦକ୍ଷିଣ ଝାଡ଼ଖଣ୍ଡ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସହ ଉତ୍ତର ଛତିଶଗଡ଼ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପିଠିନଠାରୁ ୫.୮ କି.ମି. ଉଚ୍ଚରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ। ଶନିବାର ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ନୂଆପଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ ଆଦି ୩ ଜିଲାକୁ ୟେଲୋ ଓ୍ୱାର୍ନିଂ ଜାରି କରାଯାଇଛି। ତେବେ ବିଜୁଳି ଓ ଘଡ଼ଘଡ଼ି ନେଇ ବଲାଙ୍ଗୀର, ବରଗଡ଼, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ଦେବଗଡ଼, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ କଟକକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଆତ୍ମସମର୍ପଣ କଲେ ୨୩ ମାଓବାଦୀ, ମୁଣ୍ଡରେ ଥିଲା ୧ କୋଟି ୧୮ ଲକ୍ଷର ପୁରସ୍କାର

**ମାଲକାନଗିରି,୧୨।୭(ସଂଚାର ବ୍ୟୁରୋ):** ଭାଙ୍ଗୁଛି ଲାଲଗଡ଼ । ଛତିଶଗଡ଼ ସୁକମା ଜିଲ୍ଲାରେ ନକ୍ସଲଙ୍କ ମୂଳୋତ୍ପାଟନ ଦିଗରେ ମିଳିଛି ଏକ ବଡ଼ ସଫଳତା । ଜିଲ୍ଲାରେ ସକ୍ରିୟ ଥିବା ୨୩ ଜଣ ନକ୍ସଲବାଦୀ ମାନେ ପୋଲିସ ଏବଂ ସେନାର ବରିଷ୍ଠ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରେ ୧ କୋଟି ୧୮ ଲକ୍ଷ ଟଙ୍କା ପୁରସ୍କାର ଥିବା ମାଓବାଦୀ ଓ ପୂର୍ବରୁ ଜଣେ କଲେକ୍ଟରଙ୍କୁ ଅପହରଣ କରିଥିବା ମାଓବାଦୀ ମଧ୍ୟ ସାମିଲ ଅଛନ୍ତି । ସେମାନେ ସମାଜର ମୁଖ୍ୟ ସ୍ରୋତକୁ ଫେରିବେ ବୋଲି ଅଧିକାରୀଙ୍କ ସମ୍ମୁଖରେ ସଙ୍କଳ୍ପ ନେଇଛନ୍ତି । ଏମାନଙ୍କ ମଧ୍ୟରେ ୯ଟି ମହିଳା ଓ ୧୪ ଜଣ ପୁରୁଷ ରହିଥିବା ବେଳେ ୩ ନକ୍ସଲ ଦମ୍ପତି ସାମିଲ ଅଛନ୍ତି ।





## ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ, ରେଳ ଧାରଣାରୁ ଖସିଲା ୨୦ ବଗି

**ବୀରମିତ୍ରପୁର,୧୨।୭ (ସଂଚାର ବ୍ୟୁରୋ)** : ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁରରେ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଛି। ଚୂନ ପଥର ବୋଝେଇ ମାଲଗାଡ଼ିରେ ୫୯ ୱାଗନ ଥିବାବେଳେ ଲାଇନଚ୍ୟୁତ ହୋଇଛି। ଫଳରେ ମାଲବାହୀ ଟ୍ରେନର ୨୦ ୱାଗନ ଖସିଯାଇଛି ରେଳଧାରଣାରୁ। ବୀରମିତ୍ରପୁର ବିଶ୍ରା ଷ୍ଟୋନ ଲାଇମ୍ ଲିମିଟେଡ଼ର ଚୂନ ପଥର ଖଣିରୁ ଚୂନ ପଥର ବୋଝେଇ ହୋଇ ପଶ୍ଚିମବଙ୍ଗର ଦୁର୍ଗାପୁର ଯାଉଥିବା ବେଳେ ବୀରମିତ୍ରପୁର ଷ୍ଟେସନ ନିକଟରେ ଲାଇନଚ୍ୟୁତ ହୋଇଛି। ଲାଇନଚ୍ୟୁତ ହେବାର ୫ ଘଣ୍ଟା ବିତିଯାଇଥିଲେ ମଧ୍ୟ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ଅନ୍ୟପଟେ ବରସୁଆଁ ବୀରମିତ୍ରପୁର ପାସେଞ୍ଜର ଟ୍ରେନ୍ ସନ୍ଧ୍ୟାରେ ବୀରମିତ୍ରପୁରରେ ପହଞ୍ଚିବାରେ ବାଧା ସୃଷ୍ଟି ହେବାର ସମ୍ଭାବନା ରହିଛି ।

# ରାଜ୍ୟରେ ଝୋଟ ଶିଳ୍ପ ବିପନ୍ନ

**ଭୁବନେଶ୍ୱର,୧୨।୭:** ଅଖା ପାଇଁ ଓଡ଼ିଶା ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳ। ରାଜ୍ୟରେ ଝୋଟ ଶିଳ୍ପର ଅପମୃତ୍ୟୁ ଘଟାଇବା ସହ ଚାଷୀଙ୍କୁ ପ୍ରକାରାନ୍ତରେ ନଳିତା ଚାଷରୁ ଦୂରେଇ ରଖାଯିବା ଫଳରେ ଝୋଟ ଅଖା ଓ ବ୍ୟାଗ୍ କିଣିବା ବାବଦରେ ଓଡ଼ିଶା ଅନ୍ୟ ରାଜ୍ୟକୁ ବିପୁଳ ଅର୍ଥ ଦେବାକୁ ବାଧ୍ୟ ହେଉଛି।

ଗୋଟିଏ ସମୟରେ ଝୋଟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ସାରା ଦେଶରେ ଦ୍ୱିତୀୟ ସ୍ଥାନରେ ଥିଲା। ରାଜ୍ୟର ଚାଷୀମାନେ ବର୍ଷକୁ ୫୦ ହଜାରରୁ ୧ ଲକ୍ଷ ହେକ୍ଟର ପର୍ଯ୍ୟନ୍ତ ଜମିରେ ନଳିତା ଚାଷ କରୁଥିଲେ। ସେତେବେଳେ ଧାନମଣ୍ଡଳ ଝୋଟକଳ ଚାଲୁଥିଲା। ଏହାଛଡ଼ା ଗାଁ ଗାଁରେ ଲୋକେ ହାତରେ ଝୋଟ ସୁତୁଲି ମଧ୍ୟ ପ୍ରସ୍ତୁତ କରୁଥିଲେ। ଧାନ, ଚାଉଳ, ଚିନି, ଡାଲି, ଲୁଣ ଆଦି ଖାଉଟି ସାମଗ୍ରୀର ସଂରକ୍ଷଣ ଓ ବିପଣନ ବେଳେ ଝୋଟ ଅଖା ବହୁଳ ଭାବେ ବ୍ୟବହୃତ ହେଉଥିଲା। ତେଣୁ ନଳିତ ଚାଷ କରି ଲୋକେ ବେଶ୍ ଲାଭବାନ ହେଉଥିଲେ। କେବଳ ସେତିକି ନୁହେଁ,



ଜୁଲାଇ-ଅଗଷ୍ଟ ବେଳକୁ ନଳିତା କ୍ଷେତରୁ କଟା ହୋଇଯାଉଥିବାରୁ ଏହାର ପତ୍ର ପଡ଼ି ଚାଷ ଜମି ମଧ୍ୟ ଉର୍ବର ହେଉଥିଲା ଏବଂ ଏହା ଧାନ ଓ ଅନ୍ୟାନ୍ୟ ଚାଷ କ୍ଷେତ୍ରରେ ମଧ୍ୟ ପ୍ରାକୃତିକ ସାର ଯୋଗାଉଥିଲା।

ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ହେବା ଫଳରେ ଝୋଟ ଅଖା ବ୍ୟାଗ୍ ଆଦିର ବ୍ୟବହାର କମିଗଲା ଏବଂ ଏ ପରିପ୍ରେକ୍ଷୀରେ ପରିଚାଳନାଗତ ତ୍ରୁଟି ଯୋଗୁଁ ଓଡ଼ିଶାର ଝୋଟ କଳରେ ତାଲା ଝୁଲିଲା। ଏଥିଯୋଗୁଁ ଝୋଟ କଳ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ କର୍ମ ନିଯୁକ୍ତି ପାଉଥିବା ହଜାର ହଜାର ଲୋକ ଜୀବିକା ହରାଇଲେ। ପ୍ଲାଷ୍ଟିକ୍ ଓ ପଲିଥିନ୍ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ବୋଲି ସରକାର ଘୋଷଣା କରିବା ସହିତ ଏହାର ବ୍ୟବହାର ଉପରେ କଟକଣା ଜାରି କରିଥିଲେ ମଧ୍ୟ ତାହାକୁ କଡ଼ାକଡ଼ି ଭାବେ ପାଳନ କରାନଯିବାରୁ ଝୋଟ ଶିଳ୍ପ ବିପନ୍ନ ହୋଇପଡ଼ିଲା। ଇତିମଧ୍ୟରେ ମଣ୍ଡିରେ ଧାନ ବିକିବା ବେଳକୁ ଝୋଟ ବସ୍ତାକୁ ବାଧ୍ୟତାମୂଳକ କରାଯିବା ଫଳରେ ଓଡ଼ିଶାର ଚାଷୀମାନଙ୍କ ପାଇଁ ପଶ୍ଚିମବଙ୍ଗ ସମେତ ଅନ୍ୟ ରାଜ୍ୟରୁ ଝୋଟ ଅଖାମାନ ଅଣାଯାଉଛି। ସେହିଭଳି ଚିନି, ଡାଲି, ଚାଉଳ ଆଦି ପ୍ଲାଷ୍ଟିକ୍ ଅଖାରେ ନରଖିବା ଲାଗି ବୈଧାନିକ ସତର୍କତା ଦିଆଯାଉଥିବାବେଳେ ଏଥିପାଇଁ ବି ଅଧିକ ସଂଖ୍ୟକ ଝୋଟ ଅଖାର ଆବଶ୍ୟକତା ରହିଛି। ଓଡ଼ିଶାରେ ଝୋଟ ଉତ୍ପାଦନ ଓ ତାହାର ପ୍ରକ୍ରିୟାକରଣ ପାଇଁ ଅନୁକୂଳ ପ୍ରାକୃତିକ ବାତାବରଣ ଥିବା ଦୃଷ୍ଟିରୁ ନଳିତ ଚାଷ ଓ ଝୋଟ ଶିଳ୍ପକୁ ସରକାର ଅଗ୍ରାଧିକାର ଭିତ୍ତିରେ ପ୍ରୋତ୍ସାହନ ଦେଲେ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି ପାଇବା ସହିତ କୃଷି ଅର୍ଥନୀତି ମଧ୍ୟ ବିକଶିତ ହେବ ଓ ଏଥିଯୋଗୁଁ ବ୍ୟାପକ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ ବୋଲି ଅର୍ଥନୀତିଜ୍ଞ ଓ କୃଷି ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି।

ଗୋଟିଏ ସମୟରେ ଓଡ଼ିଶା ସରକାର ମାଗଣା ଚାଉଳ ହିତାଧିକାରୀମାନଙ୍କ ଲାଗି ଝୋଟ ବ୍ୟାଗ ମାଗଣାରେ ଯୋଗାଇଲେ। ଓଡ଼ିଶାରେ ଝୋଟ ବ୍ୟାଗ ଉତ୍ପାଦିତ ହେଉନଥିବାରୁ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଏହି କାର୍ଯ୍ୟକ୍ରମରୁ ବିଶେଷ ଫାଇଦା ଉଠାଇଥିଲେ। ଓଡ଼ିଶାରେ ପ୍ରାୟ ୩କୋଟି ୩୫ଲକ୍ଷ ଲୋକ ମାଗଣା ଚାଉଳର ହିତାଧିକାରୀ ହୋଇଥିବା ବେଳେ ସେମାନଙ୍କ ଲାଗି ପ୍ରାୟ ୨ କୋଟି ବ୍ୟାଗ କିଣାଯିବାରେ ରାଜ୍ୟ ରାଜକୋଷରୁ ଯେଉଁ ବିପୁଳ ଅର୍ଥ ଖର୍ଚ୍ଚ କରାଗଲା ତାହାର ଫାଇଦା ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଉଠାଇଲେ। ରାଜ୍ୟ ସରକାର ଶିଳ୍ପ ବିକାଶ ଉପରେ ଗୁରୁତ୍ୱାରୋପ କରୁଥିବା ପରିପ୍ରେକ୍ଷୀରେ ଖଣିଜ ଶିଳ୍ପ ପଛରେ ନଗୋଡ଼ାଇ କୃଷି ଭିତ୍ତିକ ଶିଳ୍ପର ବିକାଶ ଲାଗି ଧ୍ୟାନଦେଲେ ରାଜ୍ୟ ଅର୍ଥନୀତି ସୁଦୃଢ଼ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି। (ତଥ୍ୟ)

# ସାଂସଦ ପାଣ୍ଠିରେ ନିର୍ମିତ ଗୋଷ୍ଠୀକେନ୍ଦ୍ର ଜବରଦଖଲ

**ରାସ୍ତାକଡ଼ରେ ବିଶ୍ରାମ ନେଉଛନ୍ତି ସଫେଇ କର୍ମଚାରୀ**

**କଟକ,୧୨।୭(ସଂଚାର ବ୍ୟୁରୋ):** କଟକ ମହାନଗର ନିଗମ (ସିଏମ୍‌ସି)ର ସଫେଇ କାର୍ଯ୍ୟ ପାଇଁ ୩ଟି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ କାର୍ଯ୍ୟରତ ଠିକାସଂସ୍ଥା କର୍ମଚାରୀଙ୍କ ପାଇଁ କାର୍ଯ୍ୟ କରୁଥିବା ସମୟରେ ମୌଳିକ ସୁବିଧା ମିଳୁନଥିବା ଦେଖାଯାଉଛି। ଖରାବର୍ଷାକୁ ଖାତିର ନକରି ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀଙ୍କ ପାଇଁ ବିଶ୍ରାମ ନେବାକୁ ବି ୱାର୍ଡରେ ଜାଗା ମିଳୁନାହିଁ। କଟକ ୫୨ ନଂ ୱାର୍ଡରେ ଠିକାସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ଜଣେ ସଫେଇ କର୍ମଚାରୀ ଅସୁସ୍ଥ ଅନୁଭବ କରିବାରୁ ବିଶ୍ରାମ ପାଇଁ କୌଣସି ଜାଗା ନପାଇବାରୁ ରାସ୍ତାକଡ଼ ଦୋକାନ ବାରଣ୍ଡାରେ ବିଶ୍ରାମ ନେଉଥିବାର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ୫୨ ନଂ ୱାର୍ଡରେ ସାଂସଦ ପାଣ୍ଠିରୁ ନିର୍ମିତ ଗୋଷ୍ଠୀ କେନ୍ଦ୍ରକୁ ସ୍ଥାନୀୟ ଲୋକେ ଜବରଦଖଲ କରି ରଖି ଏହାକୁ ଭୋଜିଭାତ ପାଇଁ ଭଡାସୂତ୍ରେ ଦେଉଥିବା



ଯୋଗୁଁ ୨୦୧୭ ଓ ୨୦୧୯ରେ ସିଏମ୍‌ସି ପକ୍ଷରୁ ନୋଟିସ ହୋଇଥିଲେ ମଧ୍ୟ ଏହାକୁ ଏକପ୍ରକାର ବେଖାତିର କରି ପୁନର୍ବାର ଜବରଦଖଲ କରି ପୂର୍ବପରି କାର୍ଯ୍ୟ କରୁଥିବା ଦେଖାଯାଉଛି। ଗୋଷ୍ଠୀ କେନ୍ଦ୍ରକୁ ଜନସାଧାରଣଙ୍କ କାର୍ଯ୍ୟରେ ବ୍ୟବହାର ହେଉନଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି। ଏମିତିକି ୱାର୍ଡରେ ୱାର୍ଡ କାର୍ଯ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ ସରକାରୀ କାର୍ଯ୍ୟ ଯଥା ସ୍ୱାସ୍ଥ୍ୟକାର୍ଡ ମଧ୍ୟ ଗୋଷ୍ଠୀକେନ୍ଦ୍ରରେ ବଣ୍ଟନ କରିପାରୁ ନ ଥିବାରୁ ଏକ ମନ୍ଦିର ବାରଣ୍ଡାରେ ବଣ୍ଟନ କରୁଛନ୍ତି। ଗୋଷ୍ଠୀ କେନ୍ଦ୍ରକୁ ସର୍ବସାଧାରଣଙ୍କ କାର୍ଯ୍ୟରେ ବ୍ୟବହାର କରାଗଲେ ସଫେଇ କାର୍ଯ୍ୟ କରୁଥିବା କାର୍ଯ୍ୟରତ କର୍ମଚାରୀ ଅସୁସ୍ଥତା ଅନୁଭବ କଲେ ଗୋଷ୍ଠୀକେନ୍ଦ୍ରରେ ବିଶ୍ରାମ ନେଇପାରିବେ ଏବଂ ସମସ୍ତ ସରକାରୀ ସେବା ୱାର୍ଡବାସୀ ପାଇପାରିବେ ବୋଲି ଦାବି ହେଉଛି।

SANCHAR
ସଂଚାର
ସମ୍ପାଦକୀୟ
sanchar.live

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ପ୍ରତିରକ୍ଷା ଶିଳ୍ପକୁ ପ୍ରୋତ୍ସାହନ

ନିକଟରେ କେନ୍ଦ୍ର ସରକାର ପ୍ରତିରକ୍ଷା ମନ୍ତ୍ରଣାଳୟ ପାଇଁ ଏକାଧିକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହିସବୁ ଚୁକ୍ତି ଅନୁଯାୟୀ ଭାରତ ସରକାର ବିଭିନ୍ନ ରାଷ୍ଟ୍ରାୟତ୍ତ ଏବଂ ଘରୋଇ ସଂସ୍ଥାଠାରୁ ପ୍ରତିରକ୍ଷା ସାମଗ୍ରୀ କିଣିବେ। ଏହା ଦ୍ୱାରା ଆମର ସେନାବାହିନୀ ଶକ୍ତିଶାଳୀ ହେବ, ସ୍ୱଳ୍ପ ମୂଲ୍ୟରେ ଅଧିକ ଉନ୍ନତ ମାନର ପ୍ରତିରକ୍ଷା ସାମଗ୍ରୀ ମିଳିବ ଏବଂ ଦ୍ୱିତୀୟରେ ଏହିସବୁ ସଂସ୍ଥା ଲାଭବାନ ହେବେ। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ୍ତ ସଂସ୍ଥାର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରିବ। ମୋଟ ଉପରେ ପ୍ରାୟ ୧ଲକ୍ଷ ୪୦ ହଜାର କୋଟି ଟଙ୍କାର ଚୁକ୍ତି ଏହିସବୁ ସଂସ୍ଥା ସହ ହୋଇଛି। ଚଳିତ ବର୍ଷ ଭାରତର ବାଣିଜ୍ୟିକ ରପ୍ତାନୀରେ ଏକ ନୂଆ ସଫଳତା ମିଳିଛି। ଶିଳ୍ପ ଏବଂ କୃଷି ଜାତ ସାମଗ୍ରୀ ସହ ଖଣିଜ ରପ୍ତାନୀ ଅନେକ ବର୍ଷ ହେବ ଚାଲିଆସୁଛି। ଜେମ୍ସ ଆଣ୍ଡ ଜୁଏଲାରୀ ରପ୍ତାନୀ ମଧ୍ୟ ବଢୁଛି। ଏବେ ଅଳ୍ପ କିଛି ବର୍ଷ ହେବ ଭାରତ ବିପୁଳ ପରିମାଣର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ଏ ବାବଦରେ ପ୍ରଚୁର ବୈଦେଶିକ ମୁଦ୍ରା ଉପାର୍ଜନ କରୁଛି। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଭାରତ ଧିରେ ଧିରେ ଆତ୍ମନିର୍ଭରଶୀଳତା ଦିଗରେ ଗତି କରୁଛି। ଏହା ଫଳରେ ଭାରତକୁ ସବୁ ସାମଗ୍ରୀ ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡୁନି। ଭାରତ ଅନେକ ପ୍ରତିରକ୍ଷା ସାମଗ୍ରୀ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମାଣ କରିପାରୁଛି। ଏହା ଦ୍ୱାରା କେବଳ ଭାରତ ସାମରିକ ଦୃଷ୍ଟିରୁ ସଶକ୍ତ ହୋଇନି, ଏହା ମଧ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଏହା ମୋଦି ସରକାରଙ୍କ ଏକ ବଡ଼ ସଫଳତା। ନିକଟରେ ଭାରତ ଆର୍ମେନିଆକୁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଶକ୍ତିଶାଳୀ କ୍ଷେପଣାସ୍ତ୍ର ପିନାକ ରପ୍ତାନୀ କରିଛି। ଏସିଆ, ୟୁରୋପ, ଆଫ୍ରିକାର ଅନେକ ଦେଶ ଏବେ ଭାରତରୁ କ୍ଷେପଣାସ୍ତ୍ର ଏବଂ ଅନ୍ୟ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ହେଉଛି ଆତ୍ମନିର୍ଭର ଭାରତର ପ୍ରମାଣ। ଭାରତ ଆଜି ବିଶ୍ୱର ଏକ ଶକ୍ତିଶାଳୀ ଦେଶ ଭାବେ ଗର୍ବର ସହ ମୁଣ୍ଡଟେକି ଠିଆ ହୋଇଛି। ଏଥିପାଇଁ ମୋଦିଙ୍କ ଦୂରଦୃଷ୍ଟିକୁ ତାରିଫ କରିବାକୁ ପଡ଼ିବ। ଆମେରିକା ଓ ଚୀନ ଭଳି ଦେଶର ଆର୍ଥିକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ ଚୀନ ଓ ଆମେରିକା ଏପରିକି ଋଷିଆ ମଧ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧରେ ଭାରତୀୟ ବାୟୁସେନା ଆଉ କିଛି ଲଢୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌଃସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌଃସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍ଥିକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଃଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଃଶଳରେ ନିର୍ମିତ ଲଢୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଃଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ଏହା ଭାରତ ସରକାରଙ୍କ ଦୂରଦୃଷ୍ଟିକୁ ପ୍ରମାଣିତ କରୁଛି। ସୀମା ସୁରକ୍ଷିତ ରହିଲେ ଭାରତର ସାର୍ବଭୌଃମତ୍ୱ ସୁରକ୍ଷିତ ରହିବ, ଆମେ ସୁରକ୍ଷିତ ରହିପାରିବା।

# ଉତ୍ତରଦାୟୀ କରାଯାଉ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ଗୁଜରାଟର ମୋର୍ବିରେ ମାଛଚାଉ ନଦୀରେ ଏକ ସେତୁ ଭୁଶୁଡି ୧୪୦ ଜଣ ମୃତ୍ୟୁ ଘଟିବାର ତିନିବର୍ଷ ପରେ ଏବେ ବଡୋଦରାରେ ମାହିସାଗର ନଦୀରେ ଏକ ୪୦ବର୍ଷର ସେତୁ ଭୁଶୁଡି ପଡ଼ିବା ଫଳରେ ଅଧ ଡ଼ଜନରୁ ଅଧିକ ଗାଡି ନଦୀଗର୍ଭକୁ ଖସି ପଡ଼ିବା ସହ ୧୮ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ସେତୁ ଭୁଶୁଡିବା କାରଣର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ପୁରୁଣା ସେତୁର ରକ୍ଷଣାବେକ୍ଷଣ ପ୍ରତି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅବହେଳା ନେଇ ସ୍ଥାନୀୟ ବାସିନ୍ଦା ବହୁପୂର୍ବରୁ ଅଭିଯୋଗ କରିଆସୁଥିବା ନେଇ ଅଭିଯୋଗ ହୋଇଛି। ଏହା ନିସନ୍ଦେହ ଯେ, ସେତୁ ଭୁଶୁଡି ଏବଂ ବହୁ ଧନଜୀବନ ହାନୀ ଆମ ଦେଶରେ ନୂଆ ନୁହେଁ। ଭାରତରେ ସେତୁ ଭୁଶୁଡି ନେଇ ଆନ୍ତର୍ଜାତିକ ପତ୍ରିକା ଷ୍ଟକରେ ଆଣ୍ଡ ଇନ୍‌ଫ୍ରାଷ୍ଟକଚର ଇଞ୍ଜିନିୟରିଂ ୨୦୨୦ ଅକ୍ଟୋବରରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ୧୯୭୭ ରୁ ୨୦୧୭ ମଧରେ ଅର୍ଥାତ ଚାରି ଦଶନ୍ଧି ମଧରେ ୨୧୩୦ଟି ସେତୁ ଭୁଶୁଡି ପଡ଼ିଥିଲା କିମ୍ବା ବ୍ୟବହାର ପାଇଁ ଅନୁପଯୋଗୀ ହୋଇଥିଲା। ରିପୋର୍ଟରେ ଆହୁରି କୁହାଯାଇଛି ଥିଲା ଯେ, ଭାରତରେ ସେତୁଗୁଡିକର ହାରାହାରୀ ଜୀବନକାଳ ୩୫ବର୍ଷ ଥିବାବେଳେ ଆନ୍ତର୍ଜାତିକ କ୍ଷେତ୍ରରେ ହାରାହାରି ବ୍ୟବହାର ଉପଯୋଗୀ ସମୟ ୫୦ବର୍ଷ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁନ ୨୫ତାରିଖ ଦିନ ପୁନେରେ ଇନ୍ଦ୍ରାୟଣୀ ନଦୀରେ ଲୁହାରେ ନିର୍ମିତ ଏକ ପାଦଚଲା ସେତୁ ଭାର ସମ୍ଭାଳିନପାରି ଭୁଶୁଡି ପଡ଼ିବା ଯୋଗୁଁ ୪ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିପରି 'ମେ' ମାସରେ କଟକରେ କାଠଯୋଡି ନଦୀରେ ଏକ ନିର୍ମାଣଧୀନ ସେତୁରେ କ୍ରେନ ସହାୟତାରେ ଏକ ସ୍ଲାବ ଉଠାଇବା ସମୟରେ ଖସିପଡ଼ିବା ଯୋଗୁଁ ୩ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୨୪ରେ ବିହାରରେ ୩ ସପ୍ତାହ ମଧରେ ୧୨ଟି ସେତୁ ଭୁଶୁଡି ପଡ଼ିଥିଲା। ଯାହାକି ଦେଶବ୍ୟାପୀ ଘୋର ଆଲୋଡନ ସୃଷ୍ଟି କରିଥିଲା। ସେହିପରି ୨୦୨୩ରେ ମିଜୋରାମରେ ଏକ ନିର୍ମାଣଧୀନ ରେଲୱେ ଓଭରବ୍ରିଜ ଭୁଶୁଡି ୨୬ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା। ବେଙ୍ଗାଲୁରୁରେ ଦୁଇବର୍ଷ ତଳେ ଏକ ରେଲୱେ ବ୍ରିଜର ଖୁଣ୍ଟ ଭାଙ୍ଗିଯିବା ଯୋଗୁଁ ଜଣେ ମହିଳା ଓ ତାଙ୍କର ଶିଶୁର ମୃତ୍ୟୁ ଘଟିଥିଲା। ଗତ ଦୁଇ ଦଶନ୍ଧି ତଳେ କେରଳରେ ଏକ ନଦୀ ଉପରେ ସେତୁ ଭୁଶୁଡି ୨୦୦ରୁ ଊର୍ଦ୍ଧ୍ୱ ରେଳଯାତ୍ରୀଙ୍କର ମର୍ମନ୍ତୁଦ ମୃତ୍ୟୁ ଘଟିଥିଲା। କହିବା ବାହୁଲ୍ୟ ଯେ, ଗଲା କିଛି ଦଶନ୍ଧି ମଧରେ ଦେଶର ବିଭିନ୍ନ ଅଞ୍ଚଳରେ ହଜାର ହଜାର ସେତୁ ଭୁଶୁଡି ବହୁ ଧନଜୀବନ ହାନୀ ହୋଇଛି। ସରକାରୀ ତଥ୍ୟ ଅନୁସାରେ ଦେଶରେ ୨୦୨୧ ରୁ ୨୦୨୪ ମଧରେ ୨୧ଟି ସେତୁ ଭୁଶୁଡି ଥିବାବେଳେ ୨୦୧୯ ରୁ ୨୦୨୧ ମଧରେ ୨୨ଟି ସେତୁ ଭୁଶୁଡି



ଥିଲା। ତେବେ ଗଲା ୫ବର୍ଷ ମଧରେ ଏହି ଘଟଣାରେ ୨୩୫ଜଣଙ୍କ ମୃତ୍ୟୁ ଘଟିବା ସହ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ତେବେ ଗୁଜରାଟରେ ସେତୁ ଭୁଶୁଡି ଜନିତ ମୃତ୍ୟୁ ସଂଖ୍ୟା ସର୍ବାଧିକ ରହିଥିବା ସରକାରୀ ତଥ୍ୟ କହେ। ନିକଟରେ ଗୁଜରାଟରେ ଭୁଶୁଡି ଥିବା ସେତୁ ନିରାପଦ ଏବଂ କୌଣସି ବଡ ଧରଣର ଦୁର୍ବଳତା ନଥିବା ନେଇ ବର୍ଷକ ତଳେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରିପୋର୍ଟ ଦେଇଥିବାବେଳେ ଏବେ ଭୁଶୁଡି ପଡ଼ିଛି। ଏଥିରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କର ଖାମଖିଆଲ ମନୋଭାବ ସ୍ପଷ୍ଟ ଅନୁମାନ କରାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ନିର୍ମାଣରେ ବ୍ୟାପକ ଦୁର୍ନୀତି ବୈଷୟିକ ତୃଟି, ରକ୍ଷଣାବେକ୍ଷଣ ଓ ମରାମତି ଅଭାବ ଯୋଗୁଁ ଦେଶରେ ବହୁ ସେତୁ କେବଳ ଭୁଶୁଡି ନାହିଁ, କେତେକ ନିର୍ମାଣ ସରିବାର ସ୍ୱଳ୍ପ ସମୟ ମଧରେ ବ୍ୟବହାର ଅନୁପଯୋଗୀ ହୋଇଯାଉଛି। ନିର୍ମାଣ ସମ୍ପୂର୍ଣ୍ଣ ହେବାର ବା ଉଦଘାଟିତ ହେବାର କିଛି ମାସ ପରେ ରାସ୍ତାରୁ ପିଚୁ ଉଠିଯିବା, ପ୍ରବଳ ବର୍ଷାରେ ଧୋଇହୋଇଯିବା, ରାସ୍ତାରେ ବଡ ବଡ ଗାତ ସୃଷ୍ଟି ହେବା ଏବେ ଦୈନିକ ଗଣମାଧମର ଶିରୋନାମା ପାଲଟିଛି। ଗତ ୧୫ବର୍ଷ ମଧରେ କେବଳ ସେତୁ ଭୁଶୁଡିବା ବାବଦରେ ଦେଶରେ ୪୦କୋଟି ହଜାର କ୍ଷତି ଘଟିଥିବାବେଳେ ସଡକ ଧୋଇଯିବା ଜନିତ କ୍ଷତି ୩ଲକ୍ଷ କୋଟି ଏବଂ ପାଦଚଲା ରାସ୍ତା ମରାମତି ବାବଦରେ ପ୍ରାୟ ୧ଲକ୍ଷ କୋଟି ଟଙ୍କା ରାଜକୋଷରୁ କ୍ଷତି ଘଟିଥିବା ସରକାରୀ ରିପୋର୍ଟ କହେ। ଏହା ନିସନ୍ଦେହ ଯେ, ଭିତିଭୂମିର ବିକାଶ ଏବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଫୋକସ୍‌ର ଏକ ବୃହତ କ୍ଷେତ୍ର ପାଲଟିଛି। ଗତ କିଛି ଦଶନ୍ଧି ମଧରେ ରାଜପଥ, ବିମାନବନ୍ଦର, ନଦୀବନ୍ଧ, ଟନେଲ, ଏବଂ ବନ୍ଦରରେ ଦେଶ ଉଲ୍ଲେଖନୀୟ ପୁଂଜିନିବେଶ କରିଛି। ମାତ୍ର ଏସବୁର ବିକାଶ ରାଜପଥରେ ବଡ ବଡ ଗାତ, କାଠବାକ୍ସ ସଦୃଶ ବିଲିଡିଂ ଏବଂ ଦୁର୍ବଳ ସେତୁ ନିକଟରେ ଫିକା ପଡ଼ିଯାଇଛି। ନିମ୍ନମାନର କାମ ନେଇ ଜନସାଧାରଣ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଉଥିଲେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି। ସେହିପରି ଯେକୌଣସି ଅଘଟଣା ପରେ ତଦନ୍ତ ଏବଂ କ୍ଷତିପୂରଣ ଘୋଷଣା ପରେ ସମସ୍ତ ନୀରବ ରୁହନ୍ତି। କେବଳ କରଦାତାଙ୍କ ଦ୍ୱାରା ସମୃଦ୍ଧ ରାଜକୋଷରୁ ଅର୍ଥ ବ୍ୟୟ ସାର ହେଉଛି। ଏଥିପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଉତରଦାୟୀ କରାଯିବାର ସମୟ ଏବେ ଆସିଛି।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

କଥାରେ ଅଛି ତୁମେ ଡାଳେ ଡାଳେ ଗଲେ ମୁଁ ପତ୍ରେ ପତ୍ରେ। ସମୟ ସହିତ ଅପରାଧୀମାନେ ସେମାନଙ୍କର ଉପାୟ ମଧ୍ଯ ବଦଳାଇଛନ୍ତି। ଏହା ମଧ କୁହାଯାଉଛି ଏଥିରୁ କେହି ବର୍ତି ପାରିବେ ନାହିଁ ଯିଏ ଯେତେ ସତର୍କ ହେଉ ନା କାହିଁକି। ଅପରାଧୀ ପୋଲିସକୁ ମଧ ଛାଡି ନାହାଁନ୍ତି। ଗୁଜୁରାଟ ଜୁନାଗଡ ସାଇବର ଅପରାଧ ପୋଲିସର ଇମେଲ୍ ଆଇଡି ହ୍ୟାକିଂ କରି ବ୍ୟାଙ୍କରେ ଫ୍ରିଜ୍ ହୋଇଥିବା ଟଙ୍କାକୁ ଅନଫ୍ରିଜ୍ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଇମେଲ୍‌ରେ ଥିବା ବିଷୟ (ସବ୍ଜେକ୍ଟ) ସ୍ଥାନ ଖାଲି ଥିବାରୁ ବ୍ୟାଙ୍କ ସନ୍ଦେହ କରିଥିଲା ଏବଂ ସେମାନେ ତୁରନ୍ତ ପୋଲିସକୁ ଜଣାଇଥିଲେ।ଫଳରେ ଠକେଇ ଯୋଜନା ବିଫଳ ହୋଇଥିଲା ଅପରାଧୀ ଧରାପଡ଼ିଥିଲେ। ହେଲେ ଅନେକ ମାମଲା ଅଛି ଯେଉଁଥିରେ ସାଇବର ଅପରାଧୀମାନେ ସଫଳ ହୋଇଛନ୍ତି। ସଦ୍ୟତମ ମାମଲା ଦେଶର ରାଜଧାନୀ ଦିଲ୍ଲୀ ସଂଲଗ୍ନ ନୋଏଡାରେ। ଏଠାରେ ଏକ ନକଲି ଇମେଲ୍ ଆଇଡି ମାଧମରେ ହସ୍ପିଟାଲର ଜଣେ କର୍ମଚାରୀ ଦିଲ୍ଲୀ ମ୍ୟୁନିସିପାଲ୍ କର୍ପୋରେସନର ଚିକିତ୍ସା ପାଇଁ ୭୪.୯୦ ଲକ୍ଷ ଟଙ୍କା ହସ୍ପିଟାଲ ଆକାଉଣ୍ଟ ବଦଳରେ ନିଜ ଆକାଉଣ୍ଟରେ ଜମା କରିଥିଲେ। ଏହି ମାମଲାଟି ସାଇବର ଅପରାଧ ପୋଲିସ ପାଖରେ ଅଛି ଏବଂ ସେମାନେ ଏହାର ତଦନ୍ତ କରୁଛନ୍ତି। ଏହିପରି ଅନେକ ଘଟଣା ଶୁଣିବା ପରେ ମନରେ ଭୟ ସଞ୍ଚାର ହୋଇ ପ୍ରଶ୍ନ ଆସେ ଆମର ଆକାଉଣ୍ଟ ପାସୱାର୍ଡ ମଧ ଚୋରି ହୋଇନି ତ?



ଏକ ଡାଟା ଲିକ ନୂତନ ଘଟଣା ସାମ୍ନାକୁ ଆସିଛି। ଏଥିରେ ପ୍ରାୟ ୧୬୦୦ କୋଟି ପାସୱାର୍ଡ ଲିକ୍ ହେବା କଥା କୁହାଯାଉଛି ଏବଂ ଏହା ଇତିହାସର ସବୁଠାରୁ ବଡ଼ ଡାଟା ଲିକ୍ ଘଟଣା ହୋଇପାରେ । ସାଇବର ନ୍ୟୁଜ୍ ର ରିପୋର୍ଟ ଅନୁଯାୟୀ ଏହି ଲିକ୍ ଯୋଗୁଁ ଲକ୍ଷ ଲକ୍ଷ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ଏବେ ବିପଦରେ ପଡ଼ିଛି। ପାସୱାର୍ଡ ସାହାଯ୍ୟରେ ଅପରାଧୀମାନେ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ସୂଚନା, ଫଟୋ, ଭିଡିଓ ଏବଂ ଅନ୍ୟାନ୍ୟ ସୂଚନା ଚୋରି କରିପାରିବେ। ଅର୍ଥାତ୍ ଫିସିଂ ସ୍କାମ୍, ଡାଟା ଚୋରି ଏବଂ ଆକାଉଣ୍ଟ ହ୍ୟାକିଂର ଆଶଙ୍କା ହୋଇପାରେ। ଏହି ତଥ୍ୟ ସାହାଯ୍ୟରେ ସାଇବର ଅପରାଧର ଆଶଙ୍କା ବହୁ ଗୁଣ ବୃଦ୍ଧି ପାଇପାରେ।ଗବେଷକମାନେ ଏହି ଡାଟାବେସ୍ ଖୋଜିଛନ୍ତି ଏବଂ ଏହାର ୩୦ଟି ଡାଟାସେଟ୍ ଯାଞ୍ଚ କରିଛନ୍ତି। ସେମାନେ ଅନେକ ରେକର୍ଡ ପାଇଛନ୍ତି। ଯେଉଁଥିରେ କର୍ପୋରେଟ୍ ଏବଂ ଡେଭଲପ ପ୍ଲାଟଫର୍ମର ବ୍ୟବହାରକାରୀଙ୍କ ପରିଚୟପତ୍ର ଭର୍ଚୁଆଲ୍ ପ୍ରାଇଭେଟ୍ ନେଟୱାର୍କ ଲଗିଂ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ଅନ୍ତର୍ଭୁକ୍ତ। ଏହି ତଥ୍ୟ ୨୦୨୫ ଆରମ୍ଭରୁ ଆଜି ପର୍ଯ୍ୟନ୍ତ। ଗବେଷକମାନେ ଦାବି କରିଛନ୍ତି ଯେ ଅନଲାଇନରେ ଲିକ୍ ହୋଇଥିବା ଏହି ତଥ୍ୟ ସାଧାରଣ ନୁହେଁ। ସୁରକ୍ଷା ଗବେଷକମାନେ କହିଛନ୍ତି ଯେ ଏହାର ଅଧିକାଂଶ ତଥ୍ୟ ନୂଆ, ଯାହା ଭାଇରସ୍ ମାଧମରେ ସଂଗ୍ରହ କରାଯାଇଛି। ଏହି ଭାଇରସ୍ ଗୁପ୍ତ ଭାବରେ ଲୋକଙ୍କ ତଥ୍ୟ ଚୋରି କରେ। ଏହି ଚୋରି ହୋଇଥିବା ତଥ୍ୟରେ ଉପଭୋକ୍ତା ଙ୍କ ନାମ ଏବଂ ପାସୱାର୍ଡ ରହିଛି ଯାହାକୁ ବ୍ୟବହାରକାରୀଙ୍କ ଫୋନ୍ ରୁ ଚୋରି କରି ହ୍ୟାକରଙ୍କୁ ପଠାଏ। ହ୍ୟାକର୍ସ ଏହି ତଥ୍ୟକୁ ସିଧାସଳଖ ବ୍ୟବହାର କରିପାରିବେ କିମ୍ବା ଡାର୍କ ୱେବ୍ ଫୋରମ୍ ରେ ବିକ୍ରି କରିପାରିବେ। ରିପୋର୍ଟ ଅନୁଯାୟୀ ଲିକ୍ ହୋଇଥିବା ତଥ୍ୟରେ ୟୁଜର ବିବରଣୀ ରହିଛି। ଏଥିରେ ୟୁଜରଙ୍କ ଇମେଲ୍ ଠାରୁ ଆରମ୍ଭ କରି ଫେସବୁକ୍, ଗୁଗୁଲ୍ ଏବଂ ଟେଲିଗ୍ରାମ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମ ପର୍ଯ୍ୟନ୍ତ ବିବରଣୀ ଅନ୍ତର୍ଭୁକ୍ତ। ଏଥିରେ କିଛି ସରକାରୀ ପୋର୍ଟାଲ୍ ର ଆକାଉଣ୍ଟ ବିବରଣୀ ମଧ ରହିଛି। ଅଧିକାଂଶ ସୂଚନା ଏକ ଫର୍ମାଟରେ ସଂଗଠିତ ହୋଇଛି ଯେଉଁଥିରେ ୱେବସାଇଟ୍ ଲିଙ୍କ୍ ଥାଏ ତା'ପରେ ଉପଭୋକ୍ତା ଙ୍କ ନାମ ଏବଂ ପାସୱାର୍ଡ ଥାଏ। ଏହା ସାଇବର ଆକ୍ରମଣକାରୀଙ୍କ ପାଇଁ ସେଗୁଡ଼ିକୁ ବ୍ୟବହାର କରିବା ସହଜ କରିଥାଏ। ବିଶେଷଜ୍ଞମାନେ ଏହି ଲିକ୍ କୁ ବିଶ୍ୱ ସାଇବର ଅପରାଧର ବ୍ଲୁପ୍ରିଣ୍ଟ ବୋଲି କହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗୁଗୁଲ୍ ଏହାର ବ୍ୟବହାରକାରୀଙ୍କୁ ପରାମର୍ଶ ମଧ ଦେଇଛି। ଗୁଗୁଲ୍ ଏହାର ବ୍ୟବହାରକାରୀଙ୍କୁ ୨-ଫ୍ୟାକ୍ଟର ଅଥେଣ୍ଟିକେସନ୍ ସକ୍ରିୟ କରିବାକୁ ପରାମର୍ଶ ଦେଇଛି। ଏହା ସହିତ ଏହାର ବ୍ୟବହାରକାରୀଙ୍କୁ ସେମାନଙ୍କର ପାସୱାର୍ଡ ଅପଡେଟ୍ କରିବାକୁ ମଧ କହିଛି। ଏହା ସହିତ ଲଗଇନ୍ କରିବା ପାଇଁ ବାୟୋମେଟ୍ରିକ୍ ପ୍ରମାଣୀକରଣ ଆବଶ୍ୟକ କରନ୍ତୁ ଯାହା ଡବଲ୍ ସୁରକ୍ଷା ପ୍ରଦାନ କରେ । ଆପଣଙ୍କୁ କିଛି ସମୟ ବ୍ୟବଧାନରେ ଆପଣଙ୍କର ପାସୱାର୍ଡ ପରିବର୍ତ୍ତନ କରିବା ଉଚିତ। ଏହା ବ୍ୟତୀତ ଆପଣଙ୍କ ଆକାଉଣ୍ଟଗୁଡ଼ିକ ପାଇଁ ଦୁଇ ପ୍ରକାର ସୁରକ୍ଷା ଉପାୟ ଚାଲୁ କରନ୍ତୁ ଏବଂ ପାସୱାର୍ଡ ମେସେଜ୍ ମଧ ବ୍ୟବହାର କରନ୍ତୁ।

**ନୟାଗଡ଼, ମୋବାଇଲ: ୯୪୩୭୬୪୨୯୪୭**

# ହଜିଗଲେଣି ଲାଲ ଟୁକ୍ ଟୁକ୍ ସାଧବ ବୋହୂ



**ସନ୍ତୋଷ କୁମାର ଦାଶ**

ମୌସୁମୀ ଆସିଲେ ବର୍ଷା ର ପରଶ ପାଇ ଧରିତ୍ରୀ ମା ସବୁଜ ରଙ୍ଗ ର ଶାଢ଼ୀ ପିନ୍ଧେ।ବର୍ଷା ଋତୁ ର ଆଗମନ ରେ ସବୁଜ ପଡ଼ିଆ ରେ ଅନେକ ସ୍ଥାନ ରେ ଦେଖାଯାଆନ୍ତି ଲାଲ ଟୁକୁ ଟୁକୁ ସାଧବ ବୋହୂ। ପ୍ରକୃତି ର ଅନନ୍ୟ ଆକର୍ଷଣ ଲାଲ ଟୁକ ଟୁକ ସାଧବ ବୋହୂ କୁ ଦେଖି ପିଲା ଠାରୁ ବୁଢ଼ା ସମସ୍ତେ ଖୁସି ହୁଅନ୍ତି। ଏହି କୁନି କୀଟ ର ରଙ୍ଗ ଲାଲ ମଖ ମଲ ମଲ ହୋଇଥିବା ବେଳେ ଏହାର ଧିର ଚାଲି ରୁ ତାକୁ ଲୋକେ କହିଥାନ୍ତି ସାଧବ ବୋହୂ। ନିରୀହ ସାଧାରଣ କୀଟ ଟି କାହାରି କିଛି ଅନିଷ୍ଟ କରି ନଥାଏ । ତେଣୁ ତାର ସୌନ୍ଦର୍ଯ୍ୟ ସମସ୍ତ ଙ୍କୁ ଆକର୍ଷଣ କରିଥାଏ। ସାଧବ ବୋହୂ ସାଧାରଣତଃ ସବୁଜ ଘାସ ପଡ଼ିଆରେ ଦେଖାଯାଆନ୍ତି। ଏହା ବର୍ଷା ଋତୁ ରେ ପ୍ରକୃତି ପକ୍ଷରୁ ସୃଷ୍ଟି ଏକ ଅନନ୍ୟ ଆକର୍ଷଣ। ବର୍ଷା ଋତୁ ଆରମ୍ଭ ହେବା ମାତ୍ରେ ଏମାନେ ଦଳ ଦଳ ହୋଇ ଗାଆଁ ଗଣ୍ଡା ର ପଡ଼ିଆରେ ଦେଖାଯାଆନ୍ତି। ଏବେ ବଦଳି ଯାଇଛି ପରିବେଶ । ବାୟୁମଣ୍ଡଳ ପ୍ରଦ୍ୟୁଷଣ କାରଣ ରୁ ମାଟି, ପାଣି,ପବନ ସବୁ ବିଷାକ୍ତ ହୋଇଯାଇଛି। ଅତ୍ୟଧିକ ରାସାୟନିକ ସାର, ତୀବ୍ର ଗନ୍ଧ ଯୁକ୍ତ କୀଟନାଶକ, ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ ପ୍ରଭୃତି ବ୍ୟବହାର କାରଣରୁ ମାଟି ତାର ପ୍ରାକୃତିକ ଉର୍ବରତା ହରାଇ ବସୁଛି।ରାସାୟନିକ ସାରବ୍ୟବହାର ନ କଲେ ଆଉ ଫସଲ, ପନିପରିବା ଯଥେଷ୍ଟ ପରିମାଣ ରେ ଫଳୁନାହିଁ।ଏଣୁ ମାଟି ର ପ୍ରାକୃତିକ ଗୁଣ ଲୋପ ପାଉଛି। ମାଟି ସବୁ ବିଷାକ୍ତ ଆଉ ଅତ୍ୟଧିକ ଲବଣାକ୍ତ ହୋଇପଡୁ ଥିବାରୁ ଆଗଭଳି ଲାଲ ଟୁକୁ ଟୁକୁ ସାଧବ ବୋହୂ ମାନଙ୍କୁ ଦେଖିବାକୁ ମିଳୁନାହିଁ । ଜୈବିକ ପଦ୍ଧତିରେ ଚାଷ କରାନ ଗଲେ ଲାଲ ଟୁକୁ ଟୁକୁ ସାଧବ ବୋହୂ ପରି ଅନେକ କୀଟ, ପତଙ୍ଗ, ଛୋଟ ଜୀବ ଏହି ପୃଥିବୀ ପୃଷ୍ଠରୁ ଲୋପ ପାଇ ଯିବେ ବୋଲି ପରିବେଶବିତ ମାନେ ଚେତାବନୀ ଦେବା ସହିତ ସରକାର ଙ୍କ ତରଫରୁ ଚାଷୀ ମାନଙ୍କୁ ରିହାତି ଦରରେ ଶୁଦ୍ଧ ବିହନ,ଓ ଜୈବିକ ସାର ଯୋଗାଇ ଦେଲେ ଚାଷୀ ମାନେ କୀଟନାଶକ ଏବଂ ହାଇବ୍ରିଡ ବିହନ ବ୍ୟବହାର କରନ୍ତେ ନାହିଁ। ମାଟି ର ଉର୍ବରତା ବଜାୟ ରୁହନ୍ତା ।ବେଳ ହୁଁ ସଚେତନ ନହେଲେ ବର୍ଷା ଋତୁ ର ଏହି ସୁନ୍ଦର କୀଟ ସାଧବ ବୋହୂ ପରି ଅନେକ ଉପକାରୀ ଜୀବ ଆସ୍ତେ ଆସ୍ତେ ଏହି ପୃଥିବୀ ପୃଷ୍ଠରୁ ଲୋପ ପାଇଯିବେ ଏଥିରେ ସନ୍ଦେହ ନାହିଁ। ଆସନ୍ତୁ ସମସ୍ତେ ସଚେତନ ହେବା। ଚାଷ କାର୍ଯ୍ୟ ରେ ଜୈବିକ ସାର, ଔଷଧ ବ୍ୟବହାର କରିବାକୁ ସମସ୍ତ ଚାଷୀ ଭାଇ ମାନଙ୍କୁ ସଚେତନ କରାଇବା।



**ତୁଳସୀପୁର, ପୁରୀ**
**ମୋବାଇଲ୍:**
**୯୪୩୯୩୭୬୧୮୮**

# ସତରେ କ'ଣ ଯମଙ୍କ ପାଖରେ ହିସାବ ହୁଏ



**ଦୀପ୍ତିମୟୀ ନାୟକ**

ଯେତେବେଳେ ଏ ଦୁନିଆରେ କିଏ କାହାକୁ ଅଧିକ କଷ୍ଟ ଦିଏ ସେତେବେଳେ ଅନ୍ୟ ଜଣେ ଅନ୍ୟ ମାନଙ୍କ ଆଗରେ କୁହେ ଭଗବାନ ସବୁ ଦେଖୁଛନ୍ତି। ଏ ମଲା ବେଳକୁ କେତେ ଅବସ୍ଥା ହୋଇକି ମରିବ। ଯମ ହିଁ ଏମାନଙ୍କର ଠିକ ହିସାବ କରିବେ। ମୁଁ କିଏ ଯେ ଏମାନଙ୍କର ହିସାବ କରିବି। ଏମାନେ ମୋତେ ଯେତିକି କଷ୍ଟ ଦେଇ କନ୍ଦାଉଛନ୍ତି ଏମାନଙ୍କୁ ଯମ ସେତିକି କଷ୍ଟ ଦେଇ କନ୍ଦେଇବ। ଆଉ ଏହାରି ମଧରେ ମନକୁ ଗୋଟେ କଥା ଚାଲିଆସେ ସତରେ କଣ ଏମାନଙ୍କୁ ଯମ କନ୍ଦେଇବେ। ସତରେ କଣ ଏମାନଙ୍କ ପାଇଁ ଯମଙ୍କ ପାଖରେ ଏତେ ସମୟ ଥିବ। ଯମ କଣ ଏତେ ସମୟ ନେଇ ଏମାନଙ୍କର ହିସାବପତ୍ର ତାଲିକା ଖୋଲିକି ପଢ଼ିପାରିବେ। ଯମ ଯେତେବେଳେ ସେହି ତାଲିକା ଗୁଡିକୁ ପଢିବେ ସେତେବେଳେ ଆଉ ଯମ ଅଧର୍ଯ୍ୟ ହୋଇପଡ଼ିବେନି ତ କାହିଁକି ନା ଆଜିକାଲି ବ୍ୟସ୍ତ ବହୁଳ ଜୀବନ ଭିତରେ ମଣିଷ ଏତେ ବ୍ୟସ୍ତ ଯେ ଚୁଗୁଲୀ କରିବାକୁ ସମୟ ପାଉଛି କିନ୍ତୁ ଭଲ କଥା କହିଲା ବେଳକୁ ଉଭାନ ହୋଇଯାଉଛି। ଆଉ ଏପଟେ ଯମ ଯାହାଙ୍କ ପାଖରେ ମଣିଷର ସବୁ ପାପ କର୍ମର ଫଳ ହିସାବ ହେବ ବୋଲି କୁହାଯାଉଛି। ଯମ କଣ ବ୍ୟସ୍ତ ନଥିବେ ନା ଯମଙ୍କ ପାଇଁ କୌଣସି ସମୟ ନଥିବ। ଯମ କଣ ମଲା ଲୋକର ହିସାବ କରିବେ ଭଗବାନ କଣ ସବୁ ଦେଖି ଚୁପ ରହିବେ। ଏଠି ବାକି ଦୋକାନୀର ଗରାଖ ବାକି ଖାଇ ଲୁଚୁଛନ୍ତି ସେଠି ତ ଯମ ଥିବେ ମଲା ଲୋକର କେମିତି ବାକି ଖାତା ଖୋଲି ହିସାବ କରିବେ। ଯମ ଦଣ୍ଡ ଭାରି ଭୟଙ୍କର ଦଣ୍ଡ ଲୋକେ କହୁଥିବାବେଳେ ସେହି ଲୋକଙ୍କୁ ମଧ ପଚାରିବାକୁ ଇଚ୍ଛା ହୁଏ ଯେତେବେଳେ ଯମ ମଲା ଲୋକଙ୍କୁ ଦଣ୍ଡ ଦିଅନ୍ତି ସେଠି ଦଣ୍ଡ ପାଉଥିବା ମଲା ଲୋକକୁ କିଏ ଦେଖୁଛି। ସବୁ କହିବା କଥା। କହି କହି ନିଜ ମନକୁ ସାନ୍ତ୍ୱନା ଦେଇ ଅନ୍ୟକୁ ସାନ୍ତ୍ୱନା ଦେବାକଥା।

ତେବେ ଯେଉଁମାନେ ଅନ୍ୟକୁ ପ୍ରତିମୁହୂର୍ତ୍ତରେ କଷ୍ଟ ଦେଉଛନ୍ତି ସେମାନେ ଥରେ ଅନ୍ୟର ଭାବନାକୁ ବୁଝନ୍ତୁ। କାହାକୁ କଷ୍ଟ ଦେଇ ଜୀବନରେ କିଛି ମିଳେନି ବରଂ କଷ୍ଟ ପାଉଥିବା ଲୋକଟି ତା ଜୀବନରେ ଦିନେ ନା ଦିନେ ଭଲରେ ରୁହେ କିନ୍ତୁ କଷ୍ଟ ଦେଉଥିବା ଲୋକ ତା ପରିଣତି ବୟସରେ ଦ୍ୱିଗୁଣା କଷ୍ଟ ପାଇଥାଏ। ସେ କଷ୍ଟ ତା ପରିବାର ପାଇଁ ହେଉ କି ଅନ୍ୟ କିଛି କାରଣ ପାଇଁ କିନ୍ତୁ କଷ୍ଟ ଦେଉଥିବା ଲୋକ କେବେ ସୁଖରେ ରୁହେନି ଏଟା ହିଁ ସତ। ଯିଏ ଏହି ସତକୁ ସ୍ୱୀକାର କରିଛି ସେ ଅନ୍ୟ ମାନଙ୍କ ହୃଦୟରେ ଜାଗା ପାଇଛି ଆଉ ଯିଏ ଏହି ସତକୁ ସ୍ୱୀକାର କରିନି ସେ ଜୀବନରେ କେବେ ଭଲରେ ରହେନି। ଅବଶ୍ୟ ଏ ଦୁନିଆରେ ଅନେକ ନମୁନା ଅଛନ୍ତି ଯେଉଁମାନେ ବଡ ବଡ କଥା କହିଦିଅନ୍ତି କିନ୍ତୁ ଯେତେବେଳେ ସେ ଅନୁଭବ କରନ୍ତି ସେତେବେଳେ ତାଙ୍କ ପାଖରେ ନା କିଏ ଥାଏ ନା କିଏ ରହିବାକୁ ଚେଷ୍ଟା କରିଥାଏ କାରଣ ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଅନ୍ୟ ଖୁସି ଦେଖି ଖୁସି ହେବା ଜାଣିଥାଆନ୍ତି। ଆଉ ଯଦି କିଏ କାହାକୁ କଷ୍ଟ ଦେଇ ଖୁସି ହେଉଛି ଏଥିରେ କେହି ଦୁଃଖ କରନ୍ତୁନି କେହି କାହାକୁ ବେଶିଦିନ କଷ୍ଟ ଦେଇପାରନ୍ତି କାରଣ କଷ୍ଟ ଦେଉଥିବା ଲୋକର କାମ ପଡିଲେ ସେ ବି ଦିନେ ନା ଦିନେ ଆପଣଙ୍କ ଗୋଡ଼ ତଳେ ପଡିବ। ତେଣୁ ସମୟକୁ ଅପେକ୍ଷା କର ଦୁଃଖ ପରେ ଦିନେ ସୁଖ ନିଶ୍ଚିନ୍ତ ଫେରିବ।

ଯଦି ଆମେମାନେ ଅଧର୍ଯ୍ୟ ହୋଇ କହି ଦେଉଛେ ଏ ମଲାବେଳକୁ କେତେ ଅବସ୍ଥା ହୋଇ ମରିବ। ଥରେ ଶାନ୍ତି ମନରେ ଭାବିଲେ କଷ୍ଟ ପାଉଥିବା ଲୋକ କଣ କାହାକୁ କଷ୍ଟ ଦେଇ ଖୁସି ହୋଇପାରିବ ବରଂ କଷ୍ଟ ପାଉଥିବା ଲୋକ ପାଟିରେ ପ୍ରଥମେ ଏ କଥା ଆସିବ ଆହାଃ ଏମିତି ତା ସହ କାହିଁକି ହେଲା। କାହିଁକି ନା କଷ୍ଟ ପାଉଥିବା ଲୋକ ଜାଣିଥାଏ କଷ୍ଟ ସହିକି ବଞ୍ଚିବା କେତେ କଷ୍ଟ ସେଥିପାଇଁ କଷ୍ଟ ପାଉଥିବା ଲୋକ କଷ୍ଟ ପାଏ କିନ୍ତୁ କାହାକୁ କଷ୍ଟ ଦେବାକୁ ଚାହିଁ ନଥାଏ। ଅବଶ୍ୟ ଯେତେବେଳେ କିଛି ଭଲ ଲୋକ ଅଧର୍ଯ୍ୟ ହୋଇଯାଆନ୍ତି କଷ୍ଟ ସହିବାର ସୀମା ଟପି ଯାଆନ୍ତି ସେତେବେଳେ ସେମାନେ କହିଦିଅନ୍ତି ଏମାନଙ୍କ ହିସାବ ମୁଁ ନୁହେଁ ଯମ କରିବେ।

ତେବେ କାହାର ମରିବା କଥା କହି ନିଜ ମନକୁ ସାନ୍ତ୍ୱନା ଦେବା ଭୁଲ କଥା। ସବୁଠାରୁ ବଡ କଥା ହେଲା ଯେଉଁମାନେ ଆପଣଙ୍କୁ କଷ୍ଟ ଦେବାକୁ ଚାହୁଁଛନ୍ତି ଆପଣ ସେମାନଙ୍କ ଠାରୁ ଦୂରେଇ ରୁହନ୍ତୁ ଦେଖିବେ କଷ୍ଟ ଦେଉଥିବା ଲୋକ ଆପଣଙ୍କ ପାଖକୁ ଆସିବାକୁ କେବେ ଚେଷ୍ଟା କରିବନି। ଆଉ ଯେଉଁ କୁହାଯାଉଛି ଭଗବାନ ସବୁ ଦେଖୁଛନ୍ତି ଏ କଥାର ସତ୍ୟାସତ୍ୟ ମୁଁ ତ ଜାଣିନି କିନ୍ତୁ ଏକଥା କହିପାରିବି କଷ୍ଟ ଦେଉଥିବା ଲୋକର ସହଯୋଗୀ ଅନେକ ଥାଆନ୍ତି ସେଥିପାଇଁ ହସିଲା ଲୋକର ହସକୁ ଛଡେଇ ଆଖିରେ ଲୁହ ଦେଇଦେଇଥାନ୍ତି। ତେବେ ଆପଣମାନେ ଭାବୁଥିବେ ତାହାଲେ କଷ୍ଟ ଦେଉଥିବା ଲୋକର ହିସାବ କେମିତି ହୁଏ। ତେବେ କଷ୍ଟ ଦେଉଥିବା ଲୋକର ହିସାବ କେବଳ ତା ଆତ୍ମୀୟମାନେ ହିଁ କରିଥାଆନ୍ତି ସେ ଯେଉଁ କଷ୍ଟ ବାହାରେ ଅନ୍ୟମାନଙ୍କୁ ଦିଏ ସେ ସେହି କଷ୍ଟ ତା ଘରକୁ ଫେରିଲେ ପାଏ।

**ଅନ୍ଧାରୁଆ, ଭୁବନେଶ୍ୱର**
**ମୋବାଇଲ୍:୯୦୯୦୬୬୧୫୮୬**



# ପ୍ରେମିକ ସହ ପତ୍ନୀ ଫେରାର, କ୍ଷୀରରେ ସ୍ନାନ କଲେ ସ୍ୱାମୀ

**ଗୌହାଟୀ,୧୨।୭:** ଆପଣ ନିଶ୍ଚୟ ହିନ୍ଦୀ ଫିଲ୍ମ 'ନାୟକ'ରେ ଅନିଲ କପୁର କ୍ଷୀରରେ ଗାଧାଉଥିବା ସିନ୍ ଦେଖିଥିବେ । ଏହି ରିଲ୍ ସିନ ଏବେ ରିୟଲରେ ଦେଖିବାକୁ ମିଳିଛି । ଯେଉଁଠି ଜଣେ ବ୍ୟକ୍ତି ପ୍ରାୟ ୪୦ ଲିଟରେ କ୍ଷୀରରେ ଗାଧୋଇଛନ୍ତି । ଆଉ କହୁଛନ୍ତି ମୁଁ ମୁକ୍ତ ହୋଇଗଲି.. ମୋ ଉପରେ ବଡ଼ ବୋଝ ଥିଲା.. ଏବେ ମୁଁ ସବୁକିଛି ଧୋଇ ଦେଇଛି । ତେବେ ଏମିତି କହିବା ଓ ଏତେ ଲିଟର କ୍ଷୀରରେ ବ୍ୟକ୍ତି ଜଣଙ୍କ କାହିଁକି ଗୋଧୋଇଲେ ? ଏହାର କାରଣ ଜାଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ। ବ୍ୟକ୍ତି ଜଣଙ୍କ ନିଜ ଖୁସିରେ କ୍ଷୀରରେ ଗାଧୋଇଛନ୍ତି। ଆଉ ଖୁସିର କାରଣ ହେଉଛି ତାଙ୍କର ଛାଡପତ୍ର ହୋଇଯାଇଛି। କ୍ଷୀରରେ ଗାଧାଉଥିବା ବ୍ୟକ୍ତି ଜଣଙ୍କ ହେଉଛନ୍ତି ଆସାମ ନାଲବାରି ଜିଲ୍ଲା ମୁକାଲମୁଆ ପୋଲିସ ଷ୍ଟେସନ ଅନ୍ତର୍ଗତ ବରାଲିଆପାର ଗାଁର ମାଣିକ ଅଲି । ମାଣିକଙ୍କ କହିବା ଅନୁସାରେ, ତାଙ୍କ ସ୍ତ୍ରୀ ଦୁଇ ଦୁଇ ଥର ତାଙ୍କ ପ୍ରେମିକ ସହ ଫେରାର ହୋଇ



ଯାଇଥିଲେ । ନିଜ ଛୁଆଙ୍କ କଥା ଭାବି ସ୍ତ୍ରୀକୁ କ୍ଷମା କରିବା ସହ ଘରକୁ ଫେରାଇ ଆଣିଥିଲେ । ବିବାହ ସମ୍ପର୍କକୁ ବଜାୟ ରଖିବାକୁ ନିଜ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ ମାଣିକ। କିନ୍ତୁ ସ୍ତ୍ରୀର ପ୍ରକୃତି ବଦଳି ନଥିଲା। ଏଭଳି ସମାନ ଭୁଲ ବାରମ୍ବାର କରି ଚାଲିଥିଲା । ମାଣିକ ଏସବୁକୁ ସହ୍ୟ କରିପାରିଲେ ନାହିଁ। ଶେଷରେ ବାଧ୍ୟ ହୋଇ ଛାଡପତ୍ର ବାଟ ବାଛିଲେ । ଅନେକ ଦିନ ଧରି ଆଇନ ଗତ ପ୍ରକ୍ରିୟା ଚାଲିବା ପରେ ଶେଷରେ ପ୍ରକ୍ରିୟା ଶେଷ ହୋଇଥିଲା। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛାଡପତ୍ର ହୋଇଥିଲା। କୋର୍ଟରେ ଛାଡପତ୍ର ହେବା ପରେ ଖୁସି ହୋଇଯାଇଥିଲେ ମାଣିକ । ନିଜ ଉପରେ ୪ଟି ପୂର୍ଣ୍ଣ ବାଲଟି (ପ୍ରାୟ ୪୦ ଲିଟର) କ୍ଷୀର ଢାଳି ନାଟକୀୟ ଢଙ୍ଗରେ ଏହି ଅବସରକୁ ପାଳନ କରିଥିଲେ। କ୍ଷୀରରେ ଗାଧୋଇବା ସହ କହୁଥିଲେ "ଆଜିଠାରୁ, ମୁଁ ମୁକ୍ତ... ମୁଁ ବୋଝ ହୋଇଯାଇଥିଲି। ଏବେ ମୁଁ ସବୁକିଛି ଧୋଇ ଦେଇଛି।" ମାଣିକ ଅଲି କୁହନ୍ତି, "ମୋ ସ୍ତ୍ରୀ ତାଙ୍କ ପ୍ରେମିକଙ୍କ ସହ ଦୁଇଥର ପଳାଇଲା। ଆମ ଛୋଟ ଝିଅ ବିଷୟରେ ଭାବି ମୁଁ ତାଙ୍କୁ ଉଭୟ ଥର କ୍ଷମା କରି ଘରକୁ ଫେରାଇ ଆଣିଥିଲି । ବୈବାହିକ ଜୀବନ ବଞ୍ଚାଇ ରଖିବା ପାଇଁ ଅନେକ ଚେଷ୍ଟା କଲି । କିନ୍ତୁ ସେ ସମାନ ଭୁଲ ବାରମ୍ବାର କରି ଚାଲିଥିଲା । ମୁଁ ଆଉ ସହ୍ୟ କରିପାରିଲି ନାହିଁ, ଏବଂ ଶେଷରେ ଆଇନଗତ ଛାଡପତ୍ର ପାଇଁ ବାଛିଥିଲି । ସେ ପୂର୍ବରୁ ଚାଲିଯାଇଥିଲେ, କିନ୍ତୁ ଏଥର ସେ ମୋ ଝିଅକୁ ସାଙ୍ଗରେ ନେଇ ଚାଲି ଯାଇଛି । ଏଥିରେ ମୁଁ ଭାଙ୍ଗି ପଡିଥିଲି । ଏବେ ବିଚ୍ଛେଦ ପରେ, ମୁଁ ଅନୁଭବ କଲି ଯେ, ମୁଁ ଏକ ନୂଆ ଜନ୍ମ ନେଇଛି । ମୋ ଜୀବନରେ ଏକ ନୂଆ ଆରମ୍ଭ ହୋଇଥିବାରୁ ମୁଁ କ୍ଷୀରରେ ଗାଧୋଇଛି ।"

# ଛତ୍ରପତି ଶିବାଜୀ ଦୁର୍ଗକୁ ୟୁନେସ୍କୋର ମାନ୍ୟତା

- ଐତିହାସିକ ଏବଂ ଗୌରବର ମୁହୂର୍ତ୍ତ ବୋଲି କହିଲେ ଫଡନାଭିସ୍
- ଏହି ସଫଳତାକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ



**ପ୍ୟାରିସ୍, ୧୨।୭:** ଛତ୍ରପତି ଶିବାଜୀଙ୍କ ଅମଳର ମରାଠା ଦୁର୍ଗକୁ ମିଳିଲା ୟୁନେସ୍କୋର ମାନ୍ୟତା। ବିଶ୍ୱ ଐତିହ୍ୟ ତାଲିକାରେ ପାଇଲା ସ୍ଥାନ । ୟୁନେସ୍କୋ ଐତିହ୍ୟ ତାଲିକାରେ ସାମିଲ ହେଲା 'ମରାଠା ସୈନ୍ୟଭୂମି, ଯାହା ଭାରତର ୪୪ତମ ୟୁନେସ୍କୋ ମାନ୍ୟତା ପାଇଛି । ଏହାକୁ ନେଇ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ସୋସିଆଲ ମିଡିଆରେ ପୋଷ୍ଟ ସେୟାର କରିଛନ୍ତି। ଏହାସହିତ ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ୟାରିସରେ ୪୭ତମ ବିଶ୍ୱ ଐତିହ୍ୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ବିଦେଶିକ ମନ୍ତ୍ରୀ ଓ ପର୍ଯ୍ୟଟନ ମନ୍ତ୍ରୀ ଟୁଇଟ୍ କରି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଏକ୍ସରେ ପୋଷ୍ଟ ସେୟର କରି ଲେଖିଛନ୍ତି, ଐତିହାସିକ ଏବଂ ଗୌରବର ମୁହୂର୍ତ୍ତ । ମହାରାଷ୍ଟ୍ର ସରକାର ଆମର ପ୍ରିୟ ଛତ୍ରପତି ଶିବାଜୀ ମହାରାଜାଙ୍କୁ ପ୍ରଣାମ କରୁଛି । ମହାରାଷ୍ଟ୍ରର ନାଗରିକ ଏବଂ ସମସ୍ତ ଶିବଭକ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ମହାରାଷ୍ଟ୍ର ଓ ତାମିଲନାଡୁର ୧୨ଟି ଦୁର୍ଗ ସମେତ ସାଲହେର, ଶିବନେରୀ, ଲୋହଗଡ଼, ଖଣ୍ଡେରୀ, ରାୟଗଡ଼, ରାଜଗଡ଼, ପ୍ରତାପଗଡ଼, ସୁବର୍ଣ୍ଣଦୁର୍ଗ, ପାନହାଲା, ବିଜୟଦୁର୍ଗ, ସିନ୍ଧୁଦୁର୍ଗ ଓ ଗିଙ୍ଗୀ ଦୁର୍ଗ ମରାଠା ଶାସକଙ୍କ ସାମରିକ ରଣନୀତି ଓ ସ୍ଥାପତ୍ୟ କୌଶଳକୁ ପ୍ରଦର୍ଶିତ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ ଏହି ଐତିହାସିକ ସଫଳତାକୁ ପ୍ରଶଂସା କରିଛନ୍ତି ।

# ଦିଲ୍ଲୀରେ ଭୁଶୁଡ଼ିଲା ୪ ମହଲା କୋଠା

## ଅନେକ ଲୋକ ଦବିଥିବା ଆଶଙ୍କା



**ନୂଆଦିଲ୍ଲୀ,୧୨।୭:** ଦିଲ୍ଲୀରେ ବଡ଼ ଅଘଟଣ । ଭୁଶୁଡ଼ିଲା ୪ ମହଲା କୋଠା। ଭଗ୍ନାବଶେଷ ତଳେ ୧୨ ଜଣ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି । ଘଟଣା ସ୍ଥଳରେ ଦମକଳ ଗାଡ଼ି ରହିଛି । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସିଲମପୁର ଇଦଗା ରୋଡରେ ଏହି ଅଘଟଣ ଘଟିଛି । ଘଟଣାସ୍ଥଳରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଖବର ମୁତାବକ, ଆଜି ସକାଳ ପ୍ରାୟ ସଢ଼େ ୭ଟା ବେଳେ ଦିଲ୍ଲୀ ୱେଲକମ ଅଞ୍ଚଳରେ ଏକ ୪ ମହଲା କୋଠା ଭୁଶୁଡ଼ି ପଡ଼ିଥିଲା । ଏହି ବିଲ୍ଡିଂରେ ଗୋଟିଏ ପରିବାରର ୧୦ ଜଣ ରହୁଥିଲେ । ତେବେ ଭୁଶୁଡ଼ିବା ବେଳେ କେତେ ଜଣ ଥିଲେ ସଂପୂର୍ଣ୍ଣ ସ୍ପଷ୍ଟ ହୋଇନି । ୪ ଜଣଙ୍କୁ ଭଗ୍ନାବଶେଷ ତଳୁ ଉଦ୍ଧାର କରାଯାଇଛି । ଏବେ ବି ୩-୪ ଜଣ ଫସି ରହିଥିବା ଆଶଂକା କରାଯାଉଛି । ରେସକ୍ୟୁ ଅପରେସନ ଜାରି ରହିଛି । ଉଦ୍ଧାରକାରୀ ଏନ୍‌ଡିଆର୍‌ଏଫ୍ ଟିମ୍ କୁ ସ୍ଥାନୀୟ ଲୋକେ ମଧ୍ୟ ସହାୟତା କରୁଛନ୍ତି । ଗଳିଟି ବହୁତ ଛୋଟ ହୋଇଥିବାରୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହେଉଛି। ତେବେ ବିଲ୍ଡିଂଟି କାହିଁକି ଭୁଶୁଡ଼ିଲା, ସେ ନେଇ କିଛି ସ୍ପଷ୍ଟ ହୋଇ ନାହିଁ । ବିଲ୍ଡିଂ ଭୁଶୁଡ଼ିବା ବେଳେ ପ୍ରଚଣ୍ଡ ଶବ୍ଦ ହୋଇଥିଲା । ଫଳରେ ସ୍ଥାନୀୟ ଲୋକେ ଦୌଡ଼ି ଆସିଥିଲେ । ତେବେ ଭୁଶୁଡ଼ିବା ବେଳେ ବିଲ୍ଡିଂରେ ଥିବା ଲୋକେ ଶୋଇଥିଲେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି ।

# ନ୍ୟାୟିକ ବ୍ୟବସ୍ଥାରେ ସୁଧାର ଆଣିବାର ଆବଶ୍ୟକତା ରହିଛି: ଜଷ୍ଟିସ ଗଭାଇ



**ହାଇଦ୍ରାବାଦ,୧୨।୭:** "ଭାରତର ନ୍ୟାୟୀକ ବ୍ୟବସ୍ଥା ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି, ଏଥିରେ ସୁଧାର ଆଣିବାର ବହୁତ ଆବଶ୍ୟକତା ରହିଛି" ବୋଲି କହିଛନ୍ତି ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର. ଗଭାଇ । ଆଜି ହାଇଦ୍ରାବାଦର ଜଷ୍ଟିସ୍ ସିଟିରେ ଥିବା ନାଲସାର ଆଇନ ବିଶ୍ୱବିଦ୍ୟାଳୟରେ ସମାବର୍ତ୍ତନ ଉତ୍ସବରେ ସମ୍ବୋଧନ କରୁଥିବା ସମୟରେ ଜଷ୍ଟିସ୍ ଗଭାଇ ଛାତ୍ରମାନଙ୍କୁ ପରିବାର ଉପରେ ଆର୍ଥିକ ଚାପ ନପକାଇ ଛାତ୍ରବୃତ୍ତି ନେଇ ବିଦେଶ ଯିବାକୁ ପରାମର୍ଶ ଦେଇଥିଲେ।

ସିଜେଆଇ ଗଭାଇ କହିଛନ୍ତି, "ମୁଁ ନିଷ୍କର୍ଷ ପହଞ୍ଚିଛି ଯେ ଆମର ନ୍ୟାୟୀକ ବ୍ୟବସ୍ଥାରେ ସୁଧାର କରିବାର ବହୁତ ଆବଶ୍ୟକତା ରହିଛି, ତଥାପି ମୁଁ ପୁରୀ ଆଶାବାଦୀ ଯେ ମୋ ସହ ନାଗରିକମାନେ ଏହି ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହେବେ ।" "ଆମ ଦେଶ ଏବଂ ନ୍ୟାୟୀକ ବ୍ୟବସ୍ଥା ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି । ବିଚାରରେ ବିଳମ୍ବ କେତେବେଳେ ଦଶନ୍ଧି ଦଶନ୍ଧି ଧରି ଚାଲୁଛି । ଆମେ ଏପରି ମାମଲା ଦେଖିଛୁ ଯେଉଁଠାରେ ଜଣେ ବ୍ୟକ୍ତି ବର୍ଷ ବର୍ଷ ଧରି ବିଚାରାଧୀନ ଭାବରେ ଜେଲରେ ରହିବା ପରେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୋଇଛି। ଆମର ସର୍ବଶ୍ରେଷ୍ଠ ପ୍ରତିଭା ଆମକୁ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିପାରିବ ।" କଲେଜରୁ ଉତ୍ତିର୍ଣ୍ଣ ହୋଇଥିବା ସ୍ନାତକମାନଙ୍କୁ ପରାମର୍ଶ ଦେଇ ସିଜେଆଇ ଗଭାଇ କହିଥିଲେ ଯେ ସେମାନେ ଗୁରୁମାନଙ୍କୁ ସେମାନଙ୍କର କ୍ଷମତା ପାଇଁ ନୁହେଁ, ବରଂ ସଚ୍ଚୋଟତା ପାଇଁ ଚିହ୍ନନ୍ତୁ । ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ଏବଂ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ପି.ଏସ. ନରସିଂହ ମଧ୍ୟ ସମାବର୍ତ୍ତନରେ ଅଂଶଗ୍ରହଣ କରିଥିଲେ, ତେଲେଙ୍ଗାନା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୁଜୋୟ ପାଉଲ ସମାବର୍ତ୍ତନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମେ ୧୪ ତାରିଖରେ ଭାରତର ୫୨ ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଇଥିଲେ ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ । ପୂର୍ବତନ ସିଜେଆଇ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କ ପରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ହୋଇଛନ୍ତି ଜଷ୍ଟିସ ଗଭାଇ ।

# ୧୮ରେ ଆସିବ ପିଏମ୍ କିଷାନ ଟଙ୍କା!



**ନୂଆଦିଲ୍ଲୀ,୧୨।୭:** ଦେଶର କୋଟି କୋଟି ଚାଷୀଙ୍କ ପାଇଁ ଆଶ୍ୱସ୍ତିର ଖବର ଆସୁଛି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା (ପିଏମ କିଷାନ ଯୋଜନା)ର ୨୦ତମ କିସ୍ତି ପାଇଁ ଚାଷୀମାନେ ଦୀର୍ଘ ଦିନ ଧରି ଅପେକ୍ଷା କରିଥିଲେ। ଏବେ ଖବର ଆସିଛି ଯେ ଏହି କିସ୍ତି ଆସନ୍ତା ସପ୍ତାହରେ ଘୋଷଣା କରାଯାଇପାରେ। ଯଦି ଗଣମାଧ୍ୟମ ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୮ ଜୁଲାଇରେ ବିହାରର ମୋତିହାରୀ ଗସ୍ତ ସମୟରେ ଏହି ଘୋଷଣା କରିପାରନ୍ତି। ତଥାପି, ସରକାରୀ ନିଶ୍ଚିତକରଣ ଏପର୍ଯ୍ୟନ୍ତ ହୋଇନାହିଁ। ଏହି ଯୋଜନା ଅଧୀନରେ, ପ୍ରତିବର୍ଷ ଚାଷୀମାନଙ୍କୁ ୬୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଏ, ଯାହା ତିନୋଟି କିସ୍ତିରେ ଦିଆଯାଏ। ଆଶା କରାଯାଉଥିଲା ଯେ ୨୦ ତମ କିସ୍ତି ଜୁନ ଶେଷ ସୁଦ୍ଧା ଆସିବ। ଏବେ ଜୁଲାଇ ପ୍ରଥମ ସପ୍ତାହ ମଧ୍ୟ ବିତିଗଲାଣି, କିନ୍ତୁ ଏପର୍ଯ୍ୟନ୍ତ ରାଶି ଆସିନାହିଁ। ରିପୋର୍ଟ ଅନୁସାରେ, ପ୍ରସ୍ତୁତି ଶେଷ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ବିଦେଶ ଯାତ୍ରା ଶେଷ ହେବା ମାତ୍ରେ, କିସ୍ତି ଘୋଷଣା କରାଯାଇପାରେ।

**ଶରଦ ପାୱାରଙ୍କୁ ଝଟକା**

# ସଭାପତି ପଦ ଛାଡ଼ିଲେ ଜୟନ୍ତ ପାଟିଲ



**ମୁମ୍ବାଇ,୧୨।୭:** ଶରଦ ପାୱାରଙ୍କ ଏନସିପିରେ ଏକ ବଡ଼ ଧରଣର ଅଦଳବଦଳ ହୋଇଛି। ଜୟନ୍ତ ପାଟିଲ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଏହାପରେ ଶରଦ ପାୱାର ଏବେ ଶଶିକାନ୍ତ ଶିନ୍ଦେଙ୍କୁ ଦଳର ନୂତନ ସଭାପତି ଭାବରେ ନିଯୁକ୍ତ କରିଛନ୍ତି। ଶଶିକାନ୍ତ ଶିନ୍ଦେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିବେ। ଜୟନ୍ତ ପାଟିଲ ପାର୍ଟି ମୁଖ୍ୟ ଶରଦ ପାୱାରଙ୍କ ଠାରୁ ଦାବି କରିଥିଲେ ଯେ ତାଙ୍କୁ ରାଜ୍ୟ ସଭାପତି ପଦରୁ ମୁକ୍ତ କରାଯାଉ। ସେ ଜୁନ ୧୦ରେ ଦଳର ବାର୍ଷିକୀରେ ଇସ୍ତଫା ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ। ଜୟନ୍ତ ପାଟିଲ କହିଛନ୍ତି, ପାୱାର ସାହେବ ମୋତେ ବହୁତ ସୁଯୋଗ ଦେଇଥିଲେ। ସେ ମୋତେ ସାତ ବର୍ଷର କାର୍ଯ୍ୟକାଳ ଦେଇଥିଲେ। ଶେଷରେ, ଦଳକୁ ନୂତନ ମୁହଁକୁ ସୁଯୋଗ ଦେବାକୁ ପଡିବ। ମୁଁ ଆପଣମାନଙ୍କୁ ଅନୁରୋଧ କରିବି ଯେ ସର୍ବପରି ଦଳ ପାୱାର ସାହେବଙ୍କର। ସେ ଏ ବିଷୟରେ ସଠିକ ନିଷ୍ପତ୍ତି ନେବା ଉଚିତ୍। ଆମକୁ ଏପର୍ଯ୍ୟନ୍ତ ବହୁତ ବାଟ ଯିବାକୁ ଅଛି।

# ସ୍ୱାଧୀନତାର ୭୫ ବର୍ଷ ପରେ ଆଇଜୋଲକୁ ଗଡ଼ିବ ଟ୍ରେନ




**ଆଇଜୋଲ, ୧୨।୭:** ଭାରତ ସ୍ୱାଧୀନତାର ୭୫ ବର୍ଷ ପରେ ପ୍ରଥମ ଥର ମିଜୋରାମ ରାଜଧାନୀ ଆଇଜୋଲକୁ ଟ୍ରେନ ଗଡିବ। ବୈରାବୀ-ସାୟରାଙ୍ଗ ରେଳ ପ୍ରକଳ୍ପରେ ଆଇଜୋଲକୁ ଦେଶର ପ୍ରମୁଖ ରେଳ ନେଟୱାର୍କ ସହିତ ସଂଯୁକ୍ତ କରାଯାଇଛି। ଏହି ଐତିହାସିକ ପଦକ୍ଷେପ ଯୋଗୁ ପୂର୍ବୋତ୍ତର ନା କେବଳ ଅନ୍ୟ ରାଜ୍ୟଙ୍କ ସହ ସଂଯୁକ୍ତ ହୋଇଛି ବରଂ ଏହା ଦ୍ୱାରା ମିଆଁମାର ବର୍ଡର ସ୍ଥିତ ଏହି କ୍ଷେତ୍ରର ସାମରିକ ଗୁରୁତ୍ୱ ମଧ୍ୟ ବଢି ଯାଇଛି। ମିଜୋରାମ ଯାହାକୁ 'ହେଭେନ ଅଫ ନର୍ଥଇଷ୍ଟ' କୁହାଯାଏ ସେଠାରେ ଏବେ ବିକାଶ, ରୋଜଗାର ଓ କନେକ୍ଟିଭିଟି ଲାଗି ନୂଆ ରାସ୍ତା ଖୋଲିଛି। ନର୍ଥଇଷ୍ଟ ରେଲୱେ ମୁଖ୍ୟ ଲୋକସମ୍ପର୍କ ଅଧିକାରୀ(ସିପିଆରଓ) କେ.କେ.ଶର୍ମା କହିଛନ୍ତି ଯେ ଏହି ଟ୍ରାକ୍ ରେ ରେଳ ଚଳାଚଳ ଆରମ୍ଭ ହେବା ଯୋଗୁ ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା ଓ ଏବେ ମିଜୋରାମ ଏହି ଚାରି ପୂର୍ବୋତ୍ତର ରାଜ୍ୟଙ୍କ ରାଜଧାନୀ ଦେଶର ମୁଖ୍ୟ ରେଳ ନେଟୱାର୍କ ସହ ସଂଯୁକ୍ତ ହୋଇଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ପ୍ରକଳ୍ପକୁ 'ମିଜୋରାମକୁ ଭାରତର ହୃଦୟ ସହ ସଂଯୋଗ' ବୋଲି କହିବା ସହିତ ଏହାକୁ ଖୁବ୍ ଶୀଘ୍ର ଯାତ୍ରୀଙ୍କ ନିମନ୍ତେ ଆରମ୍ଭ କରାଯିବ ବୋଲି ସୂଚିତ କରିଛନ୍ତି। ଏଣୁ ପ୍ରଧାନମନ୍ତ୍ରୀ ଖୁବ୍ ଶୀଘ୍ର ଏହି ରେଳ ମାର୍ଗକୁ ଉନ୍ମୋଚନ କରିବେ ବୋଲି ଆକଳନ କରାଯାଉଛି। ଆଇଜୋଲକୁ ସଂଯୁକ୍ତ କରୁଥିବା ବୈରାବୀ-ସାୟରାଙ୍ଗ ରେଳ ପ୍ରକଳ୍ପର କାମ ଶେଷ ହୋଇଛି। ମୋଟ ୫୧ କିଲୋମିଟରର ଏହି ନୂଆ ରେଳ ଲାଇନ ଦ୍ୱାରା ମିଜୋରାମ ରାଜଧାନୀ ଆଇଜୋଲକୁ ଦେଶର ଅନ୍ୟ ଅଞ୍ଚଳ ସହ ସଂଯୁକ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଏ ପର୍ଯ୍ୟନ୍ତ ଆଇଜୋଲ ପହଞ୍ଚିବା ପାଇଁ ବିମାନ ମାର୍ଗରେ ଅଥବା ସଡ଼କ ପଥରେ ଦୀର୍ଘ ଯାତ୍ରା କରି ଯିବାକୁ ପଡୁଥିଲା। ଆସାମର ସିଲଚରରୁ ଆଇଜୋଲ ପର୍ଯ୍ୟନ୍ତ ସଡ଼କ ମାର୍ଗରେ ଯାତ୍ରା କରିବାକୁ ୮ରୁ ୧୦ ଘଣ୍ଟା ସମୟ ଲାଗୁଥିଲା। ଏବେ ଏହି ନୂଆ ରେଳ ଲାଇନ ମାଧ୍ୟମରେ ଏହି ଦୂରତାକୁ ମାତ୍ର ୩ ଘଣ୍ଟାରେ ପୂରା କରାଯାଇ ପାରିବ। ରେଳବାଇ ଅନୁସାରେ ଟ୍ରେନ ଏହି ଟ୍ରାକ୍ ରେ ଘଣ୍ଟାପ୍ରତି ୧୧୦ କିଲୋମିଟର ବେଗରେ ଚାଲିବ। ଏଣୁ ଯାତ୍ରା ଦ୍ରୁତ ଓ ଆରାମ ପ୍ରଦ ହେବ।

# ଉତ୍ତରାଖଣ୍ଡରେ ୧୦୦ରୁ ଅଧିକ ଭଣ୍ଡବାବା ଗିରଫ



**ଡେରାଡୁନ୧୨।୭:** ଉତ୍ତରାଖଣ୍ଡରେ ପୋଲିସ ଭଣ୍ଡବାବାଙ୍କ ବିରୋଧରେ ଅପରେସନ 'କାଳନେମୀ' ଚଳାଇଛି। ଦୁଇ ଦିନ ହେଲା ଆରମ୍ଭ ହୋଇଥିବା ଅପରେଶନର ଶନିବାର ଦ୍ୱିତୀୟ ଦିନ ସାଧୁ ବେଶରେ ବୁଲୁଥିବା ୨୩ ଜଣ ଭଣ୍ଡବାବାଙ୍କୁ ଗିରଫ କରାଯାଇଛି। ଏହା ସହ ମୋଟ ଗିରଫ ଭଣ୍ଡବାବାଙ୍କ ସଂଖ୍ୟା ୧୦୦କୁ ପହଞ୍ଚିଛି। ତେବେ ଶନିବାର ଗିରଫ ହୋଇଥିବା ଭଣ୍ଡ ବାବାଙ୍କ ମଧ୍ୟରୁ ୧୦ ଜଣ ଅନ୍ୟ ରାଜ୍ୟର ବୋଲି ଜଣାପଡିଛି।

କେବଳ ଡେରାଡୁନରେ ଏ ପର୍ଯ୍ୟନ୍ତ ୫୦ ଭଣ୍ଡଙ୍କୁ ଗିରଫ କରାଗଲାଣି। ଏମାନଙ୍କ ମଧ୍ୟରେ ମୁସଲମାନ ସମୁଦାୟର ଲୋକେ ବି ଅଛନ୍ତି। ଏଥିରେ ଏସଏସପି ଡେରାଡୁନ ଅଜୟ ସିଂହ କହିଛନ୍ତି ଯେ ଲୋକଙ୍କ ଆସ୍ଥା ସହିତ କାହାରିକୁ ଖେଳିବାକୁ ଦିଆଯିବନି। ଦେବଭୂମିରେ ଧର୍ମ ଆଢୁଆଳରେ ଲୋକଙ୍କ ଭାବନା ଓ ଆସ୍ଥା ସହିତ ଖେଳୁଥିବା ଏବଂ ଠକେଇ କରୁଥିବା ଛଦ୍ମ ବେଶଧାରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ଧାମୀଙ୍କ ନିର୍ଦ୍ଦେଶରେ ଅପରେସନ 'କାଳନେମୀ' ଆରମ୍ଭ କରାଯାଇଛି।

ଏଥିରେ ବରିଷ୍ଠ ଅଧିକାରୀ ଥାନାପ୍ରଭାରୀଙ୍କୁ ନିଜନିଜ ଥାନା ଅଞ୍ଚଳରେ ଏପରି ଭଣ୍ଡ ବାବାଙ୍କ ସନ୍ଧାନ କରି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ହରିଦ୍ୱାରରେ ମଧ୍ୟ ପୋଲିସ ଏପରି ବହୁରୂପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚଳାଇଛି। ଏସଏସପି ପ୍ରମେନ୍ଦ୍ର ଡୋଭାଲ କହିଛନ୍ତି ଯେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏପରି ବାବାଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ କରିବାକୁ ପୃଥକ ପୃଥକ ଟିମ୍ ଗଢାଯାଇଛି।

ହରିଦ୍ୱାରରେ ଏପର୍ଯ୍ୟନ୍ତ ୪୫ ଜଣ ବହୁରୂପୀ ସାଧୁଙ୍କୁ ଗିରଫ କରାଯାଇଛି। କୁହାଯାଇଛି ଯେ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅଞ୍ଚଳରେ ପୋଲିସ ଟିମ୍ ଦ୍ୱାରା କୋଲିୟର କ୍ଷେତ୍ରରୁ ୬ ଜଣ ଭଣ୍ଡବାବାଙ୍କୁ ଗିରଫ କରାଯାଇଛି। ସେହିପରି ସହରାଞ୍ଚଳ ଟିମ୍ ତ୍ୱରିତ କାର୍ଯ୍ୟାନୁଷ୍ଠାନ କରି କୋତୱାଲୀ ଥାନାଅଞ୍ଚଳରେ ୧୩, ଶ୍ୟାମପୁରରୁ ୧୮ ଓ କନଖେଲରୁ ୮ ଭଣ୍ଡ ବାବାଜୀଙ୍କୁ ଗିରଫ କରିଛି।

# ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ୧୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଉପହାର!



**ପାଟନା, ୧୨।୭:** ଚଳିତବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବ । ଏଥିପାଇଁ ସମସ୍ତ ରାଜନୈତିକ ଦଳ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ବିଭିନ୍ନ ରାଜନୈତିକ ଦଳ ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନାର ପ୍ରଚାର କରିଛନ୍ତି। ନୀତିଶ କୁମାର ରାଜ୍ୟର ପ୍ରତ୍ୟେକ ପରିବାର ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଉପଭୋକ୍ତା ମାନକୁ ମାଗଣାରେ ୧୦୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ପାଇପାରିବେ ବୋଲି ଘୋଷଣା କରିଛନ୍ତି । ଏହି ପ୍ରସ୍ତାବକୁ ଅର୍ଥ ବିଭାଗ ପକ୍ଷରୁ ମଞ୍ଜୁରୀ ମିଳିଯାଇଥିବା ବେଳେ କ୍ୟାବିନେଟର ମୋହର ଲାଗିବା ବାକି ରହିଛି। ଉପଭୋକ୍ତାଙ୍କୁ ୧୦୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ବ୍ୟବହାର କରିବା ପର୍ଯ୍ୟନ୍ତ କୌଣସି ପ୍ରକାର ଶୁଳ୍କ ପ୍ରଦାନ କରିବାକୁ ପଡ଼ିବ ନାହିଁ। ଏହାପରେ ଯେତିକି ବିଜୁଳି ଉପଭୋକ୍ତା ଖର୍ଚ୍ଚ କରିବେ ସେଇ ଅନୁଯାୟୀ ଚାର୍ଜ ପୈଠ କରିବାକୁ ହେବ । ମାଗଣା ବିଜୁଳି ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ ମିଳିବା ପରେ ଯାଇ ଏହାକୁ ଉପଭୋକ୍ତା କିପରି ବ୍ୟବହାର କରିବେ ତାହା ଜଣାପଡ଼ିବ । ଏହି ଯୋଜନାର ଆର୍ଥିକ ଭାର ରାଜ୍ୟ ସରକାର ବହନ କରିବେ ତେଣୁ ପ୍ରଥମେ ଅର୍ଥ ବିଭାଗ ପକ୍ଷରୁ ମଞ୍ଜୁରୀ ପାଇଁ ଆବେଦନ କରାଯାଇଥିଲା।

# ମୁଁ ମୋ ପରିବାରରୁ ଦୂରେଇ ଯିବାକୁ ଚାହୁଁଛି...



**ଗୁରୁଗ୍ରାମ,୧୨।୭:** ଗୁରୁଗ୍ରାମର ରାଧିକା ଯାଦବ ହତ୍ୟା ମାମଲା ଏବେ ସାରା ଦେଶରେ ଚର୍ଚ୍ଚାରେ ଅଛି। ଅଭିଯୁକ୍ତ ବାପା ଦୀପକ ଯାଦବ ବର୍ତ୍ତମାନ ଗୋଟିଏ ଦିନିଆ ପୋଲିସ ରିମାଣ୍ଡରେ ଅଛନ୍ତି। ତାଙ୍କୁ ପଚରାଉଚରା କରାଯାଉଛି। ସେ ତାଙ୍କର ଅପରାଧ ସ୍ୱୀକାର କରିଛନ୍ତି। ଏହି ସମୟରେ, ରାଧିକାଙ୍କ ହ୍ୱାଟସଆପ ଚାଟ ଭାଇରାଲ ହୋଇଛି। ଏଥିରେ, ରାଧିକା ତାଙ୍କ ଟେନିସ କୋଚ୍‌ଙ୍କୁ ସେହି ସମସ୍ୟା ବିଷୟରେ କହିଛନ୍ତି ଯାହା ଯୋଗୁ ସେ ଭାରତରେ ରହିବାକୁ ଚାହୁଁ ନ ଥିଲେ। ଏକ ଚ୍ୟାନେଲରେ ରାଧିକାଙ୍କ ହ୍ୱାଟସଆପ ଚାଟ ଅଛି। ଏହା ଅନୁଯାୟୀ, ରାଧିକା କୋଚଙ୍କୁ କହିଥିଲେ, ସେ ବିଦେଶରେ ରହିବାକୁ ଚାହାଁନ୍ତି। ଏଠାରେ ବହୁତ ପ୍ରତିବନ୍ଧକ ଅଛି। ମୁଁ ମୋ ଜୀବନ ବଞ୍ଚିବାକୁ ଚାହୁଁଛି, ମୁଁ ଏହାକୁ ଉପଭୋଗ କରିବାକୁ ଚାହୁଁଛି। ମୁଁ ମୋ ପରିବାରରୁ ଦୂରେଇ ଯାଇ ଦୁବାଇ କିମ୍ବା ଅଷ୍ଟ୍ରେଲିଆରେ ରହିବାକୁ ଚିନ୍ତା କରୁଛି। ମୁଁ ଚୀନ ଯିବି ନାହିଁ କାରଣ ସେଠାରେ ଖାଦ୍ୟ ବିକଳ୍ପ କମ୍ ଅଛି। ଅଭିଯୁକ୍ତ ବାପା ଦୀପକ ପ୍ରକାଶ କରିଥିଲେ, ସେ ଗାଁର ଲୋକଙ୍କ ତାଚ୍ଛଲ୍ୟରେ ବହୁତ ବିରକ୍ତ ଥିଲେ। ସେମାନେ ପ୍ରତିଦିନ ବିବ୍ରତକାରୀ କଥା କହି ତାଙ୍କୁ ଆଘାତ ଦେଉଥିଲେ। ସେମାନେ କହୁଥିଲେ ଯେ ତୁମେ ତୁମ ଝିଅର ଟଙ୍କାରେ ବଞ୍ଚୁଛ। ତୁମ ଝିଅ ଅବୈଧ ଉପାୟରେ ଟଙ୍କା ରୋଜଗାର କରୁଛି। ଏପରି ପରିସ୍ଥିତିରେ ବିରକ୍ତ ହୋଇ ସେ ଗତ ତିନି ଦିନ ଧରି ଯୋଜନା କରୁଥିଲେ ଯେ ସେ ଆତ୍ମହତ୍ୟା କରିବେ ନଚେତ୍ ତାଙ୍କ ଝିଅକୁ ହତ୍ୟା କରିବେ। ଏକାଡେମୀକୁ ଯିବାକୁ ମନା କରିବା ପାଇଁ ବିବାଦ ପରେ, ସେ ଝିଅକୁ ଚାରିଥର ଗୁଳି କରିଥିଲେ।

# ବିଶ୍ୱର ସବୁଠୁ ବଡ଼ ମୁସଲମାନ ଦେଶ ହୋଇଯିବ ଭାରତ!



**ନୂଆଦିଲ୍ଲୀ,୧୨।୭:** ବିଶ୍ୱରେ ମୁସଲମାନ ସମ୍ପ୍ରଦାୟ ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଧାର୍ମିକ ଗୋଷ୍ଠୀ ଭାବରେ ଉଭା ହୋଇଛି। ବିଶ୍ୱରେ ଖ୍ରୀଷ୍ଟିଆନ ଜନସଂଖ୍ୟା ହ୍ରାସ ପାଇଛି। ପ୍ୟୁ ରିସର୍ଚ୍ଚ ସେଣ୍ଟର ଦ୍ୱାରା ଏକ ସାମ୍ପ୍ରତିକ ରିପୋର୍ଟରେ ପ୍ରକାଶିତ ହୋଇଛି।

ଏହି ରିପୋର୍ଟରେ କୁହାଯାଇଛି ଯେ, ଆଗାମୀ ୨୫ ବର୍ଷ ମଧ୍ୟରେ ଭାରତ ବିଶ୍ୱର ସର୍ବାଧିକ ମୁସଲମାନ ଥିବା ଦେଶ ହେବ। ରିପୋର୍ଟ ଅନୁଯାୟୀ, ମୁସଲମାନ ଜନସଂଖ୍ୟା ୩୪୭ ନିୟୁତ ବୃଦ୍ଧି ପାଇଛି। ଏହି ବୃଦ୍ଧି ସମସ୍ତ ଧର୍ମର ମିଳିତ ଅଭିବୃଦ୍ଧି ଅପେକ୍ଷା ଅଧିକ। ବିଶ୍ୱ ସ୍ତରରେ ମୁସଲମାନଙ୍କ ଅଂଶ ୨୦୧୦ରେ ୨୩.୯ ପ୍ରତିଶତରୁ ୨୦୨୦ରେ ୨୫.୬ ପ୍ରତିଶତକୁ ବୃଦ୍ଧି ପାଇଛି। ପ୍ୟୁର ବରିଷ୍ଠ ଜନସଂଖ୍ୟା ବିଶାରଦ ହାକେଟ କହିଛନ୍ତି, ମୁସଲମାନଙ୍କ ମଧ୍ୟରେ ଶିଶୁ ଜନ୍ମହାର ମୃତ୍ୟୁହାର ଅପେକ୍ଷା ଅଧିକ।

ରିପୋର୍ଟ ଅନୁଯାୟୀ, ୨୦୧୦ ରୁ ୨୦୨୦ ମଧ୍ୟରେ ହିନ୍ଦୁ ଜନସଂଖ୍ୟା ୧୨ ପ୍ରତିଶତ ବୃଦ୍ଧି ପାଇଛି, ଯାହା ବିଶ୍ୱ ଜନସଂଖ୍ୟା ବୃଦ୍ଧି ସହିତ ପ୍ରାୟ ସମାନ। ୨୦୨୦ ମସିହାରେ ହିନ୍ଦୁଙ୍କ ସଂଖ୍ୟା ୧.୨ ବିଲିୟନ ଥିଲା, ଯାହା ବିଶ୍ୱ ଜନସଂଖ୍ୟାର ୧୪.୯ ପ୍ରତିଶତ। ଭାରତରେ ହିନ୍ଦୁ ଜନସଂଖ୍ୟା ୨୦୧୦ରେ ୮୦ ପ୍ରତିଶତରୁ ହ୍ରାସ ପାଇ ୨୦୨୦ ମସିହାରେ ୭୯ ପ୍ରତିଶତରେ ପହଞ୍ଚିଥିଲା। ସେହିପରି ମୁସଲମାନ ଜନସଂଖ୍ୟା ୧୪.୩ ପ୍ରତିଶତରୁ ୧୫.୨ ପ୍ରତିଶତକୁ ବୃଦ୍ଧି ପାଇଥିଲା। ଭାରତରେ ମୁସଲମାନ ଜନସଂଖ୍ୟା ୩୫.୬ ନିୟୁତ ବୃଦ୍ଧି ପାଇଛି।

ବିଶ୍ୱରେ ଖ୍ରୀଷ୍ଟିଆନଙ୍କ ସଂଖ୍ୟା ୨.୧୮ ବିଲିୟନରୁ ୨.୩୦ ବିଲିୟନକୁ ବୃଦ୍ଧି ପାଇଛି, କିନ୍ତୁ ବିଶ୍ୱ ଅଂଶ ୩୦.୬ ପ୍ରତିଶତରୁ ୨୮.୮ ପ୍ରତିଶତକୁ ହ୍ରାସ ପାଇଛି। ଏହି ହ୍ରାସ ମୁଖ୍ୟତଃ ଧର୍ମ ପରିତ୍ୟାଗ କରିବା ଯୋଗୁ ହୋଇଛି, ବିଶେଷକରି ୟୁରୋପ, ଉତ୍ତର ଆମେରିକା ଏବଂ ଅଷ୍ଟ୍ରେଲିଆ ଲୋକ ରହିଛନ୍ତି। ନାସ୍ତିକଙ୍କ ସଂଖ୍ୟା ୨୭୦ ନିୟୁତ ବୃଦ୍ଧି ପାଇ ୧.୯ ବିଲିୟନ ହୋଇଛି, ଯାହା ବିଶ୍ୱ ଜନସଂଖ୍ୟାର ୨୪.୨ ପ୍ରତିଶତ। ମୁସଲମାନମାନଙ୍କ ପରେ ଏହି ଗୋଷ୍ଠୀ ଦ୍ୱିତୀୟ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଗୋଷ୍ଠୀ। ନାସ୍ତିକ ଜନସଂଖ୍ୟାର ୬୮.୩ ପ୍ରତିଶତ କେବଳ ଚାଇନାରେ ବାସ କରନ୍ତି। ମୁସଲମାନ ସମ୍ପ୍ରଦାୟରେ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କାରଣ ହେଉଛି ସେମାନଙ୍କର ହାରାହାରି ଯୁବ ଜନସଂଖ୍ୟା ଏବଂ ଉଚ୍ଚ ପ୍ରଜନନ ହାର। ୨୦୧୦ରେ, ବିଶ୍ୱର ମୋଟ ମୁସଲମାନଙ୍କ ମଧ୍ୟରୁ ୩୫ ପ୍ରତିଶତ ୧୫ ବର୍ଷରୁ କମ ବୟସର ଥିଲେ। ଏହା ଅନ୍ୟ କୌଣସି ଧାର୍ମିକ ଗୋଷ୍ଠୀ ତୁଳନାରେ ସର୍ବାଧିକ ଥିଲା। ୨୦୧୫-୨୦୨୦ର ତଥ୍ୟ ଆଧାରରେ, ଜଣେ ମୁସଲମାନ ମହିଳା ହାରାହାରି ୨.୯ ପିଲା ଜନ୍ମ କରନ୍ତି, ଯେତେବେଳେ ଜଣେ ଅଣ-ମୁସଲମାନ ମହିଳାଙ୍କ ପାଇଁ ଏହି ସଂଖ୍ୟା ୨.୨ ପ୍ରତିଶତ। ଏହା ବ୍ୟତୀତ, ମୁସଲମାନ ଜନସଂଖ୍ୟାର ଏକ ତୃତୀୟାଂଶ ୧୫ ବର୍ଷରୁ କମ ବୟସର, ଯାହା ଭବିଷ୍ୟତରେ ବୃଦ୍ଧିର ସମ୍ଭାବନାକୁ ବୃଦ୍ଧି କରେ।

# ୟୁକ୍ରେନ୍ ଉପରେ ରୁଷର ୭ଶହ ଡ୍ରୋନ୍ ମାଡ଼

**ମସ୍କୋ,୧୨।୭:** ୟୁକ୍ରେନ ଉପରେ ରୁଷିର ବଡ଼ ହମଲା । ୭ଶହ ଡ୍ରୋନ୍, ୧୦ ବମ୍ବର ସହ ଓର୍ଜନ ମିସାଇଲ ଆଟାକ କରିଛି କ୍ରେମଲିନ। ରାତିତମାମ ଡ୍ରୋନ ଓ ମିସାଇଲ ମାଡ଼। ୟୁକ୍ରେନ ଉପରେ ରୁଷର ଏହା ଚଳିତ ମାସର ଚତୁର୍ଥ ବଡ଼ ଆକ୍ରମଣ । ପଶ୍ଚିମ ୟୁକ୍ରେନର ସହରଗୁଡ଼ିକୁ ଟାର୍ଗେଟ କରି ଆଟାକ ହୋଇଥିଲା । ଉତ୍ତର-ପୂର୍ବରେ ଖାରକିଭ ଏବଂ ସୁମିରୁ ପଶ୍ଚିମରେ ଲିଭଭ, ଲୁସ୍କ ଏବଂ ଚେର୍ନିଭସି ପର୍ଯ୍ୟନ୍ତ ବେସାମରିକ ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇଥିଲା । ୟୁକ୍ରେନର ଚେର୍ନିଭସି ସହରରେ ଏହି ଆକ୍ରମଣରେ ଦୁଇ ଜଣ



ଲୋକଙ୍କ ମୃତ୍ୟୁ ହୋଇଛି । ଜଣେ ୨୬ ବର୍ଷିୟା ମହିଳା ଓ ଜଣେ ୪୩ ବର୍ଷର ପୁରୁଷ। ଏହି ଅଞ୍ଚଳ ରୋମାନିଆର ସୀମା ଠାରୁ ପାଖାପାଖି ୪୦ କିଲୋମିଟର ଦୂରରେ ରହିଛି । ଏହି ହମଲା ଏମିତି ସମୟରେ ହୋଇଛି, ଯେତେବେଳେ ନିକଟରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନକୁ ସେନା ସାହାଯ୍ୟ ଦେବାକୁ କହିଥିଲେ। ଆକ୍ରମଣରେ ୧୪ଜଣ ଲୋକ ଆହତ ହୋଇଥିବା ବେଳେ ଅନେକ ଆବାସିକ ଓ ସରକାରୀ କୋଠାଗୁଡ଼ିକ ବଡ଼ ଧରଣର କ୍ଷତିଗ୍ରସ୍ତ ହୋଇଛି। ସହରରେ ଅନେକ ସ୍ଥାନରେ ନିଆଁ ଲାଗିଯାଇଛି ଏବଂ ଆତଙ୍କ ଖେଳିଯାଇଛି। ହମଲାରେ ଲିଭଭ ସହରର ୪୬ଟି ଆବାସିକ ବିଲ୍ଡିଂ , ଏକ ୟୁନିଭର୍ସିଟି, କୋର୍ଟ ଓ ୨୦ରୁ ଅଧିକ ଛୋଟ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଥିବା କିଭି କହିଛି। ସେପଟେ ରୁଷ ହମଲାର ପାଲଟା ଜବାବ ଦେଇଛି ୟୁକ୍ରେନ । ୟୁକ୍ରେନ ରୁଷର ଅନେକ ଡ୍ରୋନ ଓ ମିସାଇଲ ଖସାଇ ଦେଇଥିବା କହିଛି ।

### ଲର୍ଡ୍ସ ଟେଷ୍ଟ: ପନ୍ତ୍ ଓ ଜାଡେଜାଙ୍କ ଅର୍ଦ୍ଧଶତକ

# ରାହୁଲ୍‌ଙ୍କ ଶତକ, ଉଭୟ ଦଳର ସ୍କୋର୍ ଟାଇ



**ଲର୍ଡ୍ସ,୧୨।୭:** ଚଳିତ ଲର୍ଡ୍ସ ଟେଷ୍ଟରେ ଉଭୟ ଦଳର ପ୍ରଥମ ଇନିଂସ ସ୍କୋର୍ ଟାଇ ରହିଛି। ଟେଷ୍ଟ୍ କ୍ରିକେଟ୍ ଇତିହାସରେ ଏହା ନବମ ଘଟଣା ହୋଇଥିବା ବେଳେ ଏଥିରୁ ୪ଟି ମ୍ୟାଚ୍ ଡ୍ର'ରେ ଶେଷ ହୋଇଛି। ତେବେ ପୂର୍ବରୁ ଇଂଲଣ୍ଡ ତା'ର ପ୍ରଥମ ଇନିଂସରେ ୩୮୭ ରନ୍ କରିଥିବା ବେଳେ ଆଜି ମ୍ୟାଚ୍‌ର ତୃତୀୟ ଦିନରେ ଭାରତ ମଧ୍ୟ ସମାନ ସ୍କୋର୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଦଳକୁ ଏହି ସ୍ଥାନରେ ପହଞ୍ଚାଇବାରେ ଓପନର ଲୋକେଶ ରାହୁଲ୍‌ଙ୍କ ଶତକ ଓ ୱିକେଟ୍‌କିପର୍-ବ୍ୟାଟ୍ସମ୍ୟାନ୍ ଋଷଭ ପନ୍ତ୍ ଓ ଅଲ୍‌ରାଉଣ୍ଡର୍ ରବୀନ୍ଦ୍ର ଜାଡେଜାଙ୍କ ଅର୍ଦ୍ଧଶତକୀୟ ଇନିଂସ ମୁଖ୍ୟ ଭୂମିକା ନିର୍ବାହ କରିଛି। ପ୍ରଥମ ଇନିଂସ ଭିତ୍ତିରେ କେହି କାହାରିଠାରୁ ଅଗ୍ରଣୀ ନେଇନଥିବା ବେଳେ ଆଜି ଦିନର ଶେଷ ଭାଗରେ ଘରୋଇ ଦଳ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରି ବିନା କୌଣସି କ୍ଷତିରେ ୨ ରନ୍ କରିଛି। ଓପନର ଜ୍ୟାକ୍ କ୍ରଲି ୨ ଓ ତାଙ୍କ ଯୋଡ଼ିଦାର ବେନ୍ ଡକେଟ୍ ବିନା କୌଣସି ରନ୍‌ରେ ଅପରାଜିତ ଅଛନ୍ତି।

ଗତକାଲି ଭାରତ ୩ ୱିକେଟ୍‌ରେ ୧୪୫ ରନ୍‌ରେ ଖେଳ ସାରିଥିଲା। ଆଜି ଏହିଠାରୁ ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ୍ ରାହୁଲ୍ (୫୩) ଓ ପନ୍ତ୍ (୧୯) ଖେଳ ଆରମ୍ଭ କରି ସେମାନଙ୍କ ଭାଗୀଦାରୀକୁ ଆଗେଇ ନେଇଥିଲେ। ରାହୁଲ୍ ଧୈର୍ଯ୍ୟପୂର୍ଣ୍ଣ ଭାବେ ବ୍ୟାଟିଂ କରିଥିବା ବେଳେ ପନ୍ତ୍ ସାମାନ୍ୟ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଇତିମଧ୍ୟରେ ପନ୍ତ୍ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ ଓ ପରେ ୮ଟି ଚୌକା ଓ ୨ଟି ଛକା ସହ ୭୪ ରନ୍ କରିଥିବା ସମୟରେ ଆଉଟ୍ ହୋଇଯାଇଥିଲେ। ଏଥିସହ ଚତୁର୍ଥ ୱିକେଟ୍‌ରେ ତାଙ୍କର ରାହୁଲ୍‌ଙ୍କ ସହ ହୋଇଥିବା ୧୪୧ ରନ୍‌ର ଭାଗୀଦାରୀରେ ବ୍ରେକ୍ ଲାଗିଥିଲା। ପରେ ପରେ ରାହୁଲ୍ ତାଙ୍କର ଶତକ ପୂରଣ କରି ତୁରନ୍ତ ଆଉଟ୍ ହୋଇଯାଇଥିଲେ। ୨୫୪ ରନ୍‌ରେ ଭାରତ ୫ଟି ୱିକେଟ୍ ହରାଇଥିବା ସମୟରେ ଜାଡେଜା ଓ ନୀତୀଶ କୁମାର ରେଡ୍ଡୀ ଷଷ୍ଠ ୱିକେଟ୍ ପାଇଁ ଉପଯୋଗୀ ୭୮ ରନ୍‌ର ଭାଗୀଦାରୀ କରିଥିଲେ। ଇତିମଧ୍ୟରେ ଜାଡେଜା ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ରେଡ୍ଡୀ ୩୦ ରନ୍ କରି ଆଉଟ୍ ହେବାରୁ ଇଂଲଣ୍ଡ ବୋଲର୍‌ଙ୍କୁ ଷଷ୍ଠ ସଫଳତା ମିଳିଥିଲା। ଜାଡେଜା ୮ଟି ଚୌକା ଓ ଗୋଟିଏ ଛକା ସହ ୭୨ ରନ୍ କରି ଚଳିତ ସିରିଜ୍‌ରେ ତାଙ୍କର ଉନ୍ନତ ଫର୍ମକୁ ବଜାୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ୍ ସୁନ୍ଦର ଗୋଟିଏ ଲେଖାଏଁ ଚୌକା ଓ ଛକା ସହ ୨୩ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସ ୩ଟି, ଜୋଫ୍ରା ଆର୍ଚର୍ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ୨ଟି ଲେଖାଏଁ ଏବଂ ବ୍ରାଇଡନ୍ କାର୍ସ ଓ ଶୋଏବ୍ ବସୀର୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

### ଫିଡେ ଚେସ୍ ମହିଳା ବିଶ୍ୱକପ୍

# ଜିତିଲେ ଓଡ଼ିଆ ଝିଅ ପଦ୍ମିନୀ



ଭୁବନେଶ୍ୱର,୧୨।୭: ଜର୍ଜିଆର ବାତୁମିରେ ଚାଲିଥିବା ଫିଡେ ଚେସ୍ ମହିଳା ବିଶ୍ୱକପ୍-୨୦୨୫ରେ ଓଡ଼ିଆ ଆଇଏମ୍ ପଦ୍ମିନୀ ରାଉତ (୨୩୫୨) ଦ୍ୱିତୀୟ ରାଉଣ୍ଡରେ ଉନ୍ନତ ପ୍ରଦର୍ଶନ ଜାରି ରଖିଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିଅନ ଆଲେକଜାଣ୍ଡ୍ରା କୋଷ୍ଟେନିଉକଙ୍କ ସହ ଉଭୟ ଗେମ୍ ଡ୍ର' ରଖିବା ପରେ ପ୍ଲେଅଫ୍ ଖେଳାଯାଇଥିଲା। ରାପିଡ୍ ପ୍ଲେଅଫ୍ ପ୍ରଥମ ଗେମରେ ପଦ୍ମିନୀ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ଗେମ୍‌ରେ ଯଦି ସେ କୋଷ୍ଟେନିଉକଙ୍କ ସହ ବାଜି ଡ୍ର' ରଖନ୍ତି, ତେବେ ତୃତୀୟ ରାଉଣ୍ଡରେ ପ୍ରବେଶ କରିପାରିବେ। ଭାରତର ଆଇପିଏମ୍ ବନ୍ତିକା ମଧ ସମାନ ସ୍ଥିତିରେ ରହିଛନ୍ତି। ସେ ଜିଏମ୍ ଆନ୍ନା ଉସନିଆଙ୍କ ସହ ପ୍ଲେଅଫର ପ୍ରଥମ ଗେମ୍‌ରେ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ଗେମ୍ ଡ୍ର' ରଖିଲେ ଉସନିଆ ବିଦାୟ ନେବେ ଏବଂ ବନ୍ତିତା ତୃତୀୟ ରାଉଣ୍ଡରେ ପ୍ରବେଶ କରିବେ।

# ଜାତୀୟ ବାଳିକା ହକି ସେମିରେ ଓଡ଼ିଶା



**ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ):** ଝାଡ଼ଖଣ୍ଡରେ ଚାଲିଥିବା ଜାତୀୟ ବାଳିକା ହକି (୧୭ ବର୍ଷରୁ କମ୍) ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଓଡ଼ିଶା ପ୍ରବେଶ କରିଛି। ଶୁକ୍ରବାର କ୍ୱାର୍ଟରଫାଇନାଲ୍‌ରେ ଓଡ଼ିଶା ୫-୦ ଗୋଲ୍‌ରେ ବିହାରକୁ ପରାସ୍ତ କରିଛି। ମ୍ୟାଚ୍‌ର ଦଶମ ମିନିଟ୍‌ରେ ଅଶିକା ସାମଦଙ୍କ ପେନାଲ୍ଟି କର୍ଣ୍ଣର ଗୋଲ୍‌ରେ ଓଡ଼ିଶା ଅଗ୍ରଣୀ ପାଇଥିଲା। ପ୍ରିୟଙ୍କା ମିଞ୍ଜ (୧୪ ମିନିଟ୍)ଙ୍କ ଫିଲ୍ଡ ଗୋଲ୍‌ରେ ଓଡ଼ିଶା ପ୍ରଥମ କ୍ୱାର୍ଟରକୁ ୨-୦ରେ ନିଜ ପକ୍ଷରେ ରଖିଥିଲା। ୨୬ତମ ମିନିଟ୍‌ରେ ଏଲିନା ବୁର୍ ଫିଲ୍ଡ ଗୋଲ୍ ଦେଇ ପ୍ରଥମାର୍ଦ୍ଧରେ ଦଳକୁ ୩-୦ରେ ରଖିଥିଲେ। ୩୩ ମିନିଟ୍‌ରେ ଗୀତା ଲାକ୍ରା ଓ ୩୭ ମିନିଟ୍‌ରେ ସ୍ୱିଟି କୁଜୁର ଗୋଟିଏ ଲେଖାଏଁ ଗୋଲ୍ ଦେଇ ଦଳକୁ ୫-୦ରେ ବିଜୟ ଭେଟି ଦେଇଥିଲେ। ପ୍ରିୟଙ୍କା ମିଞ୍ଜ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଶନିବାର ଓଡ଼ିଶା ସେମିଫାଇନାଲ୍‌ରେ ହରିୟାଣାକୁ ଭେଟିବ। ହରିୟାଣା ୧-୦ ଗୋଲ୍‌ରେ ଉତ୍ତରପ୍ରଦେଶକୁ ପରାସ୍ତ କରିଥିଲା। ଅନ୍ୟଏକ ସେମିଫାଇନାଲ୍‌ରେ ମିଜୋରାମ ଓ ଆୟୋଜକ ଝାଡ଼ଖଣ୍ଡ ମୁହାଁମୁହିଁ ହେବେ। କ୍ୱାର୍ଟରଫାଇନାଲ୍‌ରେ ମିଜୋରାମ ୪-୦ ଗୋଲ୍‌ରେ ପଞ୍ଜାବକୁ ଏବଂ ଝାଡ଼ଖଣ୍ଡ ୫-୪ (୧-୧) ସୁଟ୍‌ଆଉଟ୍‌ରେ ମଧ୍ୟପ୍ରଦେଶକୁ ମାତ୍ ଦେଇଥିଲା।

# ଫାଇନାଲ୍‌ରେ ଅଲ୍‌କାରାଜ-ସିନ୍ନର





ଲଣ୍ଡନ, ୧୨।୭: ୨୪ ଥର ଗ୍ରାଣ୍ଡ ସ୍ଲାମ ବିଜେତା ସର୍ବିୟା ତାରକା ନୋଭାକ ଜୋକୋଭିକ୍‌ଙ୍କ ୱିମ୍ବଲଡନ୍ ଅଭିଯାନ ସେମିଫାଇନାଲ୍‌ରେ ଶେଷ ହୋଇଯାଇଛି। ଇଟାଲୀ ତାରକା ୟାନିକ୍ ସିନ୍ନର ଶୁକ୍ରବାର ରାତିରେ ଏକତରଫା ଭାବେ ଜୋକୋଭିକ୍‌ଙ୍କୁ ୬-୩, ୬-୩, ୬-୪ରେ ପରାସ୍ତ କରି ଏହି ବିପର୍ଯ୍ୟୟ ଘଟାଇଛନ୍ତି। ପ୍ରଥମ ଥର ୱିମ୍ବଲଡନ୍ ଫାଇନାଲ୍‌ରେ ପ୍ରବେଶ କରିଥିବା ସିନ୍ନର ନିଜ ଚତୁର୍ଥ ଗ୍ରାଣ୍ଡ୍ ସ୍ଲାମ ଟ୍ରଫି ଲକ୍ଷ୍ୟରେ ରହିବେ। ୨୦୨୪ ଓ ୨୦୨୫ରେ ସିନ୍ନର ଅଷ୍ଟ୍ରେଲିଆନ୍ ଓପନ୍ ଏବଂ ୨୦୨୪ରେ ୟୁଏସ୍ ଓପନ୍ ଜିତିଥିଲେ। ଅନ୍ୟପକ୍ଷରେ ଜୋକୋଭିକ୍ ତାଙ୍କ ୨୪ଟି ଗ୍ରାଣ୍ଡ ସ୍ଲାମ୍ ଟ୍ରଫିରୁ ଶେଷ ୩ଟି ୨୦୨୩ରେ ଜିତିବା ପରଠାରୁ ଆଉ ଟ୍ରଫି ହାସଲ କରିନାହାନ୍ତି।

ସେହିଭଳି ଦୁଇଥର ବିଜେତା ବିଶ୍ୱର ୨ ନମ୍ବର କାର୍ଲୋସ ଅଲ୍‌କାରାଜ ଲଗାତାର ତୃତୀୟ ଥର ଲାଗି ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତାର ଫାଇନାଲ୍‌ରେ ପହଞ୍ଚିଛନ୍ତି। ଶୁକ୍ରବାର ପୁରୁଷ ଏକକ ପ୍ରଥମ ସେମିଫାଇନାଲ୍‌ରେ ସ୍ପେନ୍‌ର ଏହି ୫ ଗ୍ରାଣ୍ଡ ସ୍ଲାମ୍ ବିଜେତା ୬-୪, ୫-୭, ୬-୩, ୭-୬ ସେଟ୍‌ରେ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ସହ ଅଲ୍‌କାରାଜ ଏଠାରେ ହ୍ୟାଟ୍ରିକ୍ ଏବଂ ଷଷ୍ଠ ଗ୍ରାଣ୍ଡ ସ୍ଲାମ୍ ବିଜୟ ଦିଗରେ ଶେଷ ପାଦ ବଢ଼ାଇଛନ୍ତି। ଅଲ୍‌କାରାଜ ରବିବାର ଫାଇନାଲ୍‌ରେ ବିଶ୍ୱର ଏକ ନମ୍ବର ଇଟାଲୀର ୟାନ୍ନିକ ସିନ୍ନରଙ୍କୁ ଭେଟିବେ।

# ଭରବୀକ-ସିନିଆକୋଭାଙ୍କୁ ଟ୍ରଫି

ଚଳିତ ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତାର ମିଶ୍ରିତ ଯୁଗଳରେ ନେଦରଲାଣ୍ଡ୍‌ସର ସେମ୍ ଭରବୀକ ଓ ଚେକ୍‌ଗଣରାଜ୍ୟର କାଟେରିନା ସିନିଆକୋଭା ବିଜେତା ହୋଇଛନ୍ତି। ଫାଇନାଲ୍‌ରେ ଏହି ଯୋଡ଼ି ୭-୬, ୭-୬ ସେଟ୍‌ରେ ବ୍ରିଟେନ୍‌ର ଜୋଏ ସାଲିସବୁରି ଓ ବ୍ରାଜିଲ୍‌ର ଲୁଇସା ଷ୍ଟେଫାନିଙ୍କୁ ପରାସ୍ତ କରିଥିଲେ। ଏଥିସହ ନେଦରଲାଣ୍ଡ୍‌ସ-ଚେକ୍‌ଗଣରାଜ୍ୟ ଯୋଡ଼ି ଏକାଠି ପ୍ରଥମ ଟ୍ରଫି କରାୟତ୍ତ କରିଛନ୍ତି। ମହିଳା ଯୁଗଳରେ ୧୦ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ଜିତିଥିବା ସିନିଆକୋଭାଙ୍କ ଏହା ପ୍ରଥମ ମିଶ୍ରିତ ଯୁଗଳ ମେଜର୍ ଟ୍ରଫି। ଅନ୍ୟପକ୍ଷରେ ଭରବୀକଙ୍କର ଏହା ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ମୁକୁଟ। ସିନିଆକୋଭା ଜାନୁଆରିରେ ଆମେରିକାର ଟେଲର ଟାଉନସେଣ୍ଡ୍‌ଙ୍କ ସହ ଅଷ୍ଟ୍ରେଲିଆ ଓପନ୍ ମହିଳା ଯୁଗଳ ଟ୍ରଫି ଜିତିଥିଲେ।



# ବିଦେଶରେ ପ୍ରଶିକ୍ଷଣ ନେବାକୁ ନୀରଜଙ୍କୁ ଅନୁମତି



**ନୂଆଦିଲ୍ଲୀ, ୧୨।୭:** ବିଶ୍ୱ ଦୌଡ଼କୁଦରେ ଭାଗ ନେବାକୁ ଥିବା ଭାରତୀୟ ଟ୍ରାକ୍ ଓ ଫିଲ୍ଡ ଆଥ୍‌ଲେଟ୍ସଙ୍କୁ ବିଦେଶରେ ପ୍ରଶିକ୍ଷଣ ନେବାକୁ ଅନୁମତି ମିଳିଛି। ଏଥିରେ ଜାଭ୍‌ଲିନ୍ ସ୍ୱର୍ଣ୍ଣ ବିଜେତା ନୀରଜ ଚୋପ୍ରା ମଧ ରହିଛନ୍ତି। ଏମାନଙ୍କ ମଧରୁ ଅନେକ ବିଶେଷ କରି ୟୁରୋପ ଓ ଆମେରିକାରେ ତାଲିମ ନେଉଛନ୍ତି। ବିଶ୍ୱ ପ୍ରତିଯୋଗିତା ସେପ୍ଟେମ୍ବରରେ ଟୋକିଓରେ ଖେଳାଯିବ। ଏହା ପୂର୍ବ ପର୍ଯ୍ୟନ୍ତ ତାଲିମ ନେବା ଲାଗି କ୍ରୀଡ଼ା ମନ୍ତ୍ରାଳୟର ମିସନ୍ ଅଲିମ୍ପିକ୍ ସେଲ୍ (ଏମ୍‌ଓସି) ଅନୁମୋଦନ ଦେଇଛି। ଟୋକିଓରେ ସେପ୍ଟେମ୍ବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁଥିବା ଏହି ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିଥିବା ଖେଳାଳିଙ୍କ ତାଲିମ ପାଇଁ ୮୬ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ମଧ ୧୫୭ତମ ଏମ୍‌ଓସି ବୈଠକରେ ନିଷ୍ପତ୍ତି ହୋଇଛି। ଭାରତ ପାଇଁ ପଦକ ଜିତିବାର ସବୁଠୁ ଦାବିଦାର ଥିବା ୨ ବିଶ୍ୱ ପଦକ ବିଜେତା ନୀରଜ ଚୋପ୍ରା ୫୭ଦିନ ଚେକ୍‌ଗଣରାଜ୍ୟର ପ୍ରେଗ୍ ଓ ନିମ୍ବର୍କରେ ତାଲିମ ନେବେ। ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ୟୁରୋପୀୟ ଦେଶରେ ଅଭ୍ୟାସ ଲାଗି ସେ ଆଜି ତାଙ୍କ ଫିଜିଓ ଇଶାନ ମାରୱାଙ୍କ ସହ ସେଠାକୁ ଗସ୍ତ କରିଥିଲା। ଏଥିପାଇଁ ପ୍ରାୟ ୧୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଷ୍ଟିପଲ୍‌ଚେଜର ଅବିନାଶ ସାବ୍‌ଲେ, ପାରୁଲ ଚୌଧୁରୀ, ଲମ୍ବଦୌଡ଼ ଧାବକ ଗୁଲବୀର ସିଂହ ଲସ୍ ଏଞ୍ଜେଲସ୍‌ରେ ଚଳିତ ମାସ ୧୫ରୁ ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ତାଲିମ ନେବେ। ଏହି ୩ ଜଣଙ୍କ ପାଇଁ ୪୧.୨୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ମଧମଦୂରତା ଧାବକ ଅଜୟ କୁମାର ସରୋଜଙ୍କ ପାଇଁ ୧୦.୩୨ ଲକ୍ଷ, ଲମ୍ବ ଡିଆଁଳି ମୁରଲୀ ଶ୍ରୀଶଙ୍କରଙ୍କ ପାଇଁ ୫.୫୮ ଲକ୍ଷ ଏବଂ ଆନ୍‌ସି ସୋଜାନ ଓ ଶୈଳି ସିଂହଙ୍କ ପାଇଁ ୯.୨୧ ଖର୍ଚ୍ଚକୁ ଅନୁମୋଦନ ମିଳିଛି।

# ଶ୍ରଦ୍ଧାଞ୍ଜଳିଙ୍କୁ ମିଳିଲା ଏଏଫ୍‌ସି 'ଏ' ଲାଇସେନ୍ସ



**ଭୁବନେଶ୍ୱର/କଟକ, ୧୨।୭ (ସଂଚାର ବ୍ୟୁରୋ:** ଭାରତୀୟ ମହିଳା ଫୁଟ୍‌ବଲ୍ ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ନିଜ ପ୍ରଶିକ୍ଷଣ ଜୀବନର ବଡ଼ ଉପଲବ୍ଧି ପାଇଛନ୍ତି। ପ୍ରଥମ ଓଡ଼ିଆ ମହିଳା ଭାବେ ଏଏଫ୍‌ସି 'ଏ' ଲାଇସେନ୍ସ ପାଇଛନ୍ତି। ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ ଏବଂ 'ଫାଓ' ଏହି ଖବର ଜଣାଇବା ପରେ ରାଜ୍ୟ ଫୁଟ୍‌ବଲ୍ ଦୁନିଆରେ ଖୁସିର ଲହରି ଖେଳିଯାଇଛି। ଏଥିସହ ଶ୍ରଦ୍ଧାଞ୍ଜଳି ଜାତୀୟ ବରିଷ୍ଠ ଦଳର ପ୍ରଶିକ୍ଷକ ହେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଜଣେ ଅଗ୍ରଣୀ ଫରୱାର୍ଡ ଖେଳାଳି ଭାବେ ଶ୍ରଦ୍ଧାଞ୍ଜଳି ବିଗତ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱ ହେଲାଣି ଏଆଇଏଫ୍‌ଏଫ୍‌ର ଚୟନକର୍ତ୍ତା, ପ୍ରଶିକ୍ଷକ ଭାବେ ବିଭିନ୍ନ ଭୂମିକାରେ ରହି ଅର୍ଜନ କରିଥିବା ଅଭିଜ୍ଞତା ତାଙ୍କୁ ଏବେ ଉଚ୍ଚ ସ୍ତରକୁ ନେଇଛି। ପୂର୍ବରୁ କେବଳ ଦୁଇ ଜଣ ଓଡ଼ିଆ ଏଏଫ୍‌ସି 'ଏ' ଲାଇସେନ୍ସ ପାଇବାର ଗୌରବ ରଖିଥିଲେ ମଧ ଉଭୟ ପୁରୁଷ ବର୍ଗର ଥିଲେ। ସେମାନେ ହେଲେ ଶୁଭେନ୍ଦୁ କୁମାର ପଣ୍ଡା ଓ ଅକ୍ଷୟ ଦାସ। ଶୁଭେନ୍ଦୁ କିନ୍ତୁ ଆଉ ଗୋଟିଏ ପାଦ ଆଗକୁ ବଢ଼ି ଏବେ ପ୍ରୋ ଲାଇସେନ୍ସ ହାସଲ କରିସାରିଛନ୍ତି। ସୂଚନାଯୋଗ୍ୟ, ୨୦୦୫ ମସିହାରେ ଶ୍ରଦ୍ଧାଞ୍ଜଳି ଭାରତୀୟ ମହିଳା ଫୁଟ୍‌ବଲ୍ ଦଳର ଅଧିନାୟକ ନିଯୁକ୍ତ ହୋଇ ଓଡ଼ିଶା କ୍ରୀଡ଼ାରେ ନୂଆ ଫର୍ଦ ଯୋଡ଼ିଥିଲେ। ଅବସର ପରେ ବି ଏହି ନାଲ୍‌କୋ ଅଧିକାରୀ ଫୁଟ୍‌ବଲ୍ ସହ ଜଡ଼ିତ ରହି ପ୍ରଶିକ୍ଷଣ ଓ ଚୟନକର୍ତ୍ତା ଆଦି ଭୂମିକା ତୁଲାଇ ଆସୁଛନ୍ତି। ଏହି ସଫଳତା ଲାଗି ଶ୍ରଦ୍ଧାଞ୍ଜଳିଙ୍କୁ 'ଫାଓ' ସଭାପତି ଟଙ୍କଧର ତ୍ରିପାଠୀ ଓ ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କେହି ଶୁଣିଲେନି...

ତାଙ୍କୁ ପ୍ରଥମେ କ୍ଲାସ ଅନୁପସ୍ଥିତିକୁ ନେଇ ଫେଲ୍ କରିଦେବାକୁ ଧମକ ଦେଇଥିଲେ। ଏଥିସହ ତାଙ୍କର କେତେକ ବ୍ୟକ୍ତିଗତ ଘଟଣା ନେଇ ପିତାମାତାଙ୍କୁ ଫୋନ ଯୋଗେ ମଧ୍ୟ ଶ୍ରୀ ସାହୁ ଜଣାଇଥିଲେ। ଛାତ୍ରୀ ଜଣଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ନେଉଥିବା ସମୟରେ ବ୍ୟକ୍ତିଗତ କାରଣ ପାଇଁ ଅଧିକାଂଶ ସମୟରେ ଅନୁପସ୍ଥିତ ରହୁଥିଲେ। ଅଧ୍ୟାପକ ଶ୍ରୀ ସାହୁ ଏହାର ଫାଇଦା ନେଇ ଛାତ୍ରୀଙ୍କୁ ନିୟମିତ ଅପମାନିତ କରିବା ସହଦୀର୍ଘ ଦିନ ଧରି ମାନସିକ ନିର୍ଯାତନା ଦେଇଆସୁଥିଲେ। ଛାତ୍ରୀଙ୍କ ପରିବାର ସହ ତାଙ୍କର ସମ୍ପର୍କ ଥିବାର ସୁଯୋଗ ନେଇ ଅଧ୍ୟାପକ ଶ୍ରୀ ସାହୁ ତାଙ୍କ ଘନିଷ୍ଠତା ଲୋଡ଼ିଥିଲେ। କିନ୍ତୁ ଏହାକୁ ବିରୋଧ କରିଥିଲେ ଛାତ୍ରୀ ଜଣଙ୍କ। ତେଣୁ ନିୟମିତ ଭାବେ ଅଧ୍ୟାପକ ତାଙ୍କୁ ନିର୍ଯାତନା ଦେବାରୁ ଶେଷରେ ଏଥିରେ ଅତିଷ୍ଠ ହୋଇ ଛାତ୍ରୀ ଜଣଙ୍କ ପୂର୍ବରୁ ଥରେ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ତା'ଛଡ଼ା ସେ କଲେଜ ଅଧ୍ୟକ୍ଷ ଓ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଛାତ୍ରୀଙ୍କୁ ନ୍ୟାୟ ଦେବା ସକାଶେ କଲେଜ କର୍ତ୍ତୃପକ୍ଷ ଏକ କମିଟି ଗଠନ କରିଥିଲେ। ଯଦିଓ ଅଧ୍ୟାପକଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ସମୟରେ ଛାତ୍ରଛାତ୍ରୀ ଅଭିଯୋଗ କରିଥିଲେ, କିନ୍ତୁ ତାଙ୍କ ବିରୋଧରେ ଉକ୍ତ ଛାତ୍ରୀଙ୍କୁ ନିର୍ଯାତନା ନେଇ କମିଟି କୌଣସି ପ୍ରମାଣ ପାଇନଥିଲା। ଏପରିକି ଏଏସପି ନିରଞ୍ଜନ ବେହେରା, ସହଦେବଖୁଣ୍ଟା ଥାନାଧିକାରୀ ଅଜୟ କୁମାର ମୁର୍ମୁଙ୍କ ଉପସ୍ଥିତିରେ କଲେଜ କର୍ତ୍ତୃପକ୍ଷ ଏହି ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ବି ଶେଷରେ ଛାତ୍ରୀ ଜଣଙ୍କ ନିରାଶ ହୋଇଥିଲେ। ସେତେବେଳେ ଛାତ୍ରୀ ଜଣଙ୍କ ଘଟଣାର ନିରପେକ୍ଷ ତଦନ୍ତ ପୂର୍ବକ ନ୍ୟାୟ ପ୍ରଦାନ ନ କଲେ ସେ ଆତ୍ମହତ୍ୟା କରିବେ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। କିନ୍ତୁ ଅଭିଯୋଗର ୧୨ ଦିନ ଭିତରେ ଅନ୍ତରୀଣ ତଦନ୍ତ କମିଟି ଅଧ୍ୟାପକଙ୍କୁ କ୍ଲିନଚିଟ୍ ଦେଇଥିଲା। ଫଳରେ ଛାତ୍ରୀ ଜଣଙ୍କ ମାନସିକ ଭାବେ ଭାଙ୍ଗିପଡ଼ିଥିଲେ। ଅଧିକନ୍ତୁ ଆଜି ଅଧ୍ୟକ୍ଷ ତାଙ୍କୁ ଚାମ୍ବରକୁ ଡାକି କେତେକ ପ୍ରଶ୍ନ ପଚାରିଥିଲେ। ଅବଶ୍ୟ ଏନେଇ ବିଶେଷ କିଛି ଜଣାପଡ଼ିନାହିଁ। କିନ୍ତୁ ଅଧ୍ୟକ୍ଷଙ୍କୁ ଭେଟି ଫେରିବାର କିଛି ସମୟ ପରେ ଛାତ୍ରୀ ଜଣଙ୍କ ଅଧ୍ୟକ୍ଷଙ୍କ ରୁମ୍ ସମ୍ମୁଖରେ ପେଟ୍ରୋଲ୍ ଢାଳି ନିଜ ଦେହରେ ନିଆଁ ଲଗାଇଦେଇଥିଲେ। ତାଙ୍କୁ ଏଥିରୁ ବିରତ କରିବା ସକାଶେ ଉଦ୍ୟମ କରି ଅନ୍ୟ ଜଣେ ଛାତ୍ରୀ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି।

ଘଟଣା ସମ୍ପର୍କରେ ଜାଣିବା ପରେ ବାଲେଶ୍ୱର ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏଥିସହ ପୁଲିସ୍ ଉକ୍ତ ଛାତ୍ରୀଙ୍କ ସହପାଠୀମାନଙ୍କ ବୟାନ ନେଇଛି। ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ ହୋଇଛି। ଏଥିସହ ପୁଲିସ୍ ସମ୍ପୃକ୍ତ ଅଧ୍ୟାପକଙ୍କୁ ମଧ୍ୟ ଗିରଫ କରିଛି। ଅନ୍ୟପକ୍ଷରେ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ ନିଲମ୍ବନ କରାଯାଇଛି। ଏପରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଅନ୍ୟମାନଙ୍କୁ ଏପରି ଆଚରଣଠାରୁ ଦୂରେଇ ରଖିବାକୁ ବାଧ୍ୟ କରିବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିସହ ଏହି ମାମଲାର ତଦନ୍ତ ପାଇଁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ କମିଶନ୍ ଗଠନ କରାଯାଇଛି। ଏଥିରେ ଜଣେ ମହିଳା ଯୁଗ୍ମ ସଚିବ ଓ ଜଣେ ବରିଷ୍ଠ ମହିଳା ଶିକ୍ଷାବିତ୍‌ଙ୍କୁ ସଦସ୍ୟା ଭାବେ ରଖାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିସହ ଛାତ୍ରୀଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିବା ସହ ତାଙ୍କର ସୁସ୍ଥତା କାମନା କରିଛନ୍ତି।

## ମୋ ଝିଅକୁ...

ବ୍ୟାକ ଲାଗିବ। ସମୀର ବାବୁଙ୍କ ପାଇଁ ଝିଅର ବ୍ୟାକ ଲାଗିଛି। ଝିଅ ଭଲ ପଢୁଥିଲା, ଯୁକ୍ତ ଦୁଇରେ ୫୧୮ ମାର୍କ ରଖିଥିଲା। ମୁଁ ଝିଅକୁ ବୁଝାଇଥିଲି କଲେଜରେ ପାଠ ପଢ଼ିକି ଆସେ। ପ୍ରିନ୍ସିପାଲଙ୍କ ପାଖକୁ ଯାଇ କହିଥିଲି ଝିଅକୁ ଦୟା କରନ୍ତୁ। ଆଠ ଜଣଙ୍କୁ ପରୀକ୍ଷା ଦେବାକୁ ଅନୁମତି ମିଳିଲା, କିନ୍ତୁ ଆମ ଝିଅକୁ ଅନୁମତି ଦେଲେନାହିଁ। ସମୀର ସାର କିଛି ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କୁ ଏକାଠି କରି ପ୍ଲାନ କରୁଛନ୍ତି ବୋଲି ଝିଅ ନିଜେ କହୁଥିଲା। ଝିଅ ଏଫଆଇଆର ଦେବାକୁ ଚାହୁଁଥିଲା, ମୁଁ ମନା କରିଥିଲି। କିନ୍ତୁ ଆଜି ପ୍ରିନ୍ସିପାଲ ଚାମ୍ବରରୁ ଆସି ସେ ସୁଇସାଇଡ଼ କରିବାକୁ ଯାଇଛି। ଯଦି କିଛି ନା କିଛି ଘଟଣା ହୋଇଛି, ତାହା ସାମ୍ନାକୁ ଆସୁ। କିନ୍ତୁ ଝିଅ ପାଖରେ ପେଟ୍ରୋଲ କେମିତି ଆସିଲା ତାହା ସାମ୍ନାକୁ ଆସୁ। ସେସବୁର ତଦନ୍ତ ହେଉ। ସରକାର ଏମିତି ନୀତି ନିର୍ଦ୍ଧାରଣ କରନ୍ତୁ ଯେମିତିକି କେହି ଏମିତି ଘଟଣା ଘଟାଇବେ ନାହିଁ। ମୁଁ ଜାଣିନି ଝିଅ ବଞ୍ଚିଛି କି ମରିଯାଇଛି। ତାକୁ ଏଯାଏଁ ଦେଖିନି ବୋଲି କହିଛନ୍ତି ବାପା ବଳରାମ ବିଶି।

## ରାଷ୍ଟ୍ର ବିକାଶରେ...

ଏଥିସହ ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିଥିବା ପ୍ରାର୍ଥୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନରେ ୫୧ ହଜାରରୁ ଅଧିକ ନବନିଯୁକ୍ତ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଷୋଡ଼ଶ ରୋଜଗାର ମେଳା ଦେଶର ୪୭ଟି ସ୍ଥାନରେ ଅନୁଷ୍ଠିତ ହୋଇଥିବା ବେଳେ ନିଯୁକ୍ତି ସୃଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ 'ରୋଜଗାର ମେଳା' ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା ପୂରଣ କରିବା ଦିଗରେ ଏକ ପଦକ୍ଷେପ। ଭାରତ ଯୁବଶକ୍ତିର ଦେଶ ହୋଇଥିବା ବେଳେ ସେମାନଙ୍କୁ ସଶକ୍ତ କରିବା ମୋଦି ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଯୁବା-ସଶକ୍ତିକରଣ ଓ ଜାତୀୟ ବିକାଶରେ ଯୁବପିଢ଼ିର ଅଂଶଗ୍ରହଣ ପାଇଁ ଉପଯୁକ୍ତ ସୁଯୋଗ ପ୍ରଦାନ କରିବା ହେଉଛି ଉକ୍ତ ମେଳାର ମୂଳ ଉଦ୍ଦେଶ୍ୟ। ଓଡ଼ିଶା ସମେତ ସାରା ଦେଶରେ ରୋଜଗାର ମେଳା ମାଧ୍ୟମରେ ଅଦ୍ୟାବଧି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ନିଯୁକ୍ତିପତ୍ର ପ୍ରଦାନ କରାଯାଇସାରିଛି। ଏହାକୁ ଖୁସିର ଖବର ବୋଲି କେନ୍ଦ୍ର ମନ୍ତ୍ରୀ କହିବା ସହ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ସେ ଆହୁରି କହିଛନ୍ତି ଯେ ଆଜି ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବରେ ପରିଣତ ହୋଇଛି। ମୋଦି ସରକାରଙ୍କ ସଫଳ ନୀତି ଓ କଲ୍ୟାଣକାରୀ ଯୋଜନା କାରଣରୁ ଦେଶର ପ୍ରାୟ ୨୫ କୋଟି ଓ ଓଡ଼ିଶାର ପ୍ରାୟ ୧ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ମୁକ୍ତ ହେବା ସହ ବିକାଶ ଧାରାରେ ସାମିଲ୍ ହୋଇଛନ୍ତି। ଦେଶରେ ଡିଜିଟାଲ ଅର୍ଥ କାରବାର, କ୍ୟାପିଟାଲ୍ ପୁଞ୍ଜିନିବେଶ ବଢ଼ିଥିବା ବେଳେ ଟେକ୍ନୋଲୋଜି, ଇନୋଭେସନ, ଷ୍ଟାର୍ଟଅପ୍ ଭଳି ବିଭିନ୍ନ କ୍ଷେତ୍ରରେ ଭାରତର ରୂପରେଖ ମଧ୍ୟ ବଦଳିଛି। ବିଶ୍ୱ ବନ୍ଧୁ ଭାବେ ଭାରତ ନୂଆ ପରିଚୟ ପାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଆମେ ଯୁବପିଢ଼ିଙ୍କ ଇନୋଭେସନ, ଦକ୍ଷତା ଏବଂ ନେତୃତ୍ୱରେ ଆସନ୍ତା ୨୦୪୭ ସୁଦ୍ଧା ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ କରିପାରିବା ବୋଲି କେନ୍ଦ୍ର ମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଆଜି ଶ୍ରୀ ପ୍ରଧାନ ସର୍ବାଧିକ ୧୪୩, ଭାରତୀୟ ଡାକ ବିଭାଗରେ ୩୬, ବିତ୍ତ ବିଭାଗ (ଏସଏଲବିସି)ରେ ୯, ରାଜସ୍ୱ ବିଭାଗରେ ୬, ଗୃହ ବିଭାଗର ସିଆରପିଏଫ ଓ ସିଆଇଏସଏଫ ବିଭାଗରେ ୨ ଏବଂ ଶିକ୍ଷା ମନ୍ତ୍ରଣାଳୟର ଆଇଜର ବ୍ରହ୍ମପୁର ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏମ୍ସ, ଭୁବନେଶ୍ୱରରେ ଜଣେ ଲେଖାଏଁ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି।

## ସକ୍ରିୟ...

ଅଧିକ ଗୁରୁତ୍ୱ ଦେବେ। ସୁନ୍ଦରଗଡ଼ ଲୋକସଭା ଆସନରୁ ଦୀର୍ଘଦିନ ଧରି ପ୍ରତିନିଧିତ୍ୱ କରିଥିବା ଜୁଏଲ ଜଣେ ଜଣାଶୁଣା ଆଦିବାସୀ ନେତା। ତାଙ୍କର ଏହି ଘୋଷଣା ବିଜେପି ଭିତରେ ନୂଆ ନେତୃତ୍ୱକୁ ଆଗକୁ ଆସିବାର ସୁଯୋଗ ଦେବା ସକାଶେ ଏକ ପ୍ରୟାସ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେହିପରି ଜୁଏଲଙ୍କ ଅବସର ଘୋଷଣା ସୁନ୍ଦରଗଡ଼ ଅଞ୍ଚଳରେ ବିଜେପିର ରାଜନୈତିକ ଗତିବିଧି ଉପରେ ପ୍ରଭାବ ପକାଇବାର ସମ୍ଭାବନା ରହିଛି। ତାଙ୍କ ସ୍ଥାନରେ କିଏ ନେତୃତ୍ୱ ନେବେ, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଓଡ଼ିଶା ବିଜେପିରେ ଯୁବ ନେତାମାନଙ୍କୁ ଆଗେଇ ଆଣିବାରେ ଜୁଏଲଙ୍କ ଏହି ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ସମ୍ଭାବନା ରହିଛି।

## ଫେରିଲେ...

ଜଣାଇବା ସକାଶେ ହଜାର ହଜାର ସଂଖ୍ୟାରେ ସମର୍ଥକ ଭିଡ଼ ଜମାଇଥଇଲେ। ଅନୁରୂପ ଭାବେ ଆଜି ନବୀନ ସୁସ୍ଥ ହୋଇ ଫେରିବା ପରେ ଏହାଠାରୁ ଅଧିକ ସଂଖ୍ୟାରେ ପ୍ରଶଂସକ ଏକାଠି ହୋଇଥିଲେ। ଶଙ୍ଖ ଭବନରୁ ବିମାନ ବନ୍ଦର, ବିମାନବନ୍ଦରରୁ ନବୀନ ନିବାସ ଯାଏଁ ଲୋକାରଣ୍ୟ ଥିଲା। ସମସ୍ତେ ଖୁସିରେ ନବୀନଙ୍କୁ ସ୍ୱାଗତ କରିବା ସହ ତାଙ୍କ ସୁସ୍ଥତା କାମନା କରିଥିଲେ। ପୂର୍ବରୁ ନବୀନ ମୁମ୍ବାଇର କୋକିଲା ବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ୍‌ରେ ଅସ୍ତ୍ରୋପଚାର କରାଇବା ନେଇ ସୋସିଆଲ୍ ମିଡିଆ ମାଧ୍ୟମରେ ରାଜ୍ୟବାସୀଙ୍କୁ ଜଣାଇବା ସହ ଏଥିପାଇଁ ସମସ୍ତଙ୍କ ଶୁଭେଚ୍ଛା କାମନା କରିଥିଲେ। ପରେ ଅସ୍ତ୍ରୋପଚାର ସଫଳ ହେବା ଉତ୍ତାରୁ ସେ ଏଥିପାଇଁ ମଧ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଗତ ଜୁନ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ସଫଳ ହୋଇଥିବା ବେଳେ ଗତ ୭ରେ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ ନବୀନ। ଏହାପରଠାରୁ ସାରା ରାଜ୍ୟ ନବୀନଙ୍କ ଫେରିବା ବାଟକୁ ଚାହିଁ ବସିଥିଲା।

## ଆନ୍ଦୋଳନରୁ...



ଚାଳକଙ୍କୁ ଭାବବିହ୍ୱଳ ଆବେଦନ କରି ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ହେଲେ ଡ୍ରାଇଭର ମହାସଂଘର ଦାବି ପୂରଣ ପାଇଁ ଗଠନ ହୋଇଥିବା କମିଟି ସଦସ୍ୟ ତଥା ବିଧାୟକ ବାବୁ ସିଂ ଆଜି ଗଣମାଧ୍ୟମକୁ ସୂଚନା ଦେଇ ଡ୍ରାଇଭରଙ୍କ ଦାବି ପୂରଣ ନେଇ ସରକାର ସକରାତ୍ମକ ଦିଗରେ ବିଚାର କରୁଥିବା ନିର୍ଭର ଆଶ୍ୱାସନା ଦେଇଥିଲେ। ଏଥିସହ ରାଜ୍ୟ ପରିବହନ ମନ୍ତ୍ରୀ ମଧ୍ୟ ଆଜି ପୁଣି ଥରେ ଡ୍ରାଇଭରଙ୍କୁ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଅପିଲ କରିଥିଲେ। ସେହିଭଳି ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଯୋଗୁଁ ରାଜ୍ୟର ସାଧାରଣ ଲୋକେ ସମ୍ମୁଖୀନ ହେଉଥିବା ଅସୁବିଧାକୁ ଦୃଷ୍ଟିରେ ରଖି ଡ୍ରାଇଭର ମହାସଂଘ ଆନ୍ଦୋଳନକୁ ପ୍ରତ୍ୟାହର କରିଥିବା ଘୋଷଣା କରିଛି। ସେପଟେ ବସ୍ ମାଲିକ ସଂଘର ଘୋଷଣା ଅନୁସାରେ ଆଜି ସାରା ରାଜ୍ୟରେ ଗଡିଛି ଘରୋଇ ବସ୍। ଭୁବନେଶ୍ୱର, ପୁରୀ, କଟକ, କେନ୍ଦ୍ରାପଡ଼ା, ସମ୍ବଲପୁର, ବଲାଙ୍ଗୀର, ବ୍ରହ୍ମପୁର, ଯାଜପୁର ସମେତ ସବୁଠି ଘରୋଇ ବସ୍ ଚଳାଚଳ ସ୍ୱାଭାବିକ ହୋଇଛି। ଯେଉଁମାନେ ବିଭିନ୍ନ ସ୍ଥାନରେ ଅଟକି ରହିଥିଲେ ସେମାନେ ଆଜି ଗନ୍ତବ୍ୟସ୍ଥଳକୁ ଯାଇଛନ୍ତି। ବସ୍ ଚଳାଚଳ କରିବା ପରେ ଫାଳ ଫାଳ ହୋଇଯାଇଥିଲା ଡ୍ରାଇଭର ମହାସଂଘ। କିଛି ଡ୍ରାଇଭର ପୁଣି ଥରେ ଗାଡ଼ି ଉପରକୁ ଉଠିବା ସହ ଷ୍ଟିଅରିଂ ଧରିଥିବା ବେଳେ ଆଉ କିଛି ଡ୍ରାଇଭର ଏବେ ବି ଆନ୍ଦୋଳନ ଚଳାଇଛନ୍ତି। ଏ ଭିତରେ ବଲାଙ୍ଗିର ଜିଲ୍ଲାରେ କିଛି ଡ୍ରାଇଭରଙ୍କୁ ଆକ୍ରମଣ ଅଭିଯୋଗରେ ଡ୍ରାଇଭର ମହାସଂଘର କୋଷାଧ୍ୟକ୍ଷଙ୍କୁ ଗିରଫ କରିଛି ପୁଲିସ।

## ରାହୁଲ୍‌ଙ୍କ...

ପ୍ରଳାପ କରୁଛନ୍ତି। ତାଙ୍କ ଦଳ ତାଙ୍କୁ ପ୍ରତିଷ୍ଠିତ କରିବା ପାଇଁ ଚେଷ୍ଟା କରୁଛି। ପ୍ରସଙ୍ଗ ନ ଜାଣି ବକ୍ତବ୍ୟ ଦେବା ରାହୁଲଙ୍କର ଅଭ୍ୟାସଗତ ହୋଇଗଲାଣି। ଯେଉଁ ଦଳ ରାଷ୍ଟ୍ରପତିଙ୍କ ସମ୍ପର୍କରେ କୁମନ୍ତବ୍ୟ ଦେଇଥିଲା, ସେହି ଦଳର ନେତା ହିସାବରେ ରାହୁଲ ଏଠାକୁ ଆସିବା ପରେ ପ୍ରଥମେ ଭୁଲ ମାଗିବା ଉଚିତ ଥିଲା। ତଥାପି ଏବେ ବି ବିଳମ୍ବ ହୋଇନି। ରାଜ୍ୟରେ ଥିବା ତାଙ୍କ ନେତୃତ୍ୱ ତାଙ୍କୁ କ୍ଷମା ମାଗିବା ସକାଶେ ପରାମର୍ଶ ଦିଅନ୍ତୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ତେବେ ଶ୍ରୀ ପ୍ରଧାନଙ୍କ ଏପରି ମନ୍ତବ୍ୟ ଉପରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ କିଏ ସାମନ୍ତବାଦୀ, ତାହା ଲୋକମାନେ ଜାଣିଛନ୍ତି। ରାହୁଲ ଗାନ୍ଧୀ ଦଳିତ, ଆଦିବାସୀ ଓ ପଛୁଆ ବର୍ଗ ଲୋକଙ୍କ ପାଇଁ ଲଢେଇ କରୁଛନ୍ତି। ସେ କିଛି ବି ଭୁଲ ମନ୍ତବ୍ୟ ଦେଇନାହାନ୍ତି। ତେଣୁ ସେ କାହିଁକି କ୍ଷମା ମାଗିବେ ବୋଲି ପିସିସି ସଭାପତି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

## ବବିଙ୍କର...

ଲେଖାଯିବା ପର୍ଯ୍ୟନ୍ତ ଏହାକୁ ଖଣ୍ଡନ କରାଯାଇନାହିଁ। ହେଲେ ବିଜେଡିର ଏହି ପୂର୍ବତନ ସାଙ୍ଗଠନିକ ସମ୍ପାଦକ ଅର୍ଚ୍ଚନାଙ୍କ ରୂପଗୁଣରେ କାହିଁକି ମୁଗ୍ଧ ହୋଇ ଏଭଳି ଷଡ଼ଯନ୍ତ୍ର ରଚିଥିଲେ, ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ଖାଲି ରୂପଗୁଣର ପ୍ରଶଂସା କରୁନଥିଲେ, କାହାକୁ ଫସାଇବା ପାଇଁ ଅର୍ଚ୍ଚନାଙ୍କୁ ମୋହରା କରିଥିଲେ ତାହାର ବି ତର୍ଜମା ଆରମ୍ଭ ହୋଇଛି । ସାଙ୍ଗଠନିକ ସମ୍ପାଦକଙ୍କ ସହ ଅର୍ଚ୍ଚନା ବିଜେଡିର ଆଉ ଦୁଇ ନେତା ଓ କିଛି ପୁଲିସ୍ ଅଫିସରଙ୍କ ନାଁ ବି ନେଇଛନ୍ତି। ହେଲେ ବିଜେଡି ସରକାରରେ ସର୍ବେସର୍ବା ଥିବା ବବିଙ୍କ ଇଙ୍ଗିତରେ ଏମାନେ ନାଚୁଥିବା କୁହାଯାଉଛି। କିନ୍ତୁ ଅବିବାହିତ ବବି ବିବାହିତା ଅର୍ଚ୍ଚନାଙ୍କୁ ନେଇ କାହିଁକି ଏଭଳି ଖେଳ ଖେଳିଲେ ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଥିବା ବେଳେ କିଛି ବିଜେଡ କର୍ମୀ ଖୋଲାଖୋଲି କହୁଛନ୍ତି, ବବିଙ୍କର ଏ ଦୋଷ ବି ଥିଲା ?

# ବିନା ଡାକ୍ତରୀ ଚିଠାରେ ମିଳୁଛି ଗର୍ଭପାତ ଔଷଧ

**ବେଆଇନ ବିକ୍ରି ଉପରେ କେବେ ହେବ ଚଢ଼ାଉ?**

**ବହୁ ଛୋଟ କମ୍ପାନୀର ଔଷଧରେ ଅଧିକ ଲାଭ ପାଉଛନ୍ତି ଦୋକାନୀ**



**କାକଟପୁର/ଅସ୍ତରଙ୍ଗ, ୧ ୨।୭ (ସଂଚାର ବ୍ୟୁରୋ):** ବିନା ପ୍ରେସକ୍ରିପସନ (ଡାକ୍ତରୀ ଚିଠା)ରେ ଅତି ସହଜରେ ବଜାରରେ ମିଳୁଛି ଗର୍ଭନଷ୍ଟ ଔଷଧ। ଏଭଳି ମେଡ଼ିସିନର ବିକ୍ରି ଉପରେ କଡ଼ା କଟକଣା ରହିଥିବା ବେଳେ ଦୋକାନୀ କିନ୍ତୁ ଆଇନକୁ ଅମାନ୍ୟ କରି ଔଷଧ ବିକୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରଶାସନ ଅବହେଳା ପାଇଁ ଏଭଳି ଘଟଣା ବଢ଼ିଚାଲିଛି। ରାଜ୍ୟ ଔଷଧ ନିୟନ୍ତ୍ରକଙ୍କ ଟିମ୍ ପକ୍ଷରୁ କଟକ, ଭୁବନେଶ୍ୱର ଚଢ଼ାଉ ହେଉଥିବା ବେଳେ କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଂଚଳରେ ନଜର ପଡୁନାହିଁ। ଯାହା ଫଳରେ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ମାଳମାଳ ଔଷଧ ଦୋକାନୀମାନେ ଭୟଶୂନ୍ୟ ହୋଇ ଦୋକାନୀ ଅଧିକ ଲାଭ ଆଶାରେ ଏଭଳି ଔଷଧ ବା ଏମପିଟି ବିକୁଛନ୍ତି।

ସୁରକ୍ଷିତ ଗର୍ଭପାତ କରିବା କେବଳ ଡାକ୍ତରଙ୍କ ପରାମର୍ଶରେ ହୋଇପାରିବ। ଏଥିପାଇଁ ଭ୍ରୁଣର ବୟସ ପୂର୍ବରୁ ସ୍ଥିର ହୋଇଛି। ତେବେ ଗର୍ଭପାତ କରିବା ପାଇଁ ମେଡ଼ିସିନ (ମାଇଫ୍ ପ୍ରିଷ୍ଟୋନ -ମିସୋପ୍ରୋଷ୍ଟୋଲ) ରହିଛି। ଏହି ମେଡ଼ିସିନ କେବଳ ଡାକ୍ତରୀ ପ୍ରେସକ୍ରିପସନରେ ବିକ୍ରି କରାଯିବ। ଏ ନେଇ ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଆକ୍ଟରେ ନିୟମ ରହିଛି। ଯେଉଁ ମହିଳାଙ୍କ ପାଇଁ ଏହି ଔଷଧର ଆବଶ୍ୟକତା ରହିଛି ତାଙ୍କର ଡାକ୍ତରୀ ଚିଠା ଔଷଧ ଦୋକାନୀ ଦେଖିବେ। ଉକ୍ତ ଚିଠାରୁ ଏକ କପି ନିଜ ପାଖରେ ରଖିବେ। ମେଡ଼ିସିନ ବିକ୍ରିର ବିଲ ପ୍ରସ୍ତୁତ କରିବେ। ଡାକ୍ତରଙ୍କ ପଞ୍ଜିକରଣ ନମ୍ବର ଓ କ୍ରେତାଙ୍କର ନାଁ ଓ ଠିକଣା ଦୋକାନ ରେଜିଷ୍ଟରରେ ଲେଖି ରଖିବେ। ଏଭଳି କିଛି ନିୟମ ଭିତରେ ଗର୍ଭପାତ ବା ନଷ୍ଟ କରିବା ଔଷଧ ବିକ୍ରି କରାଯାଇପାରିବ। ହେଲେ ଅସ୍ତରଙ୍ଗ ଓ କାକଟପୁର ବଜାରରେ ଏହା ଅତି ସହଜରେ ମିଳିଯାଉଛି। ଦୋକାନୀ ମୁହଁ ଚିହ୍ନା ଗ୍ରାହକଙ୍କୁ ବିନା ଦ୍ୱିଧାରେ ଔଷଧ ପ୍ରଦାନ କରୁଛନ୍ତି। ଡାକ୍ତରୀ ଚିଠା ନ ଦେଖି ଔଷଧ ବିକ୍ରି କରୁଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହି ଏମପିଟି ଔଷଧ ବିକ୍ରିରେ ଏକ ବଡ଼ ଅଂଶ ଲାଭ ରହିଛି। ବହୁ ଛୋଟ ଛୋଟ କମ୍ପାନୀ ଏବେ ଅସ୍ତରଙ୍ଗ ବଜାରରେ ପ୍ରବେଶ କରି ମୋଟା ଅଙ୍କର ଲାଭାଂଶ ଦୋକାନୀଙ୍କୁ ଦେଉଛନ୍ତି। ତେଣୁ ଲୋଭରେ ପଡ଼ି ଔଷଧ ଦୋକାନୀ ଏହି ଔଷଧ ବିକ୍ରି କରୁଛନ୍ତି। ତେଣୁ ଔଷଧ ନିୟନ୍ତ୍ରକ ବିଭାଗୀୟ ଅଧିକାରୀ ଅଚାନକ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଚଢ଼ାଉ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ



**ନୟାଗଡ଼, ୧ ୨।୭ (ସଂଚାର ବ୍ୟୁରୋ):** ବିଷାକ୍ତ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତ ମହିଳା ଜଣଙ୍କ ହେଲେ ସୁବଳୟା ଗାଁର ଚିନା ନାୟକ। ସୂଚନାନୁସାରେ, ଇଟାମାଟି ଥାନା ଅନ୍ତର୍ଗତ ନାଟୁଗାଁ ପଞ୍ଚାୟତ ଅଧିନରେ ଥିବା ସୁବଳୟା ଗାଁର ଉଦ୍ଧବ ନାୟକଙ୍କ ସ୍ତ୍ରୀ ଚିନା ନାୟକ ଶୁକ୍ରବାର ରାତିରେ ଖାଇବା ପିଇବା ସାରି ସୋଇଥିଲେ । ହେଲେ ବିଳମ୍ବିତ ରାତିରେ ଏକ ବିଷାକ୍ତ ସାପ କାମୁଡି ଥିଲା । ଯାହାଫଳରେ ଚେତା ଚପଟ ବୁଡିଯାଇଥିଲା ତେଣୁ ପରିବାର ଲୋକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଖବର ପରେ ପରିବାର ହେବା ପାଇଁ ଶବ ଲୋକ ଭାଙ୍ଗିପଡ଼ିଥିବା ବେଳେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି ।

## ଗାଈ ଆଣିବାକୁ ଯାଇଥିବା ବେଳେ ବଜ୍ରପାତରେ ମହିଳା ମୃତ



**କାକଟପୁର/ଅସ୍ତରଙ୍ଗ, ୧ ୨।୭ (ସଂଚାର ବ୍ୟୁରୋ):** ଶନିବାର ଅପରାହ୍ନ ସମୟରେ ଗାଈ ଆଣିବାକୁ ଯାଇଥିବା ବେଳେ ବ୍ରଜଘାତ ରେ ଟଳି ପଡିଲେ ମହିଳା। ସୂଚନା ଅନୁସାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ପଂଚାୟତ ସାହୁବୁଦା ଅଞ୍ଚଳର ୬୦ବର୍ଷୀୟ ମହିଳା କାମିନୀ ସ୍ୱାଇଁ ବର୍ଷା ପବନ ଆସିବାରୁ ନିକଟରେ ଥିବା ବିଲକୁ ଗାଈ ଆଣିବାକୁ ଯାଇଥିବା ବେଳେ ଅଚାନକ ବଜ୍ରପାତ ରେ ଟଳି ପଡ଼ିଥିଲେ। ପରିବାର ଲୋକ ନିକଟସ୍ଥ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ, କିନ୍ତୁ ଡକ୍ଟର ମୃତ୍ୟୁ ଘୋଷଣା କରିଥିଲେ। ସନ୍ଧ୍ୟା ହେବାରୁ ମୃତ ଦେହ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଛି। ରବିବାର ଦିନ ପୂର୍ବାହ୍ନ ରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଶବବ୍ୟବଛେଦ ହେବ ବୋଲି ସୂଚନା ଦେଇଛନ୍ତି ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ଶାନ୍ତି ଭୂଷଣ ଜେନା।ଘଟଣା ସ୍ଥଳରେ କାକଟପୁର ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି।

## ଦିଲ୍ଲୀପଙ୍କ ନେତୃତ୍ୱରେ ଗୋପ ବ୍ଲକ ବିଜେଡିର ସାଙ୍ଗଠନିକ ବୈଠକ



**ଗୋପ, ୧ ୨।୭ (ସଂଚାର ବ୍ୟୁରୋ):** ଗୋପ ବ୍ଲକ ୧୪ ପଞ୍ଚାୟତର ବିଜୁ ଜନତା ଦଳ ବରିଷ୍ଠ ନେତୃତ୍ୱକୁ ନେଇ ଦିଘାଲୋ ମନସା କାନନ ଠାରେ ବିଜେଡି ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିମାପଡା ନିର୍ବାଚନ ମଣ୍ଡଳୀ ବିଜେଡି ବରିଷ୍ଠ ନେତା ଦିଲ୍ଲୀପ କୁମାର ନାୟକଙ୍କ ନେତୃତ୍ୱରେ ଗୋପ ବ୍ଲକ ୧୪ ପଞ୍ଚାୟତର ୱାର୍ଡ ମେମ୍ବର, ସରପଞ୍ଚ ଏବଂ ସମିତି ସଭ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। ୱାର୍ଡ ସ୍ତରରେ ବିଜେଡି ସଂଗଠନକୁ ସୁଦୃଢ଼ କରିବା ଏବଂ ବିଜୁ ଜନତା ଦଳ ନୀତି ଆଦର୍ଶରେ କାର୍ଯ୍ୟ କରିବା ପାଇଁ ବରିଷ୍ଠ ବିଜେଡି ନେତା ଦିଲ୍ଲୀପ କୁମାର ନାୟକ ଉପସ୍ଥିତ ବିଜେଡି ଜନ ପ୍ରତିନିଧି ଓ କର୍ମୀ ମାନଙ୍କୁ ଉପଦେଶ ଦେଇଥିଲେ। ଏହି ବୈଠକରେ ଗୋପ ବ୍ଲକ ପୂର୍ବତନ ଉପାଧକ୍ଷ ନିରଞ୍ଜନ ମହାପାତ୍ର, ବରିଷ୍ଠ ବିଜେଡି ନେତା କୁନା ଦାଶ, ନୂଆଖୋଲମରା ସରପଞ୍ଚ ଉପେନ୍ଦ୍ର କାନୁନଗୋ ଏବଂ ବନ୍ତଳୀଗ୍ରାମ ସରପଞ୍ଚ ମହେଶ୍ୱର ସ୍ୱାଇଁ ସଂଗଠନକୁ ଆଗେଇ ନେବା ପାଇଁ କର୍ମୀ ମାନଙ୍କ ଗରୁତ୍ୱ ଭୂମିକା ରହିଛି ଏବଂ ବିଜୁ ଜନତା ଦଳ ଗୋପ ବ୍ଲକରେ ସର୍ବପରି ସୁଦୃଢ଼ ରହିଛି ବୋଲି ମତ ପ୍ରକାଶ କରିଥିଲେ। ଗୋପ ବ୍ଲକ ବିଜୁ ଜନତା ଦଳ ସଂଗଠନିକ ବୈଠକରେ ବିଜେଡି ନେତା ବିକ୍ରମ ନାୟକ, ଲକ୍ଷ୍ମଣ ମଲିକ, ରମେଶ ବାରିକ, ଗୁଲାମ ବକ୍ସ, ବାବୁ ବକ୍ସ, ମହମଦ ମଜିଦ, ବିପିନ ରାଉତ, ଏସ କେ କଲିମ,ମହମଦ ହନାନ, ଏସ କେ ତୋଇ ସମେତ ସାତଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଖୁବଶୀଘ୍ର ଉଦ୍‌ଘାଟନ ହେବ ଜେଏମ୍‌ଏଫସି କୋର୍ଟ

● ବିଚାରପତିଙ୍କ ପରିଦର୍ଶନ, ସମୀକ୍ଷା ସହ ଚାରାରୋପଣ



**କାକଟପୁର/ଅସ୍ତରଙ୍ଗ, ୧ ୨।୭ (ସଂଚାର ବ୍ୟୁରୋ):** ବହୁ ପ୍ରତୀକ୍ଷାର ଅନ୍ତଃ ଘଟିବାକୁ ଯାଉଛି। ଖୁବ ଶୀଘ୍ର ଉଦଘାଟନ ହେବ ପୁରୀଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ସିଭିଲ ଜେଏମ୍‌ଏଫସି କୋର୍ଟ। ଏହା ପୂର୍ବରୁ ଶନିବାର ପୂର୍ବାହ୍ନରେ ପ୍ରଶାସନିକ ବିଚାରପତି ସମ୍ମାନୀୟ ଜଷ୍ଟିସ କୃଷ୍ଣରାମ ମହାପାତ୍ର, ଜିଲ୍ଲା ଏବଂ ଦୌରାଜଜ, ପୁରୀ ଅଜନ୍ତା ଷଡ଼ଙ୍ଗୀ ସହ ଅନ୍ୟ ପ୍ରମୁଖ ଅଧିକାରୀମାନେ ଗ୍ରସ୍ତ କରି ଅସ୍ତରଙ୍ଗ ତହସିଲ ନିକଟରେ ନିର୍ମିତ ହୋଇଥିବା ଅସ୍ଥାୟୀ ଜେଏମଏଫସି କୋର୍ଟ ଉଦଘାଟନ ଅବ୍ୟବହିତ ପୂର୍ବରୁ କୋର୍ଟର ବିଭିନ୍ନ ରୁମ୍ ପ୍ରସ୍ତୁତି ସମେତ ଆନୁଷାଙ୍ଗିକ ବ୍ୟବସ୍ଥା ସମୀକ୍ଷା କରିବା ସହିତ କୋର୍ଟ ପରିସରରେ ବୃକ୍ଷରୋପଣ କରିଛନ୍ତି। ଗ୍ରସ୍ତ ସମୟରେ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୋମ୍ୟ ରଞ୍ଜନ ଦ୍ୱିବେଦୀ, ନିର୍ବାହୀ ଯନ୍ତ୍ରୀ କୁଶଲ କୁମାର ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡପତି, ପୁରୀ ଅତିରିକ୍ତ ଏସ୍ପି ସଚିନ ପଟେଲ, ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ, ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ଅତିଥିମାନେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା ମଙ୍ଗଳା ମନ୍ଦିର ପରିଦର୍ଶନ କରି ମା ମଙ୍ଗଳାଙ୍କୁ ଦର୍ଶନ କରିଥିଲେ। ଖୁବ ଶୀଘ୍ର ଅସ୍ତରଙ୍ଗ ଓ କାକଟପୁର ୨ଟି କୋର୍ଟ ଉଦଘାଟନ ହେବ ବୋଲି ସୂଚନା ମିଳିଛି। କୋର୍ଟଟି ଖୋଲିଲେ ସ୍ଥାନୀୟ ଅଞ୍ଚଳବାସୀ ଆଇନ ସେବା ପାଇପାରିବେ। ପୂର୍ବରୁ ସେମାନଙ୍କୁ ବିଭିନ୍ନ ମକଦ୍ଦମା ପାଇଁ ନିମାପଡା ଯିବାକୁ ପଡୁଥିଲା। ଯେଉଁଥି ପାଇଁ ସାଧାରଣ ଲୋକେ ବହୁ ଖର୍ଚ୍ଚାନ୍ତ ହେଉଥିଲେ।

● ହୋମଗାର୍ଡ ନିଯୁକ୍ତିରେ ଅନିୟମିତତା ଘଟଣା

## ଏସପିଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଆବେଦନକାରୀଙ୍କ ଧାରଣା

**କେନ୍ଦ୍ରାପଡ଼ା, ୧ ୨।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ହୋଇଥିବା ହୋମ୍ ଗାର୍ଡ ନିଯୁକ୍ତିରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ନିଯୁକ୍ତିରେ ବାଦ୍ ପଡ଼ିଥିବା ଆଶାୟୀମାନେ ବିଭିନ୍ନ ଅଂଚଳରୁ ଯୋଡ଼ି ହେବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ଗୁରୁବାର ଦିନ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସଂପୃକ୍ତି ଥିବା ନେଇ ଅଭିଯୋଗ କରିବା ସହ ଏନେଇ ଏକ ଲିଖିତ ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ପ୍ରଦାନ କରିଥିଲେ। ଏହା ପରେ ଶୁକ୍ରବାର ଦିନ କଟକରେ ଥିବା ରାଜ୍ୟ ପୁଲିସ ମୁଖ୍ୟାଳୟ ରେ ପହଞ୍ଚି ପୋଲିସ ଡ଼ିଜି ୱାଇ.ବି ଖୁରାନିଆ ଙ୍କୁ ଭେଟି ହୋମ୍ ଗାର୍ଡ ନିଯୁକ୍ତିରେ ଅର୍ଥ କାରବାର କରି ଟେଷ୍ଟ ପରୀକ୍ଷାରେ ବାଦ ପଡ଼ିଥିବା ବେକ୍ତିଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିବା ଅଭିଯୋଗ କରିଥିଲେ । ଏହି ଘଟଣାକୁ ପୁଲିସ ଡ଼ିଜି ଗୁରୁତର ଭାବେ ଗ୍ରହଣ କରିବା ସହ ଏହାର ତଦନ୍ତ କରାଯିବ ବୋଲି ନିଯୁକ୍ତିରେ ବାଦ୍ ପଡିଥିବା ଆବେଦନ କାରୀଙ୍କୁ କହିଥିଲେ । ଗୁରୁବାର ପୁଲିସ ଡ଼ିଜି ଙ୍କୁ ସାକ୍ଷାତ କରି ଅଭିଯୋଗ କରିବା ପରେ ଶୁକ୍ରବାର ଆସାଇ ମାନେ କେନ୍ଦ୍ରାପଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିବାକୁ ଯାଇଥିଲେ କିନ୍ତୁ ଏସପି କାର୍ଯ୍ୟାଳୟରେ ନଥିବା ଜାଣିବା ପରେ ଆଶାୟୀମାନେ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ । ଧାରଣା ଦେବାର କିଛି ସମୟ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ପହଞ୍ଚି ସେମାନଙ୍କ ସହ ଏନେଇ ଆଲୋଚନା କରିଥିଲେ।

**ତୃତୀୟ ଦିନରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ**

## ଆନ୍ଦୋଳନରତ ଡ୍ରାଇଭରଙ୍କୁ ଭେଟିଲେ କଂଗ୍ରେସ ଦଳର ଓଡ଼ିଶା ପ୍ରଭାରୀ

**ନୟାଗଡ଼, ୧ ୨।୭ (ସଂଚାର ବ୍ୟୁରୋ):** ନୟାଗଡ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ନୟାଗଡ ଠାରେ ଆନ୍ଦୋଳନକାରୀ ଡ୍ରାଇଭର ମାନଙ୍କୁ ଅଖିଳ ଭାରତ କଂଗ୍ରେସ୍ କମିଟି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ନୟାଗଡ ଗସ୍ତ ସମୟରେ ଧାରଣ ସ୍ଥଳକୁ ଯାଇ ଆନ୍ଦୋଳନରତ ଗାଡ଼ିବଚାଳକ ମାନଙ୍କୁ ଭେଟି ସେମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ ସାତ ଦଫା ସମ୍ବଳିତ ଦାବିପତ୍ରକୁ ସମର୍ଥନ କରିଥିଲେ। ସେମାନଙ୍କଠୁ ଦାବିପତ୍ର ଗ୍ରହଣ କରି ପ୍ରତିଶ୍ରୁତି ଦେଇଥିଲେ ଯେ, ଆଗାମୀ ବିଧାନସଭା ସମୟରେ କଂଗ୍ରେସ ବିଧାୟକ ଦଳ ପକ୍ଷରୁ ବିଧାନସଭାରେ ଉପସ୍ଥାପନା କରିଯିବ। ଆନ୍ଦୋଳନ ସ୍ଥଳରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି, ସାଧାରଣ ସମ୍ପାଦକ ୟାସିର ନୱାଜ୍, ନୟାଗଡ଼ ଜିଲ୍ଲା କଂଗ୍ରେସ୍ କମିଟି ସଭାପତି ସତ୍ୟବ୍ରତ ନାୟକ, ପୂର୍ବତନ ସାଂସଦ ନକୁଳ ନାୟକ, ପୂର୍ବତନ ସଭପତି ରଞ୍ଜିତ ଦାସ, ହୁସେନ ଖାଁ, ମନୋଜ ସାହୁ,ସରୋଜ ପରିଡ଼ା, ବିଭୁପ୍ରସାଦ ମିଶ୍ର, ବୈଜନ୍ତି



ମାଳା ମହାନ୍ତି, ବସନ୍ତ ମହାରଣା, ପୂର୍ଣ୍ଣଚନ୍ଦ୍ର ନାୟକ, କମଳ ସାହୁ,ଫକୀର ମଲ,ପ୍ରକାଶ ନାୟକ, ପ୍ରତିକ ମହାପାତ୍ର,ଆଲୋକ ଚନ୍ଦ୍ର ପ୍ରଧାନ, ପ୍ରମୁଖ କଂଗ୍ରେସ୍ ନେତୃ ମଣ୍ଡଳୀ ଧରଣା ସ୍ଥଳରେ ପହଞ୍ଚି ନୈତିକ ସମର୍ଥନ ଦେଇଥିଲେ।

# ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ଚାଷୀ ବଞ୍ଚିତ

**କ୍ୱିଣ୍ଟାଲ ପିଛା ୧୮୦୦ ଟଙ୍କାରେ ବିକିଲେ**

**ଚାଷୀଙ୍କ ଆନ୍ଦୋଳନ ଧମକ**

**କୋଣାର୍କ, ୧ ୨।୭ (ସଂଚାର ବ୍ୟୁରୋ):** ନୂଆ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କଲେ । ଚାଷୀ ମନରେ ନୂଆ ଆଶା ସଂଚାର ହେଲା । ହେଲେ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁଁ ଶହ ଶହ ଚାଷୀ ଚଳିତ ରବି ଫସଲର ସରକାରୀ ସର୍ବନିମ୍ନ ସହାୟକ ମୂଲ୍ୟ ନପାଇ ହତାଶ ହୋଇଛନ୍ତି। ନୂଆ ସରକାରଙ୍କ ଦ୍ୱାରା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ଘଟଣା ଚାଷୀଙ୍କ ପାଇଁ ଯେମିତି ଉପହାସ ସଦୃଶ ହୋଇଛି । ବିଭିନ୍ନ ସ୍ଥାନରେ ଏବେ ଚାଷୀ ନ୍ୟାୟ ପାଇଁ ଆନ୍ଦୋଳନକୁ ଓହ୍ଲାଇବା ପାଇଁ



ଧମକ ଦେଉଛନ୍ତି । ଏମିତି ଏକ ପ୍ରତାରଣାର ଶିକାର ହୋଇଛନ୍ତି କୋଣାର୍କ ଥାନା ଅନ୍ତର୍ଗତ କୁରୁଜଙ୍ଗ ଗ୍ରାମ ପଞ୍ଚାୟତର ଶତାଧିକ ଚାଷୀ ।

ଶନିବାର ଦିନ ନିକଟସ୍ଥ ଐଶାନେଶ୍ୱର୍ ମହାଦେବଙ୍କ ପୀଠରେ ମା ଜାଗେଶ୍ୱରୀ ସମବାୟ ସମିତି ଅଧିନରେ ତାଲିକାଭୁକ୍ତ ଶତାଧିକ ଚାଷୀଙ୍କ ଦ୍ୱାରା ଆୟୋଜିତ ଏକ ସମାବେଶରେ ଚାଷୀମାନେ ସମବାୟ ସମିତି ବିରୁଦ୍ଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଏହି ସମବାୟ ସମିତି ଅଧିନରେ ୧୩୭ ଜଣ ଚାଷୀ ଧାନ ବିକ୍ରୟ ପାଇଁ ରେଜିଷ୍ଟ୍ରେସନ କରିଥିବା ବେଳେ ସମବାୟ ସମିତିର ସମ୍ପାଦକ କମ ପରିମାଣର ବିଲ ଥିବା ଚାଷୀଙ୍କ ନାମରେ ଟୋକନ୍ କାଟି ଚଞ୍ଚକତା କରି ଧାନ ବେପାରୀଙ୍କ ଧାନକୁ କ୍ରୟ କରିଥିବା ବେଳେ ଶତାଧିକ ଚାଷୀ ଟୋକନ ପାଇବାରୁ ବଞ୍ଚିତ ହୋଇ ଆନ୍ଧ୍ର ବେପାରୀଙ୍କୁ କ୍ୱିଣ୍ଟାଲ ପିଛା ମାତ୍ର ଅଠର ଶହ ଟଙ୍କାରେ ବିକ୍ରୀ କରିବାକୁ ବାଧ ହୋଇଥିବା ଚାଷୀ ମାନେ କହିଥିଲେ । ଅନ୍ୟ ପକ୍ଷରେ ଏହି ସମିତିରୁ ଧାନ ବିକ୍ରି ପାଇଁ ଟୋକନ ପାଇଥିବା ୨୦ଜଣ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହୋଇଛନ୍ତି । ଏପରିକି ୧୦ଜଣ ଚାଷୀ ଟୋକନ ପାଇ ମିଲରେ ୫୦୦କ୍ୱିଣ୍ଟାଲ ଧାନ ଦେବା ପରେ ଆଖି ସ୍ୱାନ ନ ହୋଇପାରିବା ଯୋଗୁଁ ଚାଷୀମାନେ ସେମାନଙ୍କ ପ୍ରାପ୍ୟ ବାବଦ ୧୫ଲକ୍ଷରୁ ଉର୍ଦ୍ଧ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି । ହତାସର ସମ୍ମୁଖିନ ହୋଇଥିବା ଚାଷୀମାନେ ପୁରୀ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଅବଗତ କରି ଚାଷୀର ହକ ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କୃଷକ ସଂଗଠନର ସଭାପତି ରବୀନ୍ଦ୍ର ସ୍ୱାଇଁ କହିଛନ୍ତି ।





## ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

**ନାଉଗାଁ, ୧ ୨।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଜଗତସିଂହପୁର ମେରା ଯୁବ ଭାରତ ଦ୍ୱାରା ସଂଗଠିତ କାର୍ଯ୍ୟକ୍ରମକୁ ସୋସିଆଲ ମିଶନ ୱାଲର୍ଡ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ମିଶନ ୱାଲର୍ଡର ଅଧକ୍ଷ ସର୍ବେଶ୍ୱର ମହାରଣାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାକ୍ତର ପ୍ରଦ୍ୟୁମ୍ନ ରଥ, ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଚିତ୍ର କୁମାର ପଣ୍ଡା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧାପକ ଡ.ନିରଞ୍ଜନ ବିଶ୍ୱାଳ, ଅଧାପକ ପ୍ରତାପ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ବିଶ୍ୱ ଜନସଂଖ୍ୟା ସମସ୍ୟା ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ମତବ୍ୟକ୍ତ କରିଥିଲେ। ମେରା ଯୁବ ଭାରତ ଜଗତସିଂହପୁର କାର୍ଯ୍ୟାଳୟର କର୍ମଚାରୀ ପବିତ୍ର ମୋହନ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

## ନବରଙ୍ଗପୁରରେ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

**ରାଇଘର, ୧ ୨।୭ (ସଂଚାର ବ୍ୟୁରୋ):** ବାଂଲାଦେଶୀ ରାଜ୍ୟରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ରାଇଘର ପୁଲିସ ମଧ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ବ୍ଲକର ବିଭିନ୍ନ ଦଣ୍ଡକାରଣ୍ୟ (ଡି.ଏନ.କେ) ଗ୍ରାମ ଗୁଡ଼ିକରୁ ପ୍ରାୟ ୫୯ ଜଣ(ପରିବାର ମୁଖ୍ୟଙ୍କ ତାଲିକା ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶ ପାଇବା ପରେ ସ୍ଥାନୀୟ ପୁଲିସ ତତ୍ପରତା ପ୍ରକାଶ କରିଛି। ଉକ୍ତ ତାଲିକା ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଦଶ ଜଣଙ୍କୁ ଥାନାରେ ଡକାଇ ସେମାନଙ୍କ ପରିବାରର ସମ୍ପୂର୍ଣ୍ଣ ତଥ୍ୟ ପ୍ରମାଣ ସହ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

୧୯୭୧ ମସିହା ପୂର୍ବରୁ ବାଂଲାଦେଶରୁ ବହୁ ଅନୁପ୍ରବେଶକାରୀ ନିଜ ନିଜ ସମ୍ପର୍କୀୟଙ୍କ ସହାୟତାରେ ବିନା ସରକାରୀ ସ୍ୱୀକୃତିରେ ଆସି ନବରଙ୍ଗପୁର ଜିଲ୍ଲାରେ ବାସ କରୁଛନ୍ତି। ରାଇଘର ବ୍ଲକରେ ଏହାର ସଂଖ୍ୟା ଅଧିକ ରହିଛି। ଅନୁପ୍ରବେଶକାରୀମାନେ ନିଜ ନିଜ ପରିବାର ସହିତ ବ୍ଲକର ବିଭିନ୍ନ ବଙ୍ଗାଳି ଗ୍ରାମ ଯଥା ଭାରମୁଣ୍ଡି (ଡିଏନକେ), କୁସୁମପୁର (ଡିଏନକେ), ଛତାବେଡ଼ା (ଡିଏନକେ), ଗୁରୁସିଙ୍ଗା (ଡିଏନକେ),



ସୋନପୁର (ଡିଏନକେ), ଜଲଙ୍ଗପାରା (ଡିଏନକେ), ସରଗୁଲି (ଡିଏନକେ), ତୁରୁଡି (ଡିଏନକେ), କୁମୁଲି(ଡିଏନକେ), ହାତୀବେଡ଼ା (ଡିଏନକେ), ପାଉରବେଲା (ଡିଏନକେ), ସୋନପୁର (ଡିଏନକେ) ଏବଂ ରାଇଘର ଗ୍ରାମରେ ଆସି ରହୁଛନ୍ତି। ବର୍ତ୍ତମାନ ସରକାର ସେମାନଙ୍କୁ ଚିହ୍ନଟ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ବିଶେଷ ସୂତ୍ରରୁ ସେମାନଙ୍କ ନାମ ସଂଗ୍ରହ କରି ତାଲିକା ପ୍ରକାଶ କରିଛି। ବର୍ତ୍ତମାନ ସୁଦ୍ଧା ରାଇଘର ବ୍ଲକରେ ପ୍ରଶାସନ ପକ୍ଷରୁ ପ୍ରାୟ ୫୯ ପରିବାର ମୁଖ୍ୟଙ୍କ ନାମକୁ ନେଇ ତାଲିକା ପ୍ରସ୍ତୁତି କରିବା ସହ ଯାଞ୍ଚ ପାଇଁ ସ୍ଥାନୀୟ ଥାନାରେ ପ୍ରଦାନ କରିଛି । ସେଥିମଧ୍ୟରୁ ଭାରମୁଣ୍ଡି (ଡିଏନକେ)ରେ ସର୍ବାଧିକ ୧୬ ଏବଂ ସରଗୁଲି (ଡିଏନକେ)ରେ ୧୩ ପରିବାରର ମୁଖ୍ୟଙ୍କ ନାମ ରହିଛି। ବ୍ଲକର ପ୍ରାୟ ସମସ୍ତ ଡିଏନକେ ଗ୍ରାମରେ ଅନୁପ୍ରବେଶକାରୀ ନିଜ ପରିବାର ସହିତ ରହିଥିବା ତାଲିକାରୁ ଜଣାପଡ଼ିଛି। ସ୍ଥାନୀୟ ପୁଲିସ କୌଣସି ଚାପରେ ନପଡ଼ି ନିଜର ଯାଞ୍ଚ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି।

**'ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପନ - ପ୍ରସଙ୍ଗ ଓ ସମ୍ଭାବନା' ଶୀର୍ଷକ ଆନ୍ତର୍ଜାତିକ ସମ୍ମିଳନୀ**

# ବଢ଼ିବ ରୌଦ୍ରତାପର ପ୍ରଭାବ: ବିଶେଷଜ୍ଞ

**ଭୁବନେଶ୍ୱର, ୧ ୨।୭ (ସଂଚାର ବ୍ୟୁରୋ):** ୧୯୦୧ ମସିହା ଠାରୁ ଏପର୍ଯ୍ୟନ୍ତ ୨୦୨୪ ସବୁଠାରୁ ଉତପ୍ତ ବର୍ଷ ଥିଲା। ବିଶ୍ୱ ତାପନ ପ୍ରଭାବ ଯୋଗୁଁ (୨୦୧୦ ରୁ ୨୦୨୪) ମଧ୍ୟରେ ଦଶ ବର୍ଷ ଅନ୍ୟ ବର୍ଷ ତୁଳନାରେ ଉତପ୍ତ ବର୍ଷ ଭାବେ ପରିଗଣିତ ହୋଇଛି ବୋଲି ଜଣେ ବିଶିଷ୍ଟ ପାଣିପାଗ ବିଶେଷଜ୍ଞ କହିଛନ୍ତି। ଭାରତୀୟ ପାଣିପାଗ ବିଭାଗ ଅନ୍ତର୍ଗତ ନ୍ୟାସନାଲ୍ ୱେଦର ଫୋରକାଷ୍ଟିଂ ସେଂଟରର ପାଣିପାଗ ବିଶେଷଜ୍ଞ ଡକ୍ଟର ଅଖିଳ ଶ୍ରୀବାସ୍ତବ କହିଛନ୍ତି ପ୍ରଚଣ୍ଡ ରୌଦ୍ର ତାପର ପ୍ରଭାବ କିଛି ବର୍ଷ ହେବ ଭୀଷଣ ଭାବେ ଅନୁଭୂତ ହେଉଥିବା ବେଳେ ମୃତ୍ୟୁ ଏବଂ କ୍ଷୟକ୍ଷତି ପରିପ୍ରେକ୍ଷୀରେ ଦ୍ୱିତୀୟ ବଡ଼ କାରଣ ପାଲଟିଛି ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଆୟୋଜିତ 'ଜଳବାୟୁ ପରିବର୍ତନ ଓ ବିଶ୍ୱ ତାପନ - ପ୍ରସଙ୍ଗ ଓ ସମ୍ଭାବନା' ଶୀର୍ଷକ ଦୁଇ ଦିନିଆ





ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗଦେଇ ଏହା କହିଛନ୍ତି ଡକ୍ଟର ଶ୍ରୀବାସ୍ତବ। ୨୦୧୦ରୁ ୨୦୧୯ ମଧ୍ୟରେ ରୌଦ୍ର ତାପର ସଂଖ୍ୟା ୨୪ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ଏତଦ୍‌ଜନିତ ମୃତ୍ୟୁ ମଧ ୨୭ ପ୍ରତିଶତ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି।

ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଥିବା ବେଳେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗଦେଇ କହିଥିଲେ ଯେ ବର୍ତମାନ ପୃଥିବୀରେ ଜଳବାୟୁ ପରିବର୍ତନ ଏବଂ ବିଶ୍ୱ ତାପନ ଚିନ୍ତାର କାରଣ ପାଲଟିଛି। ଛାତ୍ରଛାତ୍ରୀମାନେ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ନିଜ ନିଜ କ୍ଷେତ୍ରରେ ସଚେତନତାର ସୃଷ୍ଟି କରନ୍ତୁ ବୋଲି କୁଳପତି କହିଥିଲେ। କାର୍ଯ୍ୟକ୍ରମର ଅର୍ଗାନାଇଜିଂ ଚେୟାର ତଥା ସିସିଏସ୍‌ଏର ଡିଷ୍ଟିଙ୍ଗୁଇସ୍‌ଡ ପ୍ରଫେସର ଉମା ଚରଣ ମହାନ୍ତି ଉଦ୍‌ଯାପନୀ ବକ୍ତବ୍ୟ ରଖିଥିବା ବେଳେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ ଓ ଉପକୁଳପତି ପ୍ରଫେସର ପି.କେ. ପାତ୍ର ବକ୍ତବ୍ୟ ରଖିଥିଲେ। ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୮ଟି ବିଭିନ୍ନ ଦେଶର ରାଷ୍ଟ୍ରଦୂତ ଯୋଗ ଦେଇଥିବା ବେଳେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ମଧ ମନ୍ତବ୍ୟ ରଖିଥିଲେ।

### ଜନ୍ମଶତବାର୍ଷିକୀ ସମାରୋହରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ବିଦ୍ୟୁତପ୍ରଭା ଦେବୀ ନାରୀ ସଶକ୍ତିକରଣର ପ୍ରତୀକ

- ଲେଖିକାଙ୍କ ଅବଦାନକୁ ନୂଆପିଢ଼ି ନିକଟରେ ପହଞ୍ଚାଇବାକୁ ପରାମର୍ଶ
- ପ୍ରତିଭାବାନ ଛାତ୍ରୀଙ୍କ କଳାକୃତିକୁ ପ୍ରଶଂସା




**ଭୁବନେଶ୍ୱର,୧୨।୭(ସଂଚାର ବ୍ୟୁରୋ):** ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ନାରୀ ସଶକ୍ତିକରଣର ଅନ୍ୟତମ ପ୍ରତୀକ। ଜଣେ ଘରୋଇ ମହିଳା ହୋଇ ସେ ତତ୍କାଳୀନ କଡ଼ା କଟକଣା ମଧ୍ୟରେ ଅନେକ କାଳଜୟୀ କବିତା ରଚନା କରିଥିଲେ, ଯାହା ତାଙ୍କୁ ଓଡ଼ିଆ ସାହିତ୍ୟ ଜଗତରେ ବିରଳ ଲେଖିକା ଭାବେ ପରିଚୟ ଦେଇଛି ବୋଲି ଶନିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମ ଶତବାର୍ଷିକୀ' ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ରାଜ୍ୟ ସରକାରଙ୍କ ଓଡ଼ିଆ ବିଭାଗ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ କହିଛନ୍ତି ଯେ ଜୀବନର ଖୁବ୍ କମ ସମୟ ମଧ୍ୟରେ ବାଲ୍ୟାବସ୍ଥାରୁ ସାହିତ୍ୟ ପ୍ରତି ତାଙ୍କର ସାଧନା ଓ ସମର୍ପଣ ଭାବ ସମସ୍ତଙ୍କୁ ପ୍ରେରିତ କରୁଛି। ଓଡ଼ିଆ ସାହିତ୍ୟରେ ନାରୀବାଦୀ କବିତାର କଥା ଉଠିଲେ ତିନି ଜଣ ବିଶିଷ୍ଟ କବୟିତ୍ରୀଙ୍କ ନାମ ମନକୁ ଆସେ। ସେମାନେ ହେଲେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ, ସରଳା ଦେବୀ ଓ ବିଦ୍ୟୁତପ୍ରଭା ଦେବୀ। ବିଦ୍ୟୁତପ୍ରଭା ଦେବୀ କୁନ୍ତଳା କୁମାରୀଙ୍କ ଭଳି ସ୍ୱଳ୍ପ ଆୟୁଷ ଥିଲେ ମଧ୍ୟ ସରଳା ଦେବୀଙ୍କଠାରୁ ପ୍ରେରଣା ଲାଭ କରି ନାରୀ ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରିଥିଲେ ତାଙ୍କ ଲେଖନୀ ମାଧ୍ୟମରେ। ଆଧୁନିକ କବିତା ସହ ଦେଶର ସ୍ୱତନ୍ତ୍ରତା ଓ ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁ ସାହିତ୍ୟକାର ଭାବେ ସେ କବିତା ଲେଖିଛନ୍ତି। ତାଙ୍କ ବିଷୟରେ ଯେତେ ବର୍ଣ୍ଣନା କଲେ ମଧ୍ୟ ଶବ୍ଦ କମ ପଡ଼ିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେହିପରି ଶ୍ରୀ ପ୍ରଧାନ କହିଛନ୍ତିଯେ ସମାଜରେ ମାତୃଶକ୍ତିର ନେତୃତ୍ୱ ସବୁବେଳେ ଜରୁରୀ। ଓଡ଼ିଶାର ସବଡିଭିଜନ ସ୍ତରରେ ବିଂଶ ଏବଂ ଏକବିଂଶ ଶତାବ୍ଦୀର ଲେଖିକାଙ୍କ ଅବଦାନକୁ ନୂଆପିଢ଼ିଙ୍କ ନିକଟରେ ପହଞ୍ଚାଇବା ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ବର୍ତ୍ତମାନ ସମୟରେ ନୂଆ ରୂପ ନେଉଥିବା ଏଆଇ, ଚାଟ୍ ଜିପିଟି ଟେକ୍ନୋଲୋଜି ସମାଜ ପାଇଁ ନୂଆ ଆହ୍ୱାନ ହୋଇଛି। ଏଆଇକୁ ବ୍ୟବହାର କରି ଲୋକେ ମଲଟି ଲାଙ୍ଗୁଏଜ୍ ମୋଡ୍ ମାଧ୍ୟମରେ ପ୍ରଶ୍ନ ରଖିବା ଦରକାର। ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର ସହ ଆଗକୁ ନେବା ପାଇଁ ମଧ୍ୟ ଏଆଇର ବ୍ୟବହାର କରାଗଲେ ଆମ ସାହିତ୍ୟ ବିଶ୍ୱବିଦିତ ଓ ସୁସମୃଦ୍ଧ ହୋଇପାରିବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଦ୍ମଭୂଷଣ ଡ. ପ୍ରତିଭା ରାୟ କହିଥିଲେ ଯେ କବି ବିଦ୍ୟୁତପ୍ରଭା ଦେବୀ ଅନନ୍ୟା। ତାଙ୍କ ସାହିତ୍ୟ ସର୍ଜନା ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିଛି। ନାରୀବାଦୀ ଓ ସମାଜବାଦୀ କବିତା ଲେଖି ସେ ଆମ ସମସ୍ତଙ୍କୁ ପ୍ରେରିତ କରିଛନ୍ତି। ସେହିପରି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ନାରୀବାଦର ସକାରାତ୍ମକ ଉଦ୍‌ଘୋଷିକା ଓ ନାରୀଶକ୍ତିର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି କବି ବିଦ୍ୟୁତପ୍ରଭା। ତାଙ୍କ ଲେଖନୀରେ ପ୍ରସ୍ଫୁଟିତ ହୋଇଥିବା କବିତା ନାରୀ ସଶକ୍ତିକରଣର କଥା କୁହେ। ଏକ ସଶକ୍ତ ରାଷ୍ଟ୍ର ଓ ସଶକ୍ତ ସମାଜ ଗଠନରେ ନାରୀଶକ୍ତିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ସୂରଜ କହିଛନ୍ତି। ଏହାଛଡ଼ା ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି ଯେ ବିଦ୍ୟୁତପ୍ରଭା ଦେବୀ ଓଡ଼ିଆ ସାହିତ୍ୟ ଜଗତର ଧ୍ରୁବତାରା ଓ ତାଙ୍କର ଜୀବନୀ, ତାଙ୍କର ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ପୂର୍ବତନ କୁଳପତି ତଥା ବିଦ୍ୟୁତପ୍ରଭା ଦେବୀଙ୍କ ସୁପୁତ୍ର ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି କବି ବିଦ୍ୟୁତପ୍ରଭାଙ୍କ ସାରସ୍ୱତ ସାହିତ୍ୟ ସର୍ଜନା ଉପରେ ଆଲୋଚନା କରିଥିଲେ। ଏଥିସହ କାର୍ଯ୍ୟକ୍ରମରେ 'ବାଜିରାଉତ' ଶୀର୍ଷକ ପୁସ୍ତକ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପତ୍ରିକା 'କୋଣାର୍କ' ମଧ୍ୟ ଉନ୍ମୋଚିତ ହୋଇଥିଲା। ତା'ଛଡ଼ା ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଏକ ଆଲୋଚନାଚକ୍ର ମଧ୍ୟ ଆୟୋଜିତ ହୋଇଥିଲା। ଏକଡେମୀ ସଚିବ ଡ଼. ଚନ୍ଦ୍ରଶେଖର ହୋତା କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଧନ୍ୟବାଦ ଦେଇଥିଲେ। ଏହି ଅବସରେ ଶ୍ରୀ ପ୍ରଧାନ ବିକେ କଲେଜ ଅଫ୍ ଆର୍ଟସ୍ ଆଣ୍ଡ୍ କ୍ରାଫ୍ଟସର ଛାତ୍ରୀମାନଙ୍କୁ ଭେଟିବା ସହ ସେମାନଙ୍କ ନିଖୁଣ କଳା କାରିଗରୀକୁ ପ୍ରଶଂସା କରିଥିଲେ।

### ୧୪ରେ ଏମ୍ସର ପଞ୍ଚମ ସମାବର୍ତ୍ତନ ଉତ୍ସବ

# ୩୧ ଛାତ୍ରଛାତ୍ରୀ ପାଇବେ ୫୯ ସ୍ୱର୍ଣ୍ଣ ପଦକ



- ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ୬୪୩ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ

**ଭୁବନେଶ୍ୱର, ୧୨।୭ (ସଂଚାର ବ୍ୟୁରୋ) :** ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହ ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବ ଓ ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ। ଏହି ସ୍ମରଣୀୟ ଉତ୍ସବରେ ରାଷ୍ଟ୍ରପତିଙ୍କ ଉପସ୍ଥିତି ଛାତ୍ରଛାତ୍ରୀ, ଅଭିଭାବକ ତଥା ସମଗ୍ର ଏମ୍ସ ପରିବାରକୁ ଅନୁପ୍ରେରିତ କରିବ ବୋଲି କହିଛନ୍ତି ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ। ଶିକ୍ଷାଗତ ଉତ୍କର୍ଷତା, ସମର୍ପଣ ଓ ଦେଶ ପ୍ରତି ସେବା ମନୋଭାବକୁ ପ୍ରତିପାଦିତ କରୁଥିବା ଏହି ସମାବର୍ତ୍ତନ ଉତ୍ସବକୁ ରାଷ୍ଟ୍ରପତିଙ୍କୁ ସହୃଦୟତାର ସହ ଡ. ବିଶ୍ୱାସ ସ୍ୱାଗତ କରିଛନ୍ତି। ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସମାବର୍ତ୍ତନ ଉତ୍ସବ ସମ୍ପର୍କରେ ସୂଚନା ଦେଇ ଡ. ବିଶ୍ୱାସ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ବ୍ୟତୀତ ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦେବେ। ସେହିପରି ଚଳିତ ବର୍ଷ ମୋଟ ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତ୍ତିଗତଧାରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଏହି ସୂଚୀରେ ୧୯୬ ଜଣ ଡାକ୍ତରୀ ଛାତ୍ରଛାତ୍ରୀ, ୧୫୮ ଜଣ ବିଶେଷଜ୍ଞ (ପିଜି) ଡାକ୍ତର, ୪୯ ଜଣ ସୁପର ସ୍ପେଶାଲିଟି (ଡିଏମ୍/ଏମ୍‌ସିଏଚ୍), ୨୧ ଜଣ ପୋଷ୍ଟ-ଡକ୍ଟରାଲ୍ ଫେଲୋ (ପିଡିଏଫ୍), ୧୧୬ ଜଣ ବିଏସ୍‌ସି ନର୍ସିଂ, ୬୨ ଜଣ ବିଏସ୍‌ସି ପାରା ମେଡିକାଲ୍, ୪୧ ଜଣ ଏମ୍‌ଏସସି ନର୍ସିଂ ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ। ଅସାଧାରଣ ଶିକ୍ଷାଗତ ପ୍ରଦର୍ଶନର ସ୍ୱୀକୃତି ସ୍ୱରୂପ ୧୭ ଜଣ ଡାକ୍ତରୀ ଛାତ୍ରଛାତ୍ରୀ, ଜଣେ ଲେଖାଏଁ ଏମ୍‌ଡି/ଏମ୍‌ଏସ ଓ ଡିଏମ୍/ଏମ୍‌ସିଏଚ୍, ୩ ଜଣ ବିଏସ୍‌ସି ନର୍ସିଂ, ୭ ଜଣ ବିଏସ୍‌ସି ପାରା ମେଡିକାଲ୍, ଦୁଇ ଜଣ ଏମ୍‌ଏସସି ନର୍ସିଂ ଛାତ୍ରଛାତ୍ରୀଙ୍କ ସମେତ ୩୧ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୫୯ଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ ବୋଲି ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଡିନ୍ ଡ. ପିଆର୍ ମହାପାତ୍ର, ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ୍ ସରକାର (ଡିଡିଏ), କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହ, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା ଓ ଡ. ବିକାଶ ଭାଟିଆ ଉପସ୍ଥିତ ଥିଲେ।

### ଡେଲାଙ୍ଗରେ ବ୍ୟାପିଛି ବାର୍ଡ ଫ୍ଲୁ

# ୧୦ କିମି ମଧ୍ୟରେ କୁକୁଡ଼ା ଦୋକାନ ବନ୍ଦ



**ପିପିଲି,୧୨।୭(ସଂଚାର ବ୍ୟୁରୋ):** ରାଜ୍ୟରେ ବଢ଼ିଲାଣି ବାର୍ଡ ଫ୍ଲୁ ଭୟ । ଡେଲାଙ୍ଗରେ ସ୍ପଷ୍ଟ ହେଲା ବାର୍ଡ ଫ୍ଲୁ। ନମୁନା ପରୀକ୍ଷାରୁ ଆସିଲା ପଜିଟିଭ୍ ରିପୋର୍ଟ। ଏନ୍‌ଏଚ୍୫ଏନ୍୧ ଆଇଭିଏନ୍ ଇନ୍‌ଫ୍ଲୁଏଞ୍ଜା ଭାଇରସ୍ ପଜିଟିଭ୍। ଡେଲାଙ୍ଗର ବଡ଼ା ଆଙ୍କୁଲା ଗାଁ ଭାଇରସ୍‌ର ଏପିସେଣ୍ଟର୍ । ଏପିସେଣ୍ଟର୍‌ର ଏକ କିଲୋମିଟର ମଧ୍ୟରେ ହେବ କିଲିଂ। କିଲିଂ କେନ୍ଦ୍ରରୁ ୧୦ କିମି ମଧ୍ୟରେ ନଜର ରଖାଯିବ। ସଂକ୍ରମିତ ସ୍ଥାନରୁ ୧୦ କିମି ମଧ୍ୟରେ କୁକୁଡ଼ା ଦୋକାନ ବନ୍ଦ ରହିବ। ମିଳିଥିବା ସୂଚନାନୁସାରେ, ଦୁଇ ଦିନ ତଳେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଥିଲେ ଯେ ଡେଲାଙ୍ଗ ଅଞ୍ଚଳରେ ପ୍ରାୟ ୩ ହଜାର କୁକୁଡ଼ା ମରିଛନ୍ତି। ଭେଟେରିନାରୀ ବିଭାଗ ନମୁନା ସଂଗ୍ରହ କରିଛି। ଜନସ୍ୱାସ୍ଥ୍ୟ ଟିମ ଡେଲାଙ୍ଗରେ ବୁଲି ପରିସ୍ଥିତି ପରଖିଛନ୍ତି। ଯେଉଁ ଫାର୍ମରେ ଯିଏ କାମ କରୁଥିଲେ, ସେମାନଙ୍କ ଘରକୁ ଯାଇ ଥଣ୍ଡା ଜ୍ୱର ସର୍ଭେ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରତିବର୍ଷ ବାର୍ଡ ଫ୍ଲୁ ଚିହ୍ନଟ ପରେ ଅନେକ କୁକୁଡ଼ା ଚାଷୀଙ୍କ ଫାର୍ମ ଖାଲି ହୋଇଯାଇଛି। ତେବେ ଲକ୍ଷ ଲକ୍ଷ ଟଙ୍କା ଋଣ କରି କୁକୁଡା ଚାଷ କରିଥିବା ଚାଷୀ ବ୍ୟାଙ୍କ ଋଣ ପୈଠ କରିବା କଷ୍ଟକର ହୋଇପଡ଼ିଛି। ପୁଣି ଋଣ କରି ଚାଷ କରିବା କଥା ଭାବିଲେ ବି କୁକୁଡ଼ା ଚାଷୀମାନଙ୍କୁ ଡର ଲାଗୁଛି। ବିଶେଷକରି ପୁରୀ ଜିଲ୍ଲାର ପିପିଲି ସତ୍ୟବାଦୀ, ନିମାପଡ଼ା ଓ ଡେଲାଙ୍ଗକୁ ଡେଉଁଛି ବାର୍ଡ ଫ୍ଲୁ ସଂକ୍ରମଣ। ଫଳରେ ଆର୍‌ଆର୍‌ଟି ଟିମ୍ ପକ୍ଷରୁ ହଜାର ହଜାର କୁକୁଡାଙ୍କୁ ମାରି ଖାଲରେ ପୋତି ଦିଆଯାଉଛି। ଏଥିସହ ଫାର୍ମ ସ୍ଥଳରେ ବ୍ଲିଚିଂ ପକାଇ ସାନିଟାଇଜ୍ ମଧ୍ୟ କରାଯାଉଛି ।

# ଭୁଲ୍ ଇଞ୍ଜେକସନ୍ ଯୋଗୁଁ ନାବାଳକଙ୍କ ମୃତ୍ୟୁ ଅଭିଯୋଗ


**କଟକ,୧୨।୭ (ସଂଚାର ବ୍ୟୁରୋ):** ଗତକାଲି ନୂଆପଡ଼ାରେ ପୁଅ ବଦଳରେ ମା'ଠାରେ ଇଞ୍ଜେକ୍‌ସନ୍ ଦିଆଯିବା ଭଳି ଘଟଣା ଘଟିଥିବା ବେଳେ ଆଜି କଟକର ଏକ ହସ୍ପିଟାଲ୍‌ରେ ଭୁଲ୍ ଇଞ୍ଜେକ୍‌ସନ୍ ଯୋଗୁଁ ଜଣେ ନାବାଳକଙ୍କ ଜୀବନ ଚାଲିଯାଇଛି। ଏପରି ଅଭିଯୋଗ କରିଛନ୍ତି ଉକ୍ତ ନାବାଳକଙ୍କ ପରିବାର ଲୋକେ। କଟକର ସିଟି ହସ୍ପିଟାଲ୍‌ରେ ଏଭଳି ଘଟଣା ଘଟିଥିବା ବେଳେ ଏହାକୁ ନେଇ ଗତକାଲି ରାତିରେ ଉକ୍ତ ହସ୍ପିଟାଲ୍ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା।

**ହସ୍ପିଟାଲ ଘେରିଲେ ସ୍ଥାନୀୟ ଲୋକେ**



ମିଳିଥିବା ସୂଚନାନୁଯାୟୀ, ପୁରୀଘାଟ ଅଞ୍ଚଳର ଅନୀଲ ଦାସଙ୍କ ନାବାଳକ ପୁଅ ଗତକାଲି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତୁରନ୍ତ ତାଙ୍କୁ ଅନୀଲ ନିକଟସ୍ଥ ସିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସନ୍ଧ୍ୟାରେ ତାଙ୍କୁ ହସ୍ପିଟାଲ୍‌ର ଜନୈକ ନର୍ସ ଇଞ୍ଜେକ୍‌ସନ ଦେଇଥିଲେ। କିନ୍ତୁ ତାଙ୍କ ଅବସ୍ଥା ସୁଧୁରିବା ପରିବର୍ତ୍ତେ ରାତି ପ୍ରାୟ ୧୦ଟା ସମୟରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ହୋଇପଡ଼ିଥିଲା। ପରେ ଅବସ୍ଥା ଆହୁରି ଗୁରୁତର ହେବା ସହ ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ମୃତ୍ୟୁ ପାଇଁ ହସ୍ପିଟାଲ୍ କର୍ମଚାରୀଙ୍କ ଦାୟିତ୍ୱହୀନତାକୁ ଦାୟୀ କରି ଅନୀଲ ଓ ତାଙ୍କ ପରିବାର ଲୋକେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ହସ୍ପିଟାଲ ଘେରାଉ କରିଥିଲେ। ଖବର ପାଇ ଦରଘା ବଜାର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ନାବାଳକଙ୍କ ପରିବାର ଲୋକେ ନ୍ୟାୟ ଦାବି କରିଛନ୍ତି।

# ଫାଣ୍ଡି ଭିତରେ ଯୁବକଙ୍କ ରିଲ୍ସ



**ରାଇରଙ୍ଗପୁର,୧୨।୭(ସଂଚାର ବ୍ୟୁରୋ):** ସମ୍ପ୍ରତି ସମସ୍ତେ ରିଲ୍ସ ପଛରେ ବାଇଆ ହୋଇଥିବା ବେଳେ ପୁଲିସ୍ ଫାଣ୍ଡିରେ ବି ରିଲ୍ସ କରିବାକୁ ଯୁବପିଢ଼ି ଡରୁନାହାନ୍ତି। ଏପରି ଏକ ଘଟଣା ନିକଟରେ ମୟୂରଭଞ୍ଜର ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଘଟିଛି। ଫାଣ୍ଡି ଭିତରେ କେତେକ ଯୁବକ ବସିଥିବା ସମୟରେ ସେମାନଙ୍କ ମଧ୍ୟରୁ ଜଣେ ରିଲ୍ସ କରିଛନ୍ତି। ଏକ ଗଣ୍ଡଗୋଳ ମାମଲାରେ ପଚରାଉଚରା ପାଇଁ ଫାଣ୍ଡିକୁ ଆସିଥିବା ଏହି ଯୁବକମାନେ ରିଲ୍ସ କରି ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ଏହା ସାମ୍ନାକୁ ଆସିଛି। ମିଳିଥିବା ସୂଚନାନୁସାରେ, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧିନରେ ଥିବା ହାଟବାଦଡା ଫାଣ୍ଡିରେ ବସି ରିଲ୍ସ କରିଛନ୍ତି ଏହି ଯୁବକମାନେ। ସାତପୋଉଟିଆ ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡକୁ ନେଇ ପୁଲିସ ଉଭୟ ପକ୍ଷଙ୍କୁ ଫାଣ୍ଡିକୁ ଡାକି ବୁଝାସୁଝା ପାଇଁ ଉଦ୍ୟମ କରିଥିଲା। ତେବେ ଫାଣ୍ଡିକୁ ଆସିଥିଲେ ମଧ୍ୟ ଉକ୍ତ ଯୁବକମାନଙ୍କ ମଧ୍ୟରେ ସାମାନ୍ୟ ଭୟଭାବ ନଥିଲା। ବରଂ ନିର୍ଦ୍ଦିଷ୍ଟ କିଛି ଯୁବକ ଫାଣ୍ଡି ଭିତରେ ବସି ରିଲ୍ସ କରିଥିଲେ। ଏ ସଂକ୍ରାନ୍ତରେ ସମ୍ପୃକ୍ତ ଫାଣ୍ଡି ଅଧିକାରୀ କହିଛନ୍ତି ଯେ ଦୁଇ ଗୋଷ୍ଠୀଙ୍କୁ ଫାଣ୍ଡିକୁ ଡାକି ବୁଝାସୁଝା କରୁଥିବା ସମୟରେ ତାଙ୍କ ଅଜାଣତରେ ଯୁବକମାନେ ଏହି ଭିଡିଓ କରିଛନ୍ତି। ଏହା କୌଣସି ଦୃଷ୍ଟିକୋଣରୁ ଠିକ୍ ନୁହେଁ। ତେଣୁ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବା ସହ ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

# ରାଜ୍ୟପାଳଙ୍କୁ ଶ୍ରେଷ୍ଠ ରାଜ୍ୟ ପୁରସ୍କାର ହସ୍ତାନ୍ତର




**ଭୁବନେଶ୍ୱର,୧୨।୭(ସଂଚାର ବ୍ୟୁରୋ):** ଗତ ୯ ତାରିଖରେ ନୂଆଦିଲ୍ଲୀଠାରେ ଏଗ୍ରିକଲଚର ଟୁଡେ ଗ୍ରୁପ ପକ୍ଷରୁ ଆୟୋଜିତ ପ୍ରତିଷ୍ଠିତ ଷୋଡ଼ଶ ଏଗ୍ରିକଲଚର ଲିଡରସିପ କନକ୍ଲେଭ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାକୁ କୃଷି ପାଇଁ ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାରକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଗ୍ରହଣ କରିଥିଲେ। ଗତକାଲି ରାତିରେ ଓଡ଼ିଶା ଫେରିବା ପରେ ଆଜି ଏହି ପୁରସ୍କାରକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ। ଏହା କୃଷି କ୍ଷେତ୍ରରେ ଆହୁରି ଉନ୍ନତି ଆଣିବା ପାଇଁ ରାଜ୍ୟବାସୀଙ୍କୁ ପ୍ରେରଣା ଯୋଗାଇବ। କୃଷି କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ବର୍ଗ ବିଶେଷକରି ଚାଷୀମାନଙ୍କୁ ଏଥିପାଇଁ ରାଜ୍ୟପାଳ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ନାଇଜର, ଭୁବନେଶ୍ୱର ପ୍ରତିଷ୍ଠାନର ସ୍ନାତକ ସମାରୋହ

# ଦେଶ ପାଇଁ ବଞ୍ଚିବାର ମନୋଭାବ ରଖିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ



**ଭୁବନେଶ୍ୱର,୧୨।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ନାଇଜର ସମେତ ଆଇଆଇଟି, ଏମ୍ସ, ଏସଡିଆଇ, ଏବଂ ଇନଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ ଭଳି ଅନେକ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି । ଭୁବନେଶ୍ୱରରେ ଦେଶର ପ୍ରତିଭାବାନ ଯୁବଶକ୍ତି ଅଛନ୍ତି । ଏହି ସମୃଦ୍ଧ ନେଟୱାର୍କ ଓଡ଼ିଶାକୁ ବଡ଼ ସ୍ୱପ୍ନ ଦେଖିବା ସହ ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନରେ ଅଧିକ ଯୋଗଦାନ ଦେବାରେ ସାହାଯ୍ୟ କରୁଛି। ଏହି ସମ୍ଭାବନାକୁ ଦେଖିଲେ ଆଗାମୀ ଦିନରେ ଭୁବନେଶ୍ୱର ଜ୍ଞାନର ପେଣ୍ଠସ୍ଥଳ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ଆରାମଦାୟକ ଜୀବନ ପାଇଁ ନୁହେଁ, ରାଷ୍ଟ୍ର ପାଇଁ ବଞ୍ଚିବାର ମନୋଭାବ ରଖିବାକୁ ଶ୍ରୀ ପ୍ରଧାନ ଯୁବବର୍ଗଙ୍କୁ ଆହ୍ୱାନ କରିଛନ୍ତି।

ସ୍ଥାନୀୟ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ଚତୁର୍ଦ୍ଦଶ ସ୍ନାତକ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ହୋମି ଭାବା ଜାତୀୟ ପ୍ରତିଷ୍ଠାନ ଦ୍ୱାରା ଅନୁବନ୍ଧିତ ଏହି ପ୍ରତିଷ୍ଠାନ ଏକ ଉଚ୍ଚକୋଟୀର ଅନୁଷ୍ଠାନ। କେବଳ ପରମାଣୁ ଶକ୍ତି ପାଇଁ ନୁହେଁ, ବରଂ ବିଜ୍ଞାନର ଅନେକ ଦିଗରେ ଅନ୍ତର୍ଜାତୀୟ ସ୍ତରର ଆଧୁନିକ ଗବେଷଣା ଏହି ଶିକ୍ଷାନୁଷ୍ଠାନରେ ହୋଇଥାଏ। ଭୁବନେଶ୍ୱରରେ ନାଇଜର ଭଳି ଶିକ୍ଷାନୁଷ୍ଠାନ ଗଢ଼ି ଉଠିବା ଗର୍ବର ବିଷୟ । ଏକବିଂଶ ଶତାବ୍ଦୀରେ ଏକ ଜ୍ଞାନଭିତ୍ତିକ ଅର୍ଥନୀତିର ପରିକଳ୍ପନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଛନ୍ତି। ଏଥିପାଇଁ ୫୦ ହଜାର କୋଟି ଟଙ୍କା ବିନିଯୋଗ କରି ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ ଗଠନ ହୋଇଥିବା ବେଳେ ଅନ୍ୟାନ୍ୟ ପଦକ୍ଷେପ ନିଆଯାଇଛି। ଭୁବନେଶ୍ୱରକୁ ଜ୍ଞାନର ପେଣ୍ଠସ୍ଥଳି କରିବା ପାଇଁ ଆମ ପାଖରେ ଅପାର ସମ୍ଭାବନା ଓ ଯୁବଶକ୍ତି ରହିଥିବା କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରରେ ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଛି । ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରତିଷ୍ଠାନର ଜୀବ ବିଜ୍ଞାନ ବିଭାଗର ନୂଆ ଜାତୀୟ ପଶୁ ଗବେଷଣା ଏବଂ ପ୍ରୟୋଗଶାଳା କେନ୍ଦ୍ରର ଲୋକାର୍ପଣ କରିଛନ୍ତି। ଏଥିସହ ଶ୍ରୀ ପ୍ରଧାନ କ୍ୟାମ୍ପସ ପରିସରରେ 'ଏକ୍ ପେଡ୍ ମା' କେ ନାମ ୨.୦' ଅଭିଯାନରେ ଚାରାରୋପଣ କରିଛନ୍ତି।

# ଜାଲରେ ପଡ଼ିଲା ୨୫ କେଜିର ବୁଦ ମାଛ

**କଣ୍ଟାମାଳ,୧୨।୭(ସଂଚାର ବ୍ୟୁରୋ):** ଏଠାରେ ଜନୈକ ଧୀବରଙ୍କ ଜାଲରେ ୨୫ କିଲୋ ଓଜନର ଏକ ବୁଦ ମାଛ ପଡ଼ିଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ନିକଟ ତେଲ ନଦୀରୁ ଏହି ବୁଦ ମାଛଟିକୁ ଧରାଯାଇଛି। ଧୀବର ନଦୀରେ ମାଛ ମାରୁଥିବା ବେଳେ



ତାଙ୍କ ଜାଲରେ ପଡ଼ିଛି ଏହି ମାଛ। ତେବେ ଏହି ମାଛଟିକୁ ଦେଖିବା ସକାଶେ ସ୍ଥାନୀୟ ଲୋକମାନେ ଭିଡ଼ ଜମାଇଛନ୍ତି। ଗତ କିଛି ଦିନ ହେଲା ବର୍ଷା ଜାରି ରହିଥିବାରୁ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ଧୀବର ମାଛ ଧରୁଥିଲେ। ନଦୀରେ ଜାଲ ଟାଣୁଥିବା ବେଳେ ତାଙ୍କ ଜାଲରେ ଏହି ମାଛଟି ପଡ଼ିଥିବାରୁ ସେ ବେଶ୍ ଖୁସି ମଧ୍ୟ ହୋଇଛନ୍ତି।

# କୁଲାରିକୁଦ ଦ୍ୱୀପରେ ଫସିଛନ୍ତି ୮ ହାତୀ

### ଗତିବିଧି ଉପରେ ନଜର ରଖିଛି ବନ ବିଭାଗ

**ବୌଦ୍ଧ,୧୨।୭(ସଂଚାର ବ୍ୟୁରୋ):** ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ମହାନଦୀ ମଝିରେ ଥିବା ଦ୍ୱୀପପୁଞ୍ଜ କୁଲାରିକୁଦଠାରେ ୮ଟି ହାତୀ ଫସିରହିଛନ୍ତି। ଉକ୍ତ ହାତୀ ପଲରେ ଦୁଇଟି ଛୁଆ ହାତୀ ଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହାତୀମାନେ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ପଟୁ ପୂର୍ଣ୍ଣଗଭା ମହାନଦୀରେ ପହଁରି ବୌଦ୍ଧ ଆଡ଼କୁ ଆସୁଥିବା ସମୟରେ କୁଲାରିକୁଦରେ ପହଞ୍ଚିବା ପରେ ଆଉ ଆଗକୁ ଯାଇପାରିନାହାନ୍ତି। କୁଲାରିକୁଦର ଚାରିପଟେ ମହାନଦୀ ରହିଥିବା ବେଳେ ସେଠାରେ ଜଙ୍ଗଲ ଥିବାରୁ ହାତୀଙ୍କ ପାଇଁ ଖାଦ୍ୟ ସୁବିଧା ରହିଛି। ତେଣୁ ହାତୀମାନେ ସେଠାରେ ସୁରକ୍ଷିତ ଭାବରେ ଚଳପ୍ରଚଳ କରୁଥିବା ଜଣାପଡ଼ିଛି। ତେବେ ଏହି ହାତୀ ପଲ ବୌଦ୍ଧ ପଟକୁ ଆସିବାର ସମ୍ଭାବନା ଥିବାରୁ ବନ ବିଭାଗର କର୍ମଚାରୀମାନେ ଡେରା ପକାଇଛନ୍ତି। ବୌଦ୍ଧ ଏସିଏଫ୍ ଆଶିଷ କୁମାର କହଁର, ଫରେଷ୍ଟର ପ୍ରସନ୍ନ ପ୍ରଧାନ, ପ୍ରଦ୍ୟୁମ୍ନ ବାଘ, ମନ ରଞ୍ଜନ ନାୟକ ପ୍ରମୁଖ ମର୍ଜାକୁଦ ଲାଞ୍ଚିରେ ରହି ଡ୍ରୋନ୍ ସହାୟତାରେ ଉକ୍ତ ହାତୀମାନଙ୍କ ଗତିବିଧି ଉପରେ ନଜର ରଖିଥିବା ଜଣାପଡ଼ିଛି।



# ପଦୋନ୍ନତି ବିବାଦ, କୋର୍ଟମୁହାଁ କର୍ମଚାରୀ



**ଭୁବନେଶ୍ୱର, ୧୨।୭:** ପଦୋନ୍ନତି କ୍ଷେତ୍ରରେ ସଂରକ୍ଷିତ ବର୍ଗର ରାଜ୍ୟ ସରକାରୀ କର୍ମଚାରୀଙ୍କ ପ୍ରତି ବିଭିନ୍ନ ବିଭାଗ ଦୋମୁହାଁ ନୀତି ଅବଲମ୍ବନ କରୁଥିବାରୁ ଅଧିକାରୀମାନଙ୍କ ଭିତରେ ଅସନ୍ତୋଷ ଓ ବିଦ୍ୱେଷ ବଢ଼ୁଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବହୁ ମାମଲାରେ ବାରମ୍ବାର ସ୍ପଷ୍ଟ କରିଦେଇଛନ୍ତି ଯେ ଅଣ ସଂରକ୍ଷିତ ଆସନ କୌଣସି ନିର୍ଦ୍ଦିଷ୍ଟ ବର୍ଗଙ୍କ ପାଇଁ ସଂରକ୍ଷିତ ନୁହେଁ। ଜଣେ ସଂରକ୍ଷିତ ବର୍ଗର ବ୍ୟକ୍ତି ଅଣ ସଂରକ୍ଷିତ ଆସନରୁ ନିର୍ବାଚନ ଲଢ଼ିବପାରିବ ଅଥଚ ଅଣ ସଂରକ୍ଷିତ ପ୍ରାର୍ଥୀ ସଂରକ୍ଷିତ ଆସନରୁ ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ଦେଶର ଆଇନ୍ ସ୍ପଷ୍ଟ କରିଦେଇଛି।

ସେହିପରି ସଂରକ୍ଷିତ ହୁଅନ୍ତୁ କି ଅଣସଂରକ୍ଷିତ ବର୍ଗର ପ୍ରାର୍ଥୀ ହୁଅନ୍ତୁ ସେମାନେ ଶିକ୍ଷାନୁଷ୍ଠାନରେ ନାମାଙ୍କନ, ଚାକିରିରେ ପ୍ରତ୍ୟକ୍ଷ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଯୋଗ୍ୟତା, ଦକ୍ଷତା ଆଦି ଆଧାରରେ ପ୍ରଥମେ ଅଣସଂରକ୍ଷିତ ଆସନରେ ବସିବେ ଏବଂ ଅଣସଂରକ୍ଷିତ ଆସନଗୁଡ଼ିକ ପୂରା ହୋଇଯିବା ପରେ ସଂରକ୍ଷିତ ବର୍ଗର ପ୍ରାର୍ଥୀମାନଙ୍କୁ ସେମାନଙ୍କ ଯୋଗ୍ୟତା ଓ ଦକ୍ଷତା ଆଧାରରେ ସଂରକ୍ଷିତ ଆସନରେ ରଖାଯିବ। ପଦୋନ୍ନତି କ୍ଷେତ୍ରରେ ଯୋଗ୍ୟତା ଆଉ ଦକ୍ଷତା ସହ ବରିଷ୍ଠତାକୁ ମଧ୍ୟ ମାନଦଣ୍ଡ କରିବା ପାଇଁ ଆଇନଗତ ବ୍ୟବସ୍ଥା ରହିଛି। ଏ ସଂକ୍ରାନ୍ତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ପଷ୍ଟ ମାର୍ଗଦର୍ଶିକା ଥିବା ବେଳେ ରାଜ୍ୟରେ କିନ୍ତୁ ବହୁ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଘଟୁଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରେ ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଆଧାରରେ ଅଣସଂରକ୍ଷିତ ଆସନକୁ ପଦୋନ୍ନତି ଦେବା କ୍ଷେତ୍ରରେ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ଉପେକ୍ଷା କରାଯାଇଥିଲା। ଏ ସଂକ୍ରାନ୍ତରେ ଲଳିତ କୁମାର ନାଏକ ନାମକ ସଂରକ୍ଷିତ ବର୍ଗର କର୍ମଚାରୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏହି ମାମଲାର ରାୟ ଦେଇ ହାଇକୋର୍ଟ ଅଣସଂରକ୍ଷିତ ଆସନରେ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ପଦୋନ୍ନତି ଦିଆଯାଇପାରିବ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦେବା ପରିପ୍ରେକ୍ଷୀରେ ଏହାକୁ ଆଧାର କରି ଆଉ ଅନେକ ମାମଲାର ମଧ୍ୟ ଫଇସଲା ଅଦାଲତ କରିଛନ୍ତି। ତେବେ ପୂର୍ତ୍ତ, ନଗର ଉନ୍ନୟନ, ସ୍ୱାସ୍ଥ୍ୟ, ରାଜସ୍ୱ ସମେତ ବିଭିନ୍ନ ବିଭାଗରେ ଏବେ ବି ସଂରକ୍ଷିତ ବର୍ଗର କର୍ମଚାରୀଙ୍କୁ ଅଣସଂରକ୍ଷିତ ପଦବୀକୁ ପଦୋନ୍ନତି ଦିଆଯିବ କି ନାହିଁ, ସେନେଇ ବିବାଦ ସୃଷ୍ଟି ହେବା ଫଳରେ ଶହ ଶହ କର୍ମଚାରୀ ଅଦାଲତମୁହାଁ ହୋଇଛନ୍ତି। ଏଥିଯୋଗୁଁ ପଦୋନ୍ନତି କ୍ଷେତ୍ର ବାଧାପ୍ରାପ୍ତ ହେଉଥିବା ଘେନି ସରକାର ସ୍ୱୀକାର କରୁଛନ୍ତି। ତେବେ ଏହି ପ୍ରସଂଗର ନୀତିଗତ ସମାଧାନ ଲାଗି ବିଶେଷ ଗୁରୁତ୍ୱ ଦିଆଯିବା ଭଳି ମନେ ହେଉନାହିଁ।

ନିକଟରେ ପୂର୍ତ୍ତ ବିଭାଗ ୧୧୫ ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ଦେଇଛନ୍ତି। ଏଥିରେ ସଂରକ୍ଷିତ ବର୍ଗର ପ୍ରାର୍ଥୀମାନଙ୍କୁ ସେମାନଙ୍କ ଯୋଗ୍ୟତା, ଦକ୍ଷତା ଓ ବରିଷ୍ଠତା ଆଧାରରେ କେତେକ ଅଣ ସଂରକ୍ଷିତ ପଦବୀ ଦିଆଯାଇଛି। ଅଥଚ ସହକାରୀ ଯନ୍ତ୍ରୀ ପଦବୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ଦିଆଯିବା ବେଳେ ପୂର୍ତ୍ତ ବିଭାଗର କେତେକ ଅଧିକାରୀ ଅଯଥାରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାରୁ ପ୍ରାୟ ୩୦୦ ଯନ୍ତ୍ରୀ ପଦବୀ ପଦୋନ୍ନତି ଭିତ୍ତିରେ ପୂରଣ ହୋଇପାରୁ ନାହିଁ।

ଏଥିଲାଗି ୪ମାସ ତଳୁ ବିଭାଗୀୟ ପଦୋନ୍ନତି କମିଟି ସୁପାରିସ କରିସାରିଛନ୍ତି। ଆଇନ୍ ଅଦାଲତଙ୍କ କଟକଣା ଯୋଗୁଁ ପଦବୀ ପୂରଣ ହୋଇପାରୁ ନାହିଁ ବୋଲି କୁହାଯାଉଥିବା ବେଳେ ସରକାରଙ୍କ ପକ୍ଷରୁ ଅଦାଲତଙ୍କ ନିକଟରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରାଯାଉନଥିବାରୁ ମାମଲା ଗଡ଼ି ଚାଲୁଛି ବୋଲି ପଦୋନ୍ନତି କ୍ଷେତ୍ରରୁ ବଞ୍ଚିତ ଉଭୟ ସଂରକ୍ଷିତ ଓ ଅଣ ସଂରକ୍ଷିତ ବର୍ଗର ଅଧିକାରୀମାନେ ଖୋଲା ଅଭିଯୋଗ କରୁଛନ୍ତି। (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ବ୍ରହ୍ମପୁର, ରାଉରକେଲାରେ ଆଇଟି ଟାୱାର

## ଇଓଆଇ ଆହ୍ୱାନ କଲା ଇଡ୍‌କୋ

## ବ୍ରହ୍ମପୁରରେ ୧୩, ରାଉରକେଲାରେ ୯ ମହଲା





ଭୁବନେଶ୍ୱର, ୧୨ା୭: ସୂଚନା ପ୍ରଯୁକ୍ତି ବିକଳ୍ପରେ ଆଗରେ ରହିବା ଓ ଏହାର ଲାଭକୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପହଞ୍ଚାଇବା ଲକ୍ଷ୍ୟ ନେଇ ବ୍ରହ୍ମପୁର ଓ ରାଉରକେଲାରେ ଦୁଇଟି ଆଇଟି ଟାୱାର ସ୍ଥାପନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଘରୋଇ ସରକାରୀ ସହଭାଗିତା (ପିପିପି) ମୋଡ୍‌ରେ ଡିଜାଇନ୍, ନିର୍ମାଣ, ଫାଇନାନ୍ସ, ପରିଚାଳନା ଓ ସ୍ଥାନାନ୍ତର (ଡିବିଏଫ୍‌ଓଟି) ଆଧାରରେ ଏହି ଦୁଇ ଟାୱାର ବିକାଶ କରାଯିବ। ଏଥିପାଇଁ ଇଡ୍‌କୋ ପକ୍ଷରୁ ଆଗ୍ରହୀ ସଂସ୍ଥାମାନଙ୍କଠାରୁ ଏକ୍ସପ୍ରେସନ୍ ଅଫ୍ ଇଣ୍ଟ୍ରେଷ୍ଟ (ଇଓଆଇ) ଆହ୍ୱାନ କରାଯାଇଛି।

ସୂଚନା ଅନୁଯାୟୀ, ବ୍ରହ୍ମପୁରରେ ୧୩ ମହଲା ବିଶିଷ୍ଟ ଆଇଟି ଟାୱାର ସ୍ଥାପନ କରାଯିବ। ସେଥିରେ ବେସ୍‌ମେଣ୍ଟ ଓ ଗ୍ରାଉଣ୍ଡ୍ ଫ୍ଲୋର୍ ସହ ୧୧ ମହଲା ରହିବ। ରାଉରକେଲାରେ ସ୍ଥାପନ କରାଯିବାକୁ ଥିବା ଆଇଟି ଟାୱାର୍ ୯ ମସଲା ବିଶିଷ୍ଟ ହେବ। ସେଥିରେ ମଧ ବେସ୍‌ମେଣ୍ଟ୍ ଓ ଗ୍ରାଉଣ୍ଡ୍ ଫ୍ଲୋର୍ ସହ ୧୧ ମହଲା କୋଠା ରହିବ। ଭାରତ ସରକାରଙ୍କ ଜାତୀୟ ବିନିର୍ମାଣ ନୀତି ଅଧୀନରେ ଜାତୀୟ ନିବେଶ ବିନିର୍ମାଣ ଜୋନ୍ ଭାବେ ଆଇଟି ଟାୱାର୍‌ଗୁଡ଼ିକୁ ବିକାଶ କରାଯିବ। ଏହି ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ଶିଳ୍ପନୀତି ଓ ପ୍ରସାର ବିଭାଗ ଅନୁମୋଦନ ପ୍ରଦାନ କରିଛି।

ବ୍ରହ୍ମପୁରରେ ଏସ୍‌ଟିପିଆଇ ଓ ଜାତୀୟ ରାଜପଥ ୫୯ ନିକଟରେ ନୂଆ ଆଇଟି ଟାୱାର ସ୍ଥାପନ କରାଯିବ। ସେଥିପାଇଁ ଇଡ୍‌କୋ ପକ୍ଷରୁ ୩.୭୩ ଏକର ଜମି ଚିହ୍ନଟ କରାଯାଇଛି। ରାଉରକେଲାରେ ସ୍ଥାପନ କରାଯିବାକୁ ଥିବା ଆଇଟି ଟାୱାର୍‌କୁ ରିଙ୍ଗ୍ ରୋଡ୍ ଓ ଏନ୍‌୩୨୦ଡି ପାଖାପାଖି ସ୍ଥାପନ କରାଯିବ। ସେଥିପାଇଁ ରିଙ୍ଗ ରୋଡ୍ ପାଖରେ ଇଡ୍‌କୋ ପକ୍ଷରୁ ୨.୯୦ ଏକର ଜମି ଚିହ୍ନଟ କରାଯାଇଛି। ଆଇଟି, ଷ୍ଟାର୍ଟଅପ୍, ବହୁଦେଶୀୟ କମ୍ପାନି, କର୍ପୋରେଟ୍ ସଂସ୍ଥା ଓ ବାଣିଜ୍ୟିକ ସଂସ୍ଥାର ଆବଶ୍ୟକତାକୁ ନଜରରେ ରଖି ଏହି ଟାୱାର ବିକାଶ କରାଯିବ। ସେଥିରେ ପାର୍କିଂ, ଅଫିସ ସ୍ଥାନ, ଡାଟା ସେଣ୍ଟର୍ ଓ ସର୍ଭର୍ କୋଠରି ରହିବ। ଉଭୟ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ନୀତିଗତ ଅନୁମୋଦନ ମିଳିଛି।

# ଡିଜିଟାଲ୍ ପେମେଣ୍ଟରେ ଭାରତ ଆଗରେ




ନୂଆଦିଲ୍ଲୀ, ୧୨ା୭: ଦ୍ରୁତ ଗତିରେ ଡିଜିଟାଲ୍ ପେମେଣ୍ଟ କରିବାରେ ବିଶ୍ୱର ଅନ୍ୟ ସବୁ ଦେଶକୁ ଭାରତ ପଛରେ ପକାଇ ଶୀର୍ଷ ସ୍ଥାନ ହାସଲ କରିଛି। ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ବଳରେ ଭାରତ ଏହି ଉପଲବ୍ଧି ହାସଲ କରିଛି। ଏଥି ସହିତ ଦେଶରେ ଡେବିଟ୍ କାର୍ଡ ଓ କ୍ରେଡିଟ୍ କାର୍ଡ ବ୍ୟବହାର କମ୍ ହୋଇଥିବା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍ ) କହିଛି। ଫୋନ୍‌ପେ, ଗୁଗୁଲ୍‌ପେ ଆଦିରେ ହେଉଥିବା ପେମେଣ୍ଟଗୁଡ଼ିକ ହେଉଛି ୟୁପିଆଇ ପେମେଣ୍ଟ। ଏହି ସୁବିଧା ଦେଶର ଗଳିକନ୍ଦି ଦୋକାନରେ ଉପଲବ୍ଧ ରହିଛି। ମୋବାଇଲ୍ ଫୋନ୍ ଜରିଆରେ କ୍ୟୁଆର୍ କୋଡ୍ ସ୍କାନ୍ କରି ଏହି ପେମେଣ୍ଟ ହେଉଥିବା ବେଳେ ମୋବାଇଲ୍ ନମ୍ବରକୁ ମଧ ଟଙ୍କା ପଠାଇହେଉଛି। ୨୦୧୬ରେ ୟୁପିଆଇ ଆରମ୍ଭ ହେବା ପରଠାରୁ ତାହାର ଗ୍ରହଣୀୟତା ବଢ଼ିବା ସହ ନଗଦ ରାଶିର ବ୍ୟବହାର କମ୍ ହେବାରେ ଲାଗିଛି। ପ୍ରତି ମାସରେ ୧୮୦୦ କୋଟିରୁ ଅଧିକ ୟୁପିଆଇ କାରବାର ହେଉଛି। ଅନ୍ୟ ଯେକୌଣସି ପ୍ରକାର ଇଲେକ୍ଟ୍ରୋନିକ୍ସ ପେମେଣ୍ଟଠାରୁ ୟୁପିଆଇ ଆଗରେ ରହିଥିବା ଆଇଏମ୍‌ଏଫ୍ କହିଛି। ୟୁପିଆଇ ଖୋଲା ଓ ଇଣ୍ଟରଅପରେବଲ୍ ହୋଇଥିବାରୁ ତାହା ସଫଳ ହୋଇଥିବା ଆଇଏମ୍‌ଏଫ୍ କହିଛି। ବିଭିନ୍ନ ସେବା ପ୍ରଦାନକାରୀ ସେହି ସୁବିଧା ବ୍ୟବହାର କରିପାରୁଛନ୍ତି। ଡିଜିଟାଲ୍ ପେମେଣ୍ଟର ଆଉ ଏକ ସୁବିଧା ହେଉଛି ଏଥିରେ କାରବାରର ରେକର୍ଡ ରଖାଯାଇପାରୁଛି, ଯାହା ନଗଦ କାରବାରରେ ସମ୍ଭବ ହେଉନାହିଁ। ଦ୍ରୁତ ଡିଜିଟାଲ୍ ପେମେଣ୍ଟ ପାଇଁ ଦେଶର ପ୍ରତିଟି ଜିଲ୍ଲାରେ ଏଟିଏମ୍‌ରୁ ଟଙ୍କା ଉଠାଣ କମ୍ ହେବାରେ ଲାଗିଛି। ତେବେ ୟୁପିଆଇ ଦ୍ରୁତ ଗତିରେ ସମ୍ପ୍ରସାରିତ ହେଉଥିବାରୁ ଏହା ଉପରେ ତୀକ୍ଷ୍ଣ ନଜର ରଖିବାକୁ ଆଇଏମ୍‌ଏଫ୍ ନୀତି ନିର୍ଧାରକମାନଙ୍କୁ ପରାମର୍ଶ ଦେଇଛି। ଏହା ପ୍ରତି ଥିବା ବିପଦକୁ ଚିହ୍ନଟ କରିବା ପ୍ରତି ସମାଜ ରହିବାକୁ ଏବଂ କୌଣସି ନିର୍ଦ୍ଦିଷ୍ଟ ସଂସ୍ଥାର ଆଧିପତ୍ୟ ରୋକିବା ଲାଗି ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

# ତନିସ୍କରେ ଫେଷ୍ଟିଭାଲ୍ ଅଫ୍ ଡାଏମଣ୍ଡସ




ଭୁବନେଶ୍ୱର, ୧୨ା୭: ତନିସ୍କ ପକ୍ଷରୁ ଫେଷ୍ଟିଭାଲ୍ ଅଫ୍ ଡାଏମଣ୍ଡ୍‌ସ-ସ୍ପାର୍କଲ୍ ୟୋର୍ ୱେ ୨୦୨୫ ସଂସ୍କରଣ ଘୋଷଣା କରାଯାଇଛି। ଏଥିରେ ମାତ୍ର ୧୫ ହଜାର ଟଙ୍କାରୁ ଆରମ୍ଭ ହେଉଥିବା ହୀରା ଗହଣା ରହିଛି। ଏଥି ସହିତ ତନିସ୍କ ପକ୍ଷରୁ ହୀରା ଗହଣା ଏମ୍‌ଆର୍‌ପି ଉପରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ଆସନ୍ତା ଅଗଷ୍ଟ ୨୫ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଉତ୍ସବରେ ମୁଦି, କାନଫୁଲ, ନେକ୍‌ଲେସ୍, ବ୍ରେସ୍‌ଲେଟ୍ ଆଦିର ୧୦ ହଜାରରୁ ଅଧିକ ଷ୍ଟାଇଲ୍ ରହିଛି। ଦୈନନ୍ଦୀନ ପରିଧାନଠାରୁ ଆରମ୍ଭ କରି ଷ୍ଟେଟ୍‌ମେଣ୍ଟ୍ ଗହଣା ପର୍ଯ୍ୟନ୍ତ ଅନେକ କିଛି ଏଥିରେ ରହିଛି। ତନିସ୍କରଏହି ହୀରା ସମ୍ଭାର ମହିଳାମାନଙ୍କ ବ୍ୟକ୍ତିଗତ ପସନ୍ଦ ସହ ଜଡ଼ିତ।

# ୧୫ରେ ଖୋଲିବ ଟେସ୍‌ଲାର ପ୍ରଥମ ସୋ’ରୁମ୍

ନୂଆଦିଲ୍ଲୀ,୧୨ା୭: ଏଲନ୍ ମସ୍କଙ୍କ ଇ-ଯାନ କମ୍ପାନି ଟେସ୍‌ଲା ଜୁଲାଇ ୧୫ରେ ଭାରତରେ ଏହାର ପ୍ରଥମ ଷ୍ଟୋର ଆରମ୍ଭ କରିବାକୁ ଯାଉଛି। ଏ ଷ୍ଟୋର ମୁମ୍ବାଇରେ ଖୋଲିବ ଏବଂ ଲୋକଙ୍କ ପାଇଁ ଏହା ଏକ ଏକ୍ସପେରିଏନ୍ସ ଷ୍ଟୋର ଭାବେ କାର୍ଯ୍ୟ କରିବ। ଅର୍ଥାତ୍ ଏଠାରେ କେବଳ ଗାଡ଼ି ବିକ୍ରି କରାଯିବ ନାହିଁ ତା’ସହିତ ଲୋକେ ଟେସ୍‌ଲାର ଟେକ୍ନୋଲୋଜି ଏବଂ ଫିଚର୍‌କୁ ମଧ ଅତି ନିକଟରୁ ଦେଖିପାରିବେ। ଏକ ଗଣମାଧମ ସୂତ୍ରରୁ ଏହା ଜଣାପଡ଼ିଛି। କମ୍ପାନି ନିକଟରେ ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ୪,୦୦୦ ବର୍ଗ ଫୁଟ୍‌ର ରିଟେଲ୍ ସ୍ପେସ୍ ପାଇଁ ଲିଜ୍ ସ୍ୱାକ୍ଷର କରିଥିଲା। ଏହା ସହରସ୍ଥିତ ଆପଲ୍‌ର ଫ୍ଲାଗ୍‌ସିପ୍ ଷ୍ଟୋର ପାଖରେ ରହିଛି। ପ୍ରଥମ ପର୍ଯ୍ୟାୟରେ ଟେସ୍‌ଲା ଏହାର ମଡେଲ୍ ୱାଇ ଏସ୍‌ୟୁଭିକୁ ଆଣୁଛି, ଯାହାକୁ ସାଂଘାଇ ଫ୍ୟାକ୍ଟ୍ରିରୁ ଆମଦାନି କରାଯାଇଛି। ଭାରତରେ ଏହାର ମୂଲ୍ୟ ପାଖାପାଖି ୪୮ ଲକ୍ଷ ଟଙ୍କା ରହିପାରେ। ବ୍ଲୁମ୍‌ବର୍ଗର ଏକ ରିପୋର୍ଟ ଅନୁସାରେ, ଚୀନ୍‌ର ସାଂଘାଇ ଫ୍ୟାକ୍ଟ୍ରିରୁ ୫ଟି ମଡେଲ ୱାଇ ଗାଡ଼ି ପୂର୍ବରୁ ମୁମ୍ବାଇର ଟେସ୍‌ଲା ସୋ’ରୁମ୍‌ରେ ପହଞ୍ଚିସାରିଛି। ଟେସ୍‌ଲାର ଏହି ଗାଡ଼ିଗୁଡ଼ିକର ମୂଲ୍ୟ ୨୭.୭ ଲକ୍ଷ ଟଙ୍କା ଏବଂ ଏହା ଉପରେ ୨୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଆମଦାନି ଶୁଳ୍କ ଲଗାଯିବା ପରେ ଦର ୪୮ ଲକ୍ଷ ହୋଇଯିବ।




ଏହି ଟିକସ ଭାରତର ଉକ୍ତ ୭୦% ଟିକସ ହିସାବରେ ଲାଗୁ ହେବ, ଯାହା ୪୦,୦୦୦ ଡଲାରରୁ କମ୍ ମୂଲ୍ୟର ଆମଦାନି ହେଉଥିବା ଗାଡ଼ିଗୁଡ଼ିକ ଉପରେ ଲାଗିଥାଏ। ଏଥିରେ ଅତିରିକ୍ତ ଶୁଳ୍କ ବି ସାମିଲ ଅଛି। ନିକଟରେ ଭାରତରେ ନିଜର ନେତୃତ୍ୱ ପରିବର୍ତ୍ତନ ସତ୍ତ୍ୱେ ଟେସ୍‌ଲା ଏହାର ଯୋଜନା ଅନୁସାରେ ଗାଡ଼ିର ଲଞ୍ଚିଂ ନେଇ ଆଗକୁ ଅଗ୍ରସର ହେଉଛି। କମ୍ପାନିର ଭାରତ ମୁଖ୍ୟ ପ୍ରଶାନ୍ତ ମେନନ ୯ ବର୍ଷର ସେବା ପରେ ଗତ ମାସ ଇସ୍ତଫା ଦେଇଛନ୍ତି। ବ୍ଲୁମ୍‌ବର୍ଗ ଅନୁସାରେ, ବର୍ତ୍ତମାନ ଟେସ୍‌ଲାର ଚୀନ୍‌ସ୍ଥିତ ଟିମ୍ ଭାରତୀୟ କାରବାରକୁ ପରିଚାଳନା କରୁଛି ଏବଂ ଏଯାବତ୍ କୌଣସି ନୂଆ ଉତ୍ତରାଧିକାରୀ ନିଯୁକ୍ତ ହୋଇନାହାନ୍ତି। କମ୍ପାନିର ମଡେଲ ୱାଇ ବିଶ୍ୱର ବିକ୍ରିବହୁଳ ଇଲେକ୍ଟ୍ରିକ୍ କାର। ଏହା ଭାରତୀୟ ଗ୍ରାହକଙ୍କୁ ପସନ୍ଦ ଆସିପାରେ। କମ୍ପାନି ଆମେରିକା, ଚୀନ୍ ଏବଂ ନେଦର୍‌ଲାଣ୍ଡ୍‌ରୁ ସୁପର୍‌ଚାର୍ଜର କମ୍ପୋନେଣ୍ଟ, କାର୍ ଆସେସରିଜ୍, ମର୍ଚ୍ଚାଣ୍ଡାଇଜ୍ ଏବଂ ସ୍ପେୟାର୍ ପାର୍ଟସ ଆମଦାନି କରିଛି। ଟେସ୍‌ଲା ଭାରତ ଆସିବାର ପ୍ରମୁଖ କାରଣ ହେଉଛି ଭାରତ ବିଶ୍ୱର ତୃତୀୟ ବୃହତ୍ ଅଟୋମୋବାଇଲ ବଜାର। କମ୍ପାନିକୁ ୟୁରୋପ ଏବଂ ଚୀନ୍‌ରେ ବିକ୍ରି ହ୍ରାସର ସାମ୍ନା କରିବାକୁ ପଡ଼ିଥିବାବେଳେ ଭାରତ ଏହା ପାଇଁ ଏକ ବଡ଼ ସୁଯୋଗ ସାବ୍ୟସ୍ତ ହୋଇପାରେ।

# ୨୦୦୦ ଟଙ୍କିଆ ଲିଗାଲ୍ ଟେଣ୍ଡର: ରିଜର୍ଭ ବ୍ୟାଙ୍କ

ନୂଆଦିଲ୍ଲୀ, ୧୨ା୭: ଦୁଇ ହଜାର ଟଙ୍କିଆକୁ ଯଦିକୁ ବଜାରରୁ ପ୍ରତ୍ୟାହାର କରାଯାଇଛି, କିନ୍ତୁ ତାହା ଲିଗାଲ୍ ଟେଣ୍ଡର ହୋଇରହିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା କହିଛନ୍ତି। ଫାଇନାନ୍ସ ସମ୍ପର୍କିତ ଷ୍ଟାଣ୍ଡିଂ କମିଟିକୁ ସେ ଏହି ସୂଚନା ଦେଇଛନ୍ତି। ବୈଠକରେ ସାଂସଦମାନେ ଦୁଇ ହଜାର ଟଙ୍କିଆର ସ୍ଥିତିକୁ ନେଇ ଆପତ୍ତି ଉଠାଇଥିଲେ। ରିଜର୍ଭ ବ୍ୟାଙ୍କ ପ୍ରତ୍ୟାହାର କରିବା ବେଳେ ବଜାରରେ ୩.୫ ଲକ୍ଷ କୋଟି ଟଙ୍କାର ୨୦୦୦ ଟଙ୍କିଆ ନୋଟ୍ ଥିଲା। ଏବେବି ୬୦୯୯ କୋଟି ଟଙ୍କାର ଦୁଇ ହଜାର ଟଙ୍କିଆ ଫେରିନାହିଁ।

# ମେ’ରେ ରାଜ୍ୟରେ ଜିଓ ଯୋଡ଼ିଛି ସର୍ବାଧିକ ୧.୫୪ ଲକ୍ଷ ନୂତନ ମୋବାଇଲ୍ ଗ୍ରାହକ

ଭୁବନେଶ୍ୱର, ୧୨ା୭: ଓଡ଼ିଶାରେ ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ମେ ମାସରେ ରାଜ୍ୟରେ ସର୍ବାଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ମେ ମାସରେ ଓଡ଼ିଶାରେ ୧.୫୪ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଗ୍ରାହକ ଯୋଡ଼ିଛି। ମେ ମାସରେ ଓଡ଼ିଶାରେ ଯୋଡ଼ି ହୋଇଥିବା ମୋଟ ନୂତନ ମୋବାଇଲ୍ ଗ୍ରାହକଙ୍କ ମଧ୍ୟରୁ ୯୧ ପ୍ରତିଶତରୁ ଅଧିକ ଜିଓ ନେଟୱାର୍କରେ ସାମିଲ ହୋଇଛନ୍ତି। ଏଥି ସହିତ, ଓଡ଼ିଶାରେ ଜିଓ ନେଟୱାର୍କରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ମେ ମାସ ଶେଷ ସୁଦ୍ଧା ୧.୬୨ କୋଟି ଅତିକ୍ରମ କରିଛି। ଜିଓ ଓଡ଼ିଶାରେ ୪୬ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଛି। ଅନ୍ୟ ଅପରେଟରମାନଙ୍କ ମଧ୍ୟରେ ଭୋଡାଫୋନ ଆଇଡିଆ ମେ ମାସରେ ରାଜ୍ୟରେ ୧୮୮୪୨ ନୂତନ ମୋବାଇଲ୍ ଗ୍ରାହକ ଯୋଡିଥିବାବେଳେ ଏହା ପଛକୁ ଏୟାରଟେଲ୍ ମାତ୍ର ୩୬୯୩ ମୋବାଇଲ୍ ଗ୍ରାହକ ଯୋଡିଛି। ବିଏସଏନଏଲ ଏହି ମାସରେ ୮୦୦୦ ରୁ ଅଧିକ ମୋବାଇଲ୍ ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ତଥ୍ୟ ଅନୁଯାୟୀ, ଓଡ଼ିଶାରେ ମେ ମାସରେ ୧.୬୮ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଯୋଡିହେବା ସହିତ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକଙ୍କ ସଂଖ୍ୟା ୩୧ ମେ, ୨୦୨୫ ସୁଦ୍ଧା ୩.୫୨ କୋଟି ଅତିକ୍ରମ କରିଛି।

# ହ୍ୟାଣ୍ଡଲୁମ ହାଟରେ ୫ ଖଣି ଜିଲ୍ଲାର ଏସ୍‌ଏଚ୍‌ଜି ଉତ୍ପାଦ

ନୂଆଦିଲ୍ଲୀ, ୧୨ା୭: ଓଡିଶାର ୫ ଖଣି ପ୍ରଭାବିତ ଜିଲ୍ଲାର ଏସ୍‌ଏଚ୍‌ଜି ଗୋଷ୍ଠୀମାନଙ୍କ ତିଆରି ଉତ୍ପାଦଗୁଡିକୁ ଜନପଥର ହ୍ୟାଣ୍ଡଲୁମ ହାଟରେ ପ୍ରଦର୍ଶିତ କରାଯାଇଛି। ଜିଲ୍ଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ସହଯୋଗରେ ଏସ୍‌ଏଚ୍‌ଜିଗୁଡ଼ିକ ଏହି ଉତ୍ପାଦ ପ୍ରସ୍ତୁତ କରିଛନ୍ତି। ଖଣି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜନ କରାଯାଇଥିବା ଏହି ପ୍ରଦର୍ଶନୀରେ ଅନୁଗୁଳ, ଝାରସୁଗୁଡା, ଯାଜପୁର, ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାର ଉତ୍ପାଦଗୁଡିକୁ ସାମିଲ କରାଯାଇଛି। ମାୟା ତୁଳସୟାନଙ୍କ ନେତୃତ୍ୱରେ ଅନୁଗୁଳ ଜିଲ୍ଲାର ଛେଣ୍ଡିପଦାର ଶଂଖଜ୍ୟୋତି ଏସ୍‌ଏଚ୍‌ଜି, ସଂଯୁକ୍ତା ସାହୁଙ୍କ ତତ୍ତ୍ୱାବଧାନରେ କେନ୍ଦୁଝର ଜିଲ୍ଲାର ଜଘିଂରା ,ହରିଚନ୍ଦନପୁରର ସୂର୍ଯ୍ୟୋଦୟ ଏସ୍‌ଏଚ୍‌ଜି, ଦୁର୍ଗା ପ୍ରସାଦ ପତିଙ୍କ ତତ୍ତ୍ୱାବଧାନରେ ଯାଜପୁରର ପିତାମ୍ବରି ଏସ୍‌ଏଚ୍‌ଜି, ରାଜଲକ୍ଷ୍ମୀ ଦାସଙ୍କ ତତ୍ତ୍ୱାବଧାନରେ ସୁନ୍ଦରଗଡ଼ର ଧନଲକ୍ଷ୍ମୀ ଏସ୍‌ଏଚ୍‌ଜି ଏବଂ କ୍ରିଷ୍ଣା ତିୱାରୀଙ୍କ ତତ୍ତ୍ୱାବଧାନରେ ଝାରସୁଗୁଡାର ସୃଷ୍ଟି ଓ ମା ମାହେଶ୍ୱରୀ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ସ୍ୱତନ୍ତ୍ର ଷ୍ଟଲ୍ ସ୍ଥାପନ କରାଯାଇଛି। ସେମାନେ କୁକିଜ, ଲଡୁ, ଭୂଜିଆ, ବିସ୍କୁଟ, କେକ୍, ହସ୍ତତନ୍ତ୍ର ସାମଗ୍ରୀ ପ୍ରଦର୍ଶନ କରିଛନ୍ତି। ମାଣ୍ଡିଆରୁ ପ୍ରସ୍ତୁତ ଉତ୍ପାଦକୁ ଲୋକମାନେ ବେଶ୍ ପସନ୍ଦ କରୁଛନ୍ତି।

# ଟାଟା ମୋଟର୍ସର ନୂଆ ଇଭି ସୋ’ରୁମ୍

ଭୁବନେଶ୍ୱର, ୧୨ା୭: ଡିଅନ୍ ଅଟୋମୋଟିଭ୍ ପକ୍ଷରୁ ସାମନ୍ତରାପୁରଠାରେ ଟାଟା ମୋଟର୍ସର ସ୍ୱତନ୍ତ୍ର ଇଭି ସୋ’ରୁମ୍ ଖୋଲାଯାଇଛି। ଏହି ସୋ’ରୁମ୍ ୩୦୦୦ ବର୍ଗଫୁଟରେ ବ୍ୟାପୀଥିବା ବେଳେ ସେଥିରେ ଟିଆଗୋ ଇଭି, ଟିଗୋର ଇଭି, ପଞ୍ଚ ଇଭି, ନେକ୍ସନ ଇଭି ଓ କର୍ଭ ଇଭି ଉପଲବ୍ଧ ରହିଛି। ଭୁବନେଶ୍ୱର, କଟକ ଓ ପୁରୀର ଗ୍ରାହକମାନେ ଗୋଟିଏ ଛାତ ତଳେ ଟାଟା ମୋଟର୍ସର ସମ୍ପୂର୍ଣ୍ଣ ଇଭି ଉତ୍ପାଦ ବର୍ଗମାଳାକୁ ପାଇପାରିବେ। ନିକଟରେ ଉନ୍ମୋଚନ ହୋଇଥିବା ମଡେଲ୍‌ଗୁଡ଼ିକ ପାଇଁ ଏହି ଡିଲର୍‌ସିପ୍ ଉତ୍ସାହଜନ ବୁକିଂ ହାସଲ କରିଛି। ଏହା ହେଉଛି ଏକମାତ୍ର ଡିଲର୍‌ସିପ୍, ଯେଉଁଠାରେ ଗ୍ରାହକମାନେ ଟାଟା ମୋଟର୍ସର ପେଟ୍ରୋଲ, ଡିଜେଲ୍, ସିଏନ୍‌ଜିରେ ଚାଲୁଥିବା ଏବଂ ଇଲେକ୍ଟ୍ରିକ୍ ମଡେଲ୍ ପାଇପାରିବେ। ନୂଆ ସୋ’ରୁମ୍‌କୁ ଟାଟା ମୋଟର୍ସର ଜୋନାଲ୍ ମ୍ୟାନେଜର ଜୟଦୀପ ଗୁପ୍ତେ, ଆଞ୍ଚଳିକ ପ୍ରବନ୍ଧକ ମହମ୍ମଦ ସୋଏବ, ଆଞ୍ଚଳିକ ଡିଲର ଡେଭେଲମେଣ୍ଟ ପ୍ରବନ୍ଧକ ରାମମୋହନ, ଟେରିଟୋରି ସେଲ୍‌ସ ମ୍ୟାନେଜର ଶୈଳେଶ ରାଏ, ଡିଲର୍‌ସିପ୍ ପ୍ରିନ୍‌ସିପାଲ୍ ସୁରେଶ ଚନ୍ଦ୍ର ସାହୁ ଓ ଡିଅନ୍ ଗ୍ରୁପ୍‌ର ଅଧ୍ୟକ୍ଷ ମନୋଜ କୁମାର ସାହୁଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ଶ୍ରୀ ସାହୁ କହିଥିଲେ ଯେ ଟାଟା ମୋଟର୍ସ ପକ୍ଷରୁ ଦାୟିତ୍ୱ ଦିଆଯାଇଥିବା ଅଞ୍ଚଳଗୁଡ଼ିକର କୋଣ ଅନୁକୋଣରେ ବିଶ୍ୱ ଶ୍ରେଣୀର ସେବା ଓ ଗ୍ରାହକ ସନ୍ତୁଷ୍ଟି ସହ ପରିବହନ ସୁବିଧା ପହଞ୍ଚାଇବାକୁ ଆମେ ପ୍ରତିବଦ୍ଧ ରହିଛୁ। ସୋ’ରୁମ୍‌ରେ ଗ୍ରାହକମାନେ ବିଭିନ୍ନ ମଡେଲ୍‌ର ଆସେସୋରିଜ୍ ପାଇପାରିବେ। ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ଏହା ଦ୍ୱିତୀୟ ୱାର୍କସପ୍ ଖୋଲିବାକୁ ଯାଉଛି।





ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା, ୯୯, ୭୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୪୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯, ୭୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୪୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯, ୭୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯, ୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯,୮୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ୫୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯, ୭୧୦ ଓ ୯୧ ହଜାର ୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୫ , ୦୦୦ ଟଙ୍କା ହୋଇଛି।



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ପଇସା ରହିଛି।

# ସାର୍ବଜନୀନ ହେଉନାହିଁ ସିସିଟିଭି ଫୁଟେଜ

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କୁ ଆକ୍ରମଣ

- ସାମ୍ବାଦିକଙ୍କୁ ଡ଼ାକିଲେ, ସିସିଟିଭି ଫୁଟେଜ ଦେଲେନି
- ପୋଲିସ ଆସିଲା, କିନ୍ତୁ ଅଭିଯୋଗ ଦିଆଗଲା ନାହିଁ
- କଥା କଥାକେ ମୋଡ଼ ବଦଳିଲା

**ବିଞ୍ଝାରପୁର, ୧୨।୭ (ସଂଚାର ବ୍ୟୁରୋ):** ଚାରି ଦିନ ତଳେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଡା଼ଃ ହୃଦାନନ୍ଦ ଦାସଙ୍କୁ କାର୍ଯ୍ୟରତ ଅବସ୍ଥାରେ ଆକ୍ରମଣ କରାଯାଇଥିବା ଅଭିଯୋଗ ଆସିଥିଲା। ଏ ନେଇ ପୋଲିସ କୁ ଖବର ମଧ ଦିଆଯାଇଥିଲା। କିନ୍ତୁ ଘଟଣାର କିଛି ଘଣ୍ଟା ନପୁରଣୁ ଆରମ୍ଭ ହୋଇ ଯାଇଥିଲା ମିଲି ଭଗତ ରାଜନୀତି। ଖୋଦ୍ ମେଡ଼ିକାଲ ଅଫିସର୍ କ୍ଷତିସ୍ ନାୟକ କାର୍ଯ୍ୟରତ ଡାକ୍ତରଙ୍କୁ ଆକ୍ରମଣ ଘଟଣାକୁ ପ୍ରକାଶ ଏବଂ ପ୍ରସାରଣ ପାଇଁ ସାମ୍ବାଦିକଙ୍କୁ ଜଣାଇଥିଲେ, ସାମ୍ବାଦିକ ମାନେ ମେଡ଼ିକାଲକୁ ମଧ ଯାଇଥିଲେ କିନ୍ତୁ ସାମ୍ବାଦିକଙ୍କୁ ଡାକି ମେଡ଼ିକାଲ ରେ ଦେଖା ଦେଇନଥିଲେ। ପୋଲିସକୁ ଖବର ଦିଆଯାଇଥିଲେ ମଧ ଅଭିଯୋଗ କରାଯାଇନଥିଲା। ସାମ୍ବାଦିକ ମାନେ ସିସିଟିଭି ଫୁଟେଜ ପ୍ରସାରଣ ପାଇଁ ମାଗିଥିଲେ ମଧ ମେଡ଼ିକାଲ ଅଫିସର୍ କଥା ବଦଳାଇଥିଲେ। କୁହା ଯାଉଛି କାଳେ କେଉଁ ଅଦୃଶ୍ୟ ଶକ୍ତିର ପ୍ରଭାବରେ ମେଡ଼ିକାଲ ଅଫିସର୍ ବେଶ ପ୍ରଭାବିତ ହୋଇ ଘଟଣା କୁ ରଫା ଦଫା କରିଦେଲେ। ଘଟଣାରେ ସଂପୃକ୍ତ ଥିବା ସମସ୍ତଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ହେବ କହୁଥିବା ଡ଼ାକ୍ତର ମାନେ ଏକା ବେଳକେ ଚୁପ୍ ହୋଇଯିବାକୁ ନେଇ ଏବେ ବୁଦ୍ଧିଜୀବି ମହଲରେ ଅସନ୍ତୋଷ ଦେଖା ଦେଇଛି। ମେଡିକାଲ ଅଫିସର୍ ଆକ୍ରମଣ ହୋଇଥିବା ଘଟଣା ସ୍ଥଳର ସିସିଟିଭି ଫୁଟେଜକୁ କାହିଁକି ସାମ୍ବାଦିକ ମାନଙ୍କୁ ଦେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି ତାକୁ ନେଇ ଉଠିଛି ପ୍ରଶ୍ନ। ସ୍ପଷ୍ଟ ସିସିଟିଭି ଫୁଟେଜରେ ଘଟଣାର ସବୁ




କିଛି କଏଦ ହୋଇଥିବା କୁହାଯାଉଥିବା ବେଳେ ସିସିଟିଭି ଫୁଟେଜ ସାର୍ବଜନୀନ ନହେବା କିଛି ଭିନ୍ନ କଥା ଦର୍ଶାଉ ନାହିଁକି? ସତ୍ୟାସତ୍ୟ ପରିବେଷଣ ପାଇଁ ସାମ୍ବାଦିକଙ୍କୁ ଡାକିଥିବା କର୍ତ୍ତୃପକ୍ଷ କାହିଁକି ଯେ ଏବେ ସତ୍ୟାସତ୍ୟ ଉନ୍ମୋଚନ କରିବା ପାଇଁ ପଛ ଘୁଂଚା ଦେଉଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି।



### ସାଧା ପୋଷାକ ପୁଲିସ୍ ପାଇଁ ପଡ଼ିଲା ମହଙ୍ଗା

## କନ୍ଧମାଳରେ ନିର୍ଦ୍ଧୁମ ଛେଚା ଖାଇଲେ କଳାହାଣ୍ଡି ପୁଲିସ

**ଫୁଲବାଣୀ, ୧୨।୭ (ସଂଚାର ବ୍ୟୁରୋ):** ସାଧା ପୋଷାକରେ ଗଞ୍ଜେଇ ବେପାରୀଙ୍କୁ ଧରିବାକୁ ଆସୁଥିବା ପୁଲିସକୁ ପଡ଼ିଲା ମହଙ୍ଗା। କନ୍ଧମାଳରେ ନିର୍ଦ୍ଧୁମ ଛେଚା ଖାଇଲେ କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ପୁଲିସ। ଜୁନାଗଡ଼ ପୁଲିସକୁ ପରିଚୟ ନ ଦେଇ ଚଢ଼ାଉ କରିବା ପଡ଼ିଲା ମହଙ୍ଗା। ଚୋର ବୋଲି ଭାବି କଳାହାଣ୍ଡି ପୁଲିସକୁ ଆକ୍ରମଣ କଲେ ଗ୍ରାମବାସୀ। ବାଲିଗୁଡ଼ା ଥାନା ଅନ୍ତର୍ଗତ ପରମପାଙ୍ଗା ପଞ୍ଚାୟତର ଡୁଙ୍ଗେରି ଗାଁରେ ଘଟିଛି ଅଘଟଣ। ଅଭିଯୁକ୍ତକୁ ଧରିବା ପାଇଁ ଯାଇ ଆକ୍ରୋଶର ଶିକାର ହେଲେ ଜୁନାଗଡ଼ ପୁଲିସ। ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ପନ୍ଦରମାଇଲ ଟୋଲ ଗେଟ୍ ନିକଟରେ ଜୁନାଗଡ଼ ପୁଲିସକୁ ଗୋଡ଼େଇ ଗୋଡ଼େଇ ନିର୍ଦ୍ଧୁମ ପିଟିଲେ ଡୁଙ୍ଗେରି ଗ୍ରାମବାସୀ। ଅପହରଣକାରୀ ବୋଲି ଭାବି ମାଡ଼ ମାରିଲେ ଗ୍ରାମବାସୀ।

## ଅରବିନ୍ଦ ପରମହଂସ ମଠରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳନ



**ଯାଜପୁର ରୋଡ଼, ୧୨।୭ (ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଅନ୍ତର୍ଗତ ତାହାରପୁର ପଞ୍ଚାୟତ ସ୍ଥିତ ମୁଳିସରଗଡ଼ା ଗ୍ରାମର ଶ୍ରୀ ଅରବିନ୍ଦ ପରମ ହଂସ ମଠ ଠାରେ କୋରାଇ ପ୍ରଖଣ୍ଡ ଅନ୍ତ ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ରାଷ୍ଟ୍ରୀୟ ବଜରଙ୍ଗ ଦଳ ତରଫରୁ ପବିତ୍ର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇ ଯାଇଅଛି। ଏହି ମହତ୍ କାର୍ଯ୍ୟରେ ରାଷ୍ଟ୍ରୀୟ ବଜରଙ୍ଗ ଦଳର ବହୁ କର୍ମୀ, ଓଜ୍ୟେସିନି ମାତୃଶକ୍ତିର ଭଉଣି ମାନେ ସାମିଲ ହୋଇ ମଠର ମାତା ମାଆ ମାନଙ୍କୁ ପୂଜାର୍ଚ୍ଚନା କରି ଫଳ ପୁଷ୍ପ ବସ୍ତ୍ର ଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ବଜରଙ୍ଗ ଦଳର ସହ ସଂଯୋଜୋକ ଶ୍ରୀ ପ୍ରକାଶ ସାହୁ, ସୁରକ୍ଷା ପ୍ରମୁଖ ପ୍ରଦିପ ସାଆନ୍ତାରା, ଆଖଡ଼ା ପ୍ରମୁଖ ମାଧବ ଭୋଇ, ଗୋ ରକ୍ଷା ପ୍ରମୁଖ ଅନିଲ ଦାସ୍, ରାଜୀବ ପରିଡ଼ା, ଦିଲୀପ ସାମଲ, ପରବି ଭାଇ, ପ୍ରଭାତ ଧିର, ସୁଦର୍ଶନ ବୋଇତାଇ, ରାଜେନ୍ଦ୍ର ରାଉଳ, ସୁନିଲ ଦାସ୍, ବଳରାମ ଖିଲାର, ପଦ୍ମନାଭ ବେହେରା, ଅମିତ୍ ଦାସ୍, ସରୋଜ ସାହୁ, ସତ୍ୟଜିତ ସାହୁ, ସୌମ୍ୟରଞ୍ଜନ ଖିଲାର, କୈବଲ୍ୟ ମହାରଣା, ଅର୍ଜୁନ ଖିଲାର, ସହିତ ଜିଲ୍ଲା ଓଜ୍ୟେଶୀନି ସଂଯୋଜିକା ଅର୍ପିତା ମଲ୍ଲିକ ଓ ଲିପା ମଲ୍ଲିକ ରହି କାର୍ଯ୍ୟକର୍ମକୁ ସଫଳ କରିଥିଲେ।

- ଗଞ୍ଜାମ ଓକିଲ ସଂଘର ବୈଠକ

## ନୂତନ କୋଠା ଭିତ୍ତିପ୍ରସ୍ତର ପାଇଁ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ ଯୋଜନା



**ବ୍ରହ୍ମପୁର, ୧୨।୭ (ସଂଚାର ବ୍ୟୁରୋ):** ଗଞ୍ଜାମ ଓକିଲ ସଂଘର ପ୍ରଥମ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଏବଂ ଉପଦେଷ୍ଟା କମିଟି ସଦସ୍ୟଙ୍କ ଉପସ୍ଥିତିରେ ଏକ ଜରୁରୀ ବୈଠକ ସ୍ଥାନୀୟ କମାପଲ୍ଲୀ ପି ଡବ୍ଲୁଡି ଆଇବି ଠାରେ ସଙ୍ଘର ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଂଘର ନୂତନ ଉପଦେଷ୍ଟା ମଣ୍ଡଳୀ ଓ କାର୍ଯକାରୀ କମିଟି ସଦସ୍ୟଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଆଇନଜୀବୀଙ୍କ କଲ୍ୟାଣ ଏବଂ ସଂଘର ଉନ୍ନତି ସକାଶେ ବିଭିନ୍ନ ପ୍ରକାର ସମସ୍ୟାକୁ କିଭଳି ଭାବେ କାର୍ଯ୍ୟକାରିତା କରାଯିବ ସେନେଇ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ବୈଠକର ଆରମ୍ଭରେ ବାଲେଶ୍ୱରର ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସଙ୍କ ପ୍ରତି ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଅତ୍ୟାଚାର ଓ ଅମାନିୟ କାର୍ଯ୍ୟକୁ ନିନ୍ଦା କରାଯାଇଥିଲା ଏବଂ ବାଲେଶ୍ୱର ଓକିଲ ସଂଘ ନେଇଥିବା ନିଷ୍ପତିକୁ ସମର୍ଥନ କରାଯାଇଥିଲା। ଶେଷରେ ଗଞ୍ଜାମ ଓକିଲ ସଂଘ ର ନୂତନ କୋଠା ଭିତ୍ତିପ୍ରସ୍ତର ପାଇଁ ଭାରତର ମହାମହିମ ରାଷ୍ଟ୍ରପତି ଓ ଓଡିଶାର ମୁଖ୍ୟ ବିଚାରପତିଙ୍କୁ ନିମନ୍ତ୍ରଣ କରାଯିବା ନେଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହୋଇଥିଲା । ଏଥିରେ ଅନ୍ୟ ମାନଙ୍କ ଭିତରେ ସମ୍ପାଦକ ଟି. ଭେଙ୍କେଟ ରାଓ, ସହ ସମ୍ପାଦକ ଅସିତ ସାବତ, ଉପସଭାପତି ତିରୁମଲ୍ଲା ରେଡ୍ଡୀ ଏବଂ ଉପଦେଷ୍ଟା କମିଟି ସଦସ୍ୟ ବି. ଭି. ଏଲ. ମୁର୍ତ୍ତୀ, କୈଳାଶ ପାଣିଗ୍ରାହୀ, ନାରାୟଣ ପଣ୍ଡା, ରମେଶ ପ୍ରଧାନ, ଶ୍ରୀନିବାସ ଦାସ, କିଶୋର ପଟ୍ଟନାୟକ ଏବଂ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଅଭୟ ପଣ୍ଡା, ଗୌରାଙ୍ଗ ଚୌଧୁରୀ, ଦୁର୍ଗା ପାଢ଼ୀ, ଅମରେଶ ଚୌଧୁରୀ, ଲଳିତ ମଙ୍ଗରାଜ ଓ ମହିଳା ସଦସ୍ୟା ସଂଘମିତ୍ରା ପଣ୍ଡା ଉପସ୍ଥିତ ଥିଲେ ।

## ଘରେ କେହି ନଥିବା ବେଳେ ଶିଳପୁରିଆ ଗାଁରେ ଚୋରି

**ବୈଶିଙ୍ଗା, ୧୨।୭ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ଶିଳପୁରିଆ ଗାଁରେ ଘରେ କେହି ନଥିବା ସୁଯୋଗରେ ଚୋରି ହୋଇଯାଇଥିବା ନେଇ ଥାନାରେ ଶୁକ୍ରବାର ସନ୍ଧ୍ୟାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ ମାମୁନି ମହାନ୍ତଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଶଶୁର ଓ ସ୍ୱାମୀଙ୍କ ମୃତ୍ୟୁ ହୋଇଯାଇଥିବା ଯୋଗୁଁ ସେ ତାଙ୍କ ଶାଶୁଙ୍କ ସହ ଘରେ ରୁହନ୍ତି। ତେବେ ପାଞ୍ଚ ଦିନ ତଳେ ସେ ଏକ ସୁଦ୍ଧି କ୍ରୀୟାରେ ଯୋଗଦେବାକୁ ଯାଇଥିଲେ। ତାଙ୍କ ଶାଶୁ ଏକୁଟିଆ ଘରେ ରାତିରେ ନରହି ଗାଁ ରେ ଅନ୍ୟ ଜଣଙ୍କ ଘରକୁ ଶୋଇବାକୁ ଚାଲିଯାଆନ୍ତି। ଶୁକ୍ରବାର ମାମୁନି ଘରେ ପହଞ୍ଚି ଦେଖିଲେ ମୂଖ୍ୟ ଦରଜାର ତାଲା ଭଙ୍ଗା ଯାଇ ଏକ ଆଲମିରାରେ ଥିବା କିଛି ସୁନାଗହଣା, ଲୁଗାପଟା, ଫ୍ୟାନ, ଏୟାର କୁଲର୍, ବାସନକୁସନ ଆଦି ଚୋରି ହୋଇଯାଇଛି। ଥାନାରେ ଏତଲା ଦେବାପରେ ୩୪୪ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଆଜି ଶନିବାର ବାରିପଦାରୁ ଫରେନସିକ ଟିମ ଓ ଡଗ୍ ସ୍କ୍ୱାର୍ଡ ଘଟଣାର ଛାନଭିନ୍ କରି ଫେରିଯାଇଛନ୍ତି।

## ଘରେ ପଶି ବୃଦ୍ଧାଙ୍କୁ ଗଳା କାଟି ହତ୍ୟା: କାରଣ ଅସ୍ପଷ୍ଟ, ଅଭିଯୁକ୍ତ ଫେରାର୍



**ଲାଞ୍ଜିଗଡ଼, ୧୨।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅଧିନସ୍ତ ମୃଷିଗୁଡା ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ସୂଚନା ଅନୁଯାୟୀ ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ ତାଳବରା ଗାଁର ଜନନୀ ହରିଜନଙ୍କ ପରିବାର ଭବାନୀପାଟଣା ସଦର ବ୍ଲକ ଯୁଗସାଇପାଟଣା ପଞ୍ଚାୟତ ଅନ୍ତର୍ଗତ ମୃଷିଗୁଡା ଗାଁରେ ଦୀର୍ଘ ୧୦ବର୍ଷ ହେଲା ବସବାସ କରି ପୋଡୁ ଚାଷ କରିଆସୁଥିଲେ। ତେବେ ମୃଷିଗୁଡ଼ା ସ୍ଥିତ ନିଜ ଘରେ ଜନନୀ ହରିଜନ (୬୧) ଓ ସୁଦାମା ହରିଜନ(୪୦) ଦୁଇଜଣ ମହିଳା ରାତିରେ ଶୋଇପଡ଼ିଥିବା ବେଳେ ଉକ୍ତ ଗାଁର ସଞ୍ଚୀତ ନାଏକ (୨୦)ବିଳମ୍ବିତ ରାତିରେ ଆସି ଜୋର ଜବରଦସ୍ତ ଘରେ ପଶି ଜନନୀ ନାଏକ (୬୧)ଙ୍କୁ ଗଲାକାଟୀ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ତେବେ କେଉଁ କାରଣରୁ ଅଭିଯୁକ୍ତ ସଞ୍ଚିତ ନାଏକ ମହିଳାଙ୍କୁ ଗଲାକଟି ହତ୍ୟା କରିଛି ଏବଂ କେଉଁ ପ୍ରକାର ମାରଣାସ୍ତ୍ର ବ୍ୟବହାର କରି ହତ୍ୟା କରିଛି ତାହା ଏବେ ଯାଏଁ ସ୍ପଷ୍ଟ ଜଣାପଡ଼ି ନ'ଥିବା ବେଳେ ଘଟଣା ଘଟେଇ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ଖବର ପାଇ ଭବାନୀପାଟଣା ସଦର ଥାନା ଅଧିକାରୀ ସୌମ୍ୟରଞ୍ଜନ ପଧାନ, ଏସ୍‌ଆଇ ସୁନିତା ସେଠି ସମେତ କଳାହାଣ୍ଡି ସାଇନ୍ସଟିଫିକ୍ ଟିମ ଡଗ୍ ସ୍କୁଆଡ଼ କେ.ନାଇନ୍ ଘଟଣା ସ୍ଥଳରେ ପହଞ୍ଚି କେସ ନଂ ୩୨୪/୨୫/୧୦୩.(୧ ବିଏନଏସ )ହତ୍ୟା ମାମଲା ରୁଜୁ କରି ଛାନଭିନ୍ ଆରମ୍ଭ କରିଛନ୍ତି। ଅନ୍ୟପଟେ ମୃତକଙ୍କ ପରିବାର ଲୋକେ ନ୍ୟାୟ ସହ ଦୋଷୀଙ୍କୁ ଗିରଫ କରି ଫାଶୀଦଣ୍ଡ ଦିଆଯାଉ ବୋଲି ଦାବି କରୁଛନ୍ତି।

## ଅଲେଖା ଫଳକରେ ଚାଲିଛି ନିମ୍ନମାନର ବିଦ୍ୟାଳୟ ଗୃହ କାର୍ଯ୍ୟ, ପ୍ରଶାସନ ଚୁପ



**କଳିଙ୍ଗନଗର, ୧୨।୭ (ସଂଚାର ବ୍ୟୁରୋ):** ମୋର ଉପର ମହଲା ପ୍ରଯ୍ୟନ୍ତ ଲମ୍ବା ହାତ ମୋର କେହି କିଛି କରି ପାରିବେ ନାହିଁ.. ଏପରି କଥା ଠିକାଦାର ମାନେ କହି ଦିନ ଦି ପ୍ରହରରେ ଦୁର୍ନୀତି କରୁଥିବା ଚର୍ଚ୍ଚା ହେଉଛି, କୌଣସି ସରକାର ଗୃହ ନିର୍ମାଣ ପୂର୍ବରୁ ସର୍ବସାଧାରଣ ଙ୍କ ଅବଗତ ପାଇଁ ସୂଚନା ଫଳକ ରେ କାର୍ଯ୍ୟ ର ସମ୍ପୂର୍ଣ ବିବରଣୀ ଦେବା ବାଧତାମୂଳକ। କିନ୍ତୁ ବିନା ଫଳକ ରେ କାମ ଆରମ୍ଭ କରି ଗ୍ରାମବାସୀ ବିରୋଧ କରିବାରୁ ଅଲେଖା ଫଳକ ରେ ଜିଲ୍ଲା ଖଣିଜ ପାଣ୍ଠି ରୁ ଚାଲିଛି ବିଦ୍ୟାଳୟ ଗୃହ କାମ, ଏପରି ଏକ କାର୍ଯ୍ୟ ଦାନଗଦି ବ୍ଲକର ଶାଳିଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଏହି ଗାଁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ନୂତନ ଶ୍ରେଣୀ ଗୃହ ନିର୍ମାଣ ରେ ଦେଖିବାକୁ ମିଳିଛି।ଜିଲ୍ଲା ଖଣିଜ ପାଣ୍ଠି ରେ ବର୍ତମାନ ବ୍ଲକର ବହୁତ ଜାଗା ରେ ବିଦ୍ୟାଳୟ ଗୃହ ନିର୍ମାଣ ହେଉଥିବା ଦେଖିବାକୁ ମିଳୁଛି ପ୍ରାୟ ଅଧିକାଂଶ ଜାଗାରେ ଠିକାଦାର ମନମୁଖୀ କାର୍ଯ୍ୟ କରୁଛନ୍ତି ଏବଂ ଗୃହ ଟି ପ୍ରାୟ ଲକ୍ଷା ଧିକ ଟଙ୍କା ଉର୍ଦ୍ଧ୍ୱ ବ୍ୟୟ ଅଟକଳ ରେ ହେଉଛି ଥିବା ଜଣାପଡ଼ିଛି। ଏଠାରେ ଠିକାଦାର ଅଲେଖା ଫଳକ ରେ ଜୋର ଜବରଦସ୍ତ କାର୍ଯ୍ୟ କରୁଛନ୍ତି। ଏହି ଶ୍ରେଣୀ ଗୃହ ନିର୍ମାଣ କାମ ନିମ୍ନ ମାନର ହେଉଥିବା ଜଳ ଜଳ ଦେଖାଦେଉଛି।ଉକ୍ତ କାର୍ଯ୍ୟ ପାଇଁ ଠିକାଦାର ଆରମ୍ଭରୁ ନିମ୍ନମାନର ସିମେଣ୍ଟ, ରଡ ଓ କାମ ରେ ବ୍ୟବହାର କରୁଥିବା ସର୍ବସାଧାରଣରେ ପକ୍ଷରୁ ଅଭିଯୋଗ ହେଉଛି। ସମସ୍ତ ପିଲର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲୁହାଛଡ଼ ୧୬ ଜାଗା ରେ ୧୨ଲାଗୁଛି, ୧୨ଜାଗାରେ ୧୦ ଲାଗୁଛି, ଚିପ୍ସ ମିଶାଇ ତଳ ଢ଼ଳେଇ ହେଉଛି, ବହୁ ଦୁର୍ବଳ କାର୍ଯ୍ୟ ହେଉଛି। ବିଦ୍ୟାଳୟ ମୁଖ୍ୟ ଫାଟକ ରାସ୍ତାରେ ବାଲି ଓ ମେଟାଲ ପକାଇ ବିଦ୍ୟାଳୟ ରାସ୍ତା ଅବରୋଧ କରିଛନ୍ତି, ପିଲାମାନେ ଯାତାୟାତ ପାଇଁ ହଇରାଣ ହେଉଛନ୍ତି, ଏଠାକୁ ବିଭାଗୀୟ ଯନ୍ତ୍ରୀ ଆସୁନଥିବାରୁ ଜଣାପଡୁଛି କାରଣ ଯଦି ଏଠାକୁ ଆସୁଥାନ୍ତେ ତେବେ ଏଭଳି କାର୍ଯ୍ୟ ହେଉ ନଥାନ୍ତା ଓ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁନ ଥାନ୍ତେ। ଜିଲ୍ଲା ଖଣିଜ ପାଣ୍ଠି ର କୋଟି କୋଟି ଟଙ୍କା କୁ ଲୁଟ କରି ଖାଇବା ପାଇଁ ଏକ ମିଳିତ ଯୋଜନା ହୋଇଥିବା ପରି ଜଣା ପଡୁଛି ନଚେତ ଦିନ ଦ୍ୱି ପ୍ରହର ରେ ଠିକାଦାର ମାନେ କାହା ସାହସ ରେ ନିର୍ଭୟ ରେ ଏପରି ନିମ୍ନ ମାନର କାମ କରୁଛନ୍ତି, ସରକାର ଓ ପ୍ରଶାସନର ପକ୍ଷରୁ ଉକ୍ତ ଶ୍ରେଣୀ ଗୃହକାମ ତଦନ୍ତ କରି ଠିକାଦାର ତାଗିଦ କରି କାର୍ଯ୍ୟ ଟି ଭଲଭାବରେ କରିବାକୁ ଗ୍ରାମବାସୀ ଦାବି କରୁଛନ୍ତି।

## ପଞ୍ଚାୟତ ଗୃହ ନିର୍ମାଣର ଅନିୟମିୟତାକୁ ନେଇ ଅସନ୍ତୋଷ ଜାରି



**ବୈଶିଙ୍ଗା, ୧୨।୭ (ସଂଚାର ବ୍ୟୁରୋ):** ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଲୋକ ଙ୍କ ସୁବିଧା ଦୃଷ୍ଟିରୁ ବୃହତ ପଞ୍ଚାୟତ ଭାବେ ବୈଶିଙ୍ଗା ପଞ୍ଚାୟତ କୁ ଭାଙ୍ଗି କେନ୍ଦୁଆ କୁ ନୂତନ ପଞ୍ଚାୟତର ମାନ୍ୟତା ପ୍ରଦାନ କରାଗଲା। ନିର୍ବାଚନରେ ପ୍ରଥମ ମହିଳା ସରପଞ୍ଚ ଭାବେ ସ୍ନିଗ୍ଧା ରାଣୀ ହାଁସଦା ନିର୍ବାଚିତ ହୋଇଥିଲେ। କେନ୍ଦୁଆ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ ବୈଶିଙ୍ଗା ପଞ୍ଚାୟତର ପୁରୁଣା କାର୍ଯ୍ୟାଳୟରେ କେନ୍ଦୁଆ କାର୍ଯ୍ୟାଳୟ ଚାଲିଥିଲା ଏବେ ବି ଚାଲୁଅଛି। ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ସରକାରଙ୍କ ତରଫରୁ ଅର୍ଥ ମଞ୍ଜୁରୀ ମିଳିବା ପରେ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପତ୍ର ସଂ୫୧୮/୧୩.୨.୨୦ ବଳରେ ଉପ ଜିଲ୍ଲାପାଳ ବାରିପଦା ଙ୍କ ସହିତ ଯୁଗ୍ମ କମିଟି ଗଠନ କରାଯାଇ ମୋହନପୁର ଠାରେ ଖାତା ନଂ ୧୩୦, ପ୍ଲଟ ନଂ ୨୭୫.ରେ ଗୃହ ନିର୍ମାଣ କରାଯିବାର ସିଦ୍ଧାନ୍ତ ନିଆଯାଇଥିଲା।ଏହା ପରେ ତା ୩୦.୭.୨୦ରିଖରେ ସ୍ୱତନ୍ତ୍ର ପଲ୍ଲୀ ସଭା ଡକାଯାଇ ଏହି ଜମି ଟି ଜଙ୍ଗଲ କିସମ ଥିବାରୁ ଘରବାରିରେ ପରିବର୍ତ୍ତନ କରାଯିବା ପାଇଁ ସିଦ୍ଧାନ୍ତ ନିଆଯାଇ ରାଜସ୍ୱ ବିଭାଗକୁ ଅନୁରୋଧ କରାଯାଇଥିଲା।ପଲ୍ଲୀସଭା ପରେ ତା୧୮.୧୧.୨୦ରିଖ ଗ୍ରାମସଭା ରେ ଅନୁମୋଦନ କରାଯିବା ସହିତ ପ୍ରସ୍ତାବ ପାରିତ କରାଗଲା। ମାତ୍ର କେତେକ ରାଜନୈତିକ ବଡ ପଣ୍ଡା ଙ୍କ ଚକ୍ରାନ୍ତ ରେ ପଞ୍ଚାୟତ ବାସୀ ଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରାଯିବା ଯୋଗୁଁ ସପକ୍ଷ ଓ ବିପକ୍ଷ ଙ୍କ ମଧ୍ୟରେ ବଳ କଷା କଷି ଚାଲିଲା। ଯାହା ଫଳରେ ଆଠ ବର୍ଷ ପରେ ମଧ୍ୟ ଗୃହ ନିର୍ମାଣ ହୋଇ ପାରିଲା ନାହିଁ। ଏଥିପାଇଁ ତତ୍କାଳୀନ ସରପଞ୍ଚ ସ୍ନିଗ୍ଧା ରାଣୀ ହାଁସଦ ଙ୍କ ତରଫରୁ ମୟୂରଭଞ୍ଜ ଜିଲ୍ଲାପାଳ ଙ୍କୁ ତା୧୮.୧୧.୨୧ ରିଖରେ ଏକ ଦାବିପତ୍ର ଦିଆଯିବା ସହିତ ପ୍ରକଳ୍ପ ନିର୍ଦ୍ଦେଶକ, ଉପ ଜିଲ୍ଲାପାଳ ଓ ପଞ୍ଚାୟତ ଅଧିକାରୀ ବାରିପଦା ଙ୍କୁ ଏହାର ଏକକିତା ନକଲ ଦିଆଗଲା। ଏହାପରେ ଆଉଥରେ ଯୁଗ୍ମ କମିଟି ଦ୍ୱାରା ସ୍ଥାନ ନିରୁପଣ କରାଯିବ ବୋଲି ଜଣାଇ ଦିଆଗଲା।

## ଲୌହ ଖଣି କର୍ମଚାରୀଙ୍କ ଗାଡ଼ିକୁ ଫାଙ୍କା ଗୁଳି ମାଡ଼



**ବାରିପଦା, ୧୨।୭ (ସଂଚାର ବ୍ୟୁରୋ):** ଜାତୀୟ ରାଜପଥ ୨୨୦ ନମ୍ବର ରାଇରଙ୍ଗପୁର - ଯଶିପୁର ରାସ୍ତା ଲୁଟେରା, ଗୋମାଫିଆ ଏବଂ ଅମାନିଆ ଭାରିଯାନ ଚାଳକଙ୍କ କବଜାରେ।ଯାହାକୁ ନେଇ ଅଞ୍ଚଳବାସୀ ଚିନ୍ତିତ। ସୂଚନାଯୋଗ୍ୟ ଆଜି ପୂର୍ବାହ୍ନ ୧୧.୩୦ ଟା ପାଖାପାଖି ସମୟରେ ବାଦାମପାହାଡ଼ ଲୌହଖଣି ଜି ଏମ ଆଇରନ ଏଣ୍ଡ ଷ୍ଟିଲ ପ୍ରାଇଭେଟ୍ ଲିମିଟେଡ କମ୍ପାନୀର କର୍ମଚାରୀ ମହାଦେବ ମାରାଣ୍ଡି(୪୦) ଏକ ବୋଲେରୋ ଗାଡ଼ିରେ ୭ ଲକ୍ଷ ଟଙ୍କା ନେଇ ଯାଉଥିବାବେଳେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥ ନାଉଯୋଡା ପୋଲ ନିକଟରେ ଦୁଇ ଜଣ ଦୁର୍ବୃର୍ତ୍ତ ବାଇକରେ ଯାଇ ଫାଙ୍କା ଗୁଳିମାଡ଼ କରି ଓଭର ଟେକ୍ କରି ଯାଉଥିଲେ।

- ବିଜେପି ନେତାଙ୍କ ଦବଙ୍ଗଗିରି

## ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର ନେଇ ଥାନାରେ ଅଭିଯୋଗ



**ବାଲିଆପାଳ, ୧୨।୭ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ କାର୍‌ଯ୍ୟରତ ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀଙ୍କୁ ବିଜେପି ନେତା ବାଲିଆପାଳ ପଞ୍ଚାୟତଳ ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସ ଦୁବ୍ୟବହାର କରିଥିବା ନେଇ ଆଜି ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାରୁ ପ୍ରକାଶ ସାମ୍ବାଦିକା ଜଣଙ୍କ କଟୁଆପଡା ଗ୍ରାମର ସ୍ୱାହାବୁଦ୍ଦିନ ଶାହାଙ୍କୁ ଆକ୍ରମଣ ଘଟଣା ରେ ହେମନ୍ତଙ୍କ ସମେତ ତାଙ୍କ ସହଯୋଗୀଙ୍କ ନାମରେ ହୋଇଥିବା ଥାନାରେ ଅଭିଯୋଗ ସମ୍ପର୍କରେ ଖବର ପ୍ରକାଶ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଶ୍ରୀ ଦାସ ଆଜି ବ୍ଲକ ପରିସରରେ ଖବର ସଂଗ୍ରହ ପାଇଁ ଯାଇଥିବା ସାମ୍ବାଦିକାଙ୍କୁ ଦେଖି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏତିକିରେ ତାଙ୍କର ରାଗ ଶାନ୍ତ ହୋଇ ନଥିଲା। ବ୍ଲକପରିସରରୁ ସାମ୍ବାଦିକା ବାହାରିବା ପରେ ଶ୍ରୀ ଦାସ ତାଙ୍କୁ ଅଟକାଇ ଦୁର୍ବ୍ୟୁହାର ପ୍ରଦର୍ଶନ କରିବା ସହିତ ତାଙ୍କର ସୁନାଚେନଟିକୁ ଛିଣ୍ଡାଇ ନେଇଯାଇଥିବାର ନେଇ ସାମ୍ବାଦିକା ତାଙ୍କର ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।ସାମ୍ବାଦିକଙ୍କା ପ୍ରତି ହୋଇଥୁବା ଦୁର୍ବ୍ୟୁହାରକୁ ନେଇ ବିଭିନ୍ୟ ସାମ୍ବାଦିକ ସଂଗଠନ, ରାଜନୈତିକ ନେତୃବୃନ୍ଦ ଓ ବୁଦ୍ଧିଜିବୀ ମହଲରେ ନିନ୍ଦା କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସାମ୍ବାଦିକ ସଂଘ ପକ୍ଷରୁ ଦାବି ହୋଇଛି। ଆଇଆଇସି ଗୋବିନ୍ଦ ବେହେରା ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସୂଚନା ଯୋଗ୍ୟ ହେମନ୍ତଙ୍କ ନାମରେ ପୂର୍ବରୁ ବାଲିଆପାଳ ଥାନାରେ ଏକାଧିକ ଅଭିଯୋଗ ରହିଛି। ତେବେ ହେମନ୍ତଙ୍କ ପ୍ରତିକ୍ରିୟା ମିଳିନାହିଁ।

## ସଂରକ୍ଷିତ ଜଙ୍ଗଲରେ ସବୁଜିମା ଭରୁଛି ମକାଚାଷ, ବନ ବିଭାଗ ନିଦାବିଷ୍ଟ

**ଭବାନୀପାଟଣା, ୧୨।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଦକ୍ଷିଣ ବନଖଣ୍ଡ, ଧର୍ମଗଡ଼ ବନ ବନାଞ୍ଚଳ ୧୨ ହଜାର ୯୮୯ ହେକ୍ଟର ବିସ୍ତୃତ ପରିସୀମା ରେ ବ୍ୟାପିଥିବା ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ରେ ଗତ କିଛି ବର୍ଷ ହେବ ମକା ମାଫିଆ ଙ୍କ ରାଜ ଚାଲିଛି।ପ୍ରତିବର୍ଷ ମକା ଚାଷ ପାଇଁ ଶତାଧିକ ହେକ୍ଟର ଜଙ୍ଗଲ ନଷ୍ଟ କରି ମକାଚାଷ କରାଯାଉଛି। ଗତ ୨ ମାସ ହେବ ମକାଚାଷ ପାଇଁ ସଂରକ୍ଷିତ ଜଙ୍ଗଲ ମଧରେ ଅବାଧ ରେ କ୍ଷେତ୍ର ପ୍ରସ୍ତୁତ କରି ମକା ବିହନ ବୁଣିବା ପରେ ଏବେ ଜଙ୍ଗଲ ମଧରେ ଗଛ ନୁହେଁ କଅଁଳ ମକା ପତ୍ର ର ସବୁଜିମା ଦୂର ଦିଗନ୍ତ କୁ ଦେଖାଯାଉଛି। ସାହାଜଖୋଲ ଜଙ୍ଗଲ ରେ ବେଆଇନ ମକାଚାଷ ନେଇ ପ୍ରତିବର୍ଷ ଖବରକାଗଜ ପୃଷ୍ଠା ରେ ଖବର ମଣ୍ଡନ ହେଉଛି ହେଲେ ଚେତୁନାହିଁ ବନ ବିଭାଗ। ଧର୍ମଗଡ଼ ବନାଞ୍ଚଳ ର ବେହେରା ଆମପାଣି ଫରେଷ୍ଟ ସେକ୍ସନ ର ଖଲିଗଡ଼, ଧୋବେନ ଚଅଁରା, ମୁନୁଗା ପଦର, ଘଣ୍ଟିଗୁଡା, ଭଟାପାଣି, ଡୁମେରପାନି, ସମେତ ଆମପାଣି ଫରେଷ୍ଟ ସେକ୍ସନ ର ଦାବ୍ରିଗୁଡା, ସର୍ଗିଗୁଡା, ବିରି ମୁହାଁଣ, ଆନ୍ଧି ଝରଣ, ଲେକାଆମ, ସର୍ଗିପାନି, କୁଟୁରୁ, ଗୋଇଚଅଁରା, ଛକପଡା, ଗାଈବନ୍ଧା, ଟିର୍ଲିଆମ ଅଞ୍ଚଳ ରେ ଜଙ୍ଗଲ କୁ ପ୍ରତିବର୍ଷ କାଟି ଅନୁପ୍ରବେଶ କାରୀ ବଙ୍ଗାଳି, ବିହାରୀ, ସମେତ ସ୍ଥାନୀୟ ଅଞ୍ଚଳର କିଛି ଲାଭଖୋର ସାହୁକାର ମାଫିଆ ମାନେ ସ୍ଥାନୀୟ ଆଦିବାସୀ ଙ୍କୁ ଧରି ମକାଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତ ସହ ବିହନ, ଖତ ସାର, ଆବଶ୍ୟକ



ପୁଞ୍ଜି ଦେଇ ଜଙ୍ଗଲ ମଧରେ ବେଆଇନ ଭାବେ ମକାଚାଷ କରି ମାଲେମାଲ ହୋଇ ଆସୁଛନ୍ତି। ଜଙ୍ଗଲ ବିଭାଗ ପ୍ରତିବର୍ଷ ଜୁଲାଇ ମାସରେ ବନ ମହୋତ୍ସବ ପାଳନ କରୁଛି, ତେବେ ବିଗତ ବର୍ଷ ରେ ଲଗା ଯାଇଥିବା ଗଛ ବଞ୍ଚିଛି ନା ମରିଛି ତାର ହିସାବ ନାହିଁ। ସାହାଜଖୋଲ ଜଙ୍ଗଲ ସୁରକ୍ଷା ପାଇଁ ବିଗତ ଦିନରେ ବେଆଇନ ମକାଚାଷ ଓ ମକା ମାଫିଆ ଙ୍କୁ ବିତାଡିତ କରିବା, ଜଙ୍ଗଲ ସୁରକ୍ଷା ପାଇଁ ସାହାଜଖୋଲ ବନ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ଜଙ୍ଗଲ ବିଭାଗ କୁ ଚେତାଇ ଦେବାକୁ ପ୍ରତିବାଦ, ରାସ୍ତା ଅବରୋଧ, ଆନ୍ଦୋଳନ ଓ ବିରୋଧ କରାଯାଇ ସ୍ୱର ଉତ୍ତୋଳନ କରାଯାଇଛି।ସେହି ସମୟରେ ଜଙ୍ଗଲ ବିଭାଗୀୟ ଅଧିକାରୀ ଆସି କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇ କାମ ସାରିଦିଅନ୍ତି।ହେଲେ ଆଜି ପର୍ଯ୍ୟନ୍ତ ବନ ବିଭାଗ ପକ୍ଷରୁ କାହିଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାଭଳି ପଦକ୍ଷେପ ଦେଖିବାକୁ ମିଳିନାହିଁ।। ଧୀରେ ଧୀରେ ସାହାଜଖୋଲ ଜଙ୍ଗଲ ଅସ୍ତିତ୍ୱ ହଜିବାକୁ ବସିଛି, ଅନେକ ଔଷଧିୟ ବୃକ୍ଷଲତା ସହ ମୂଲ୍ୟବାନ ଗଛ, ପ୍ରାକୃତିକ ଝରଣା, ଜୀବଜନ୍ତୁ ବିଲୁପ୍ତ ହେବାରେ ଲାଗିଛି, ଯାହାକୁ ନେଇ ପ୍ରକୃତି ପ୍ରେମୀ ଙ୍କ ମଧରେ କ୍ଷୋଭ ଦେଖିବାକୁ ମିଳିଛି।

ସଂଚାର SANCHAR ରବିବାର ୧୩ ଜୁଲାଇ ୨୦୨୫



# ପର୍ଯ୍ୟଟନ

## ଫତେଗଡ଼ ରାମ ମନ୍ଦିର



ନୟାଗଡ଼ ଜିଲ୍ଲା ଫତେଗଡ଼ ଗ୍ରାମରେ ଅବସ୍ଥିତ ରାମ ମନ୍ଦିର ଏକ ପାହାଡ଼ ଉପରେ ଅବସ୍ଥିତ। ଏହି ମନ୍ଦିରଟି ପ୍ରାକୃତିକ ସମ୍ପ ଘେରା ବଣପାହାଡ଼ ଓ ସବୁଜିମାରେ ଘେରି ରହିଛି। ବର୍ଷର ସବୁ ସମୟରେ ଫତେଗଡ଼ ରାମ ମନ୍ଦିର ବୁଲିବା ପାଇଁ ସବୁଠାରୁ ଭଲ ସମୟ। ୨୦୧୭ମସିହାରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା, ଯେଉଁଥିରେ ୧୫୦ରୁ ଅଧିକ ଶ୍ରମିକ ସାମିଲ ହୋଇଥିଲେ। ଯେଉଁଦିନ ଅଯୋଧାରେ ରାମ ମନ୍ଦିର ଉଦ୍‌ଘାଟନ ସେହିଦିନ ଏହି ରାମ ମନ୍ଦିରର ଉଦ୍‌ଘାଟନ ହୋଇଥିଲା। ଏହି ମନ୍ଦିର 'ବଉଳମାଳ' ପଥର ବ୍ୟବହାର କରି ନିର୍ମିତ ହୋଇଛି। ୨୦୧୭ମସିହାରେ ଏହି ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ଫତେଗଡ଼ରେ ସମୁଦ୍ର ପତନଠାରୁ ୧୮୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ହୋଇଥିବାବେଳେ ମନ୍ଦିରର ଉଚ୍ଚତା ୧୬୫ ଫୁଟ। ଏହି ରାମ ମନ୍ଦିରର ଐତିହାସିକ ମହତ୍ତ୍ୱ ରହିଛି। ଦଶନ୍ଧି ଧରି ଏହି ପର୍ବତରେ ଭଗବାନ ଗୋବର୍ଦ୍ଧନଙ୍କୁ ପୂଜା କରାଯାଇ ଆସୁଛି। ଏହାବ୍ୟତୀତ ୧୯୧୨ ମସିହାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟରେ ଫତେଗଡ଼ରୁ ମହାପ୍ରଭୁ ସୁଦର୍ଶନଙ୍କ ଗଛ ସଂଗ୍ରହ କରାଯାଇଥିଲା। ଏହାକୁ ସ୍ମରଣୀୟ କରିବା ପାଇଁ ଗ୍ରାମବାସୀମାନେ ପଦକ୍ଷେପ ନେଇ ଶ୍ରୀରାମ ସେବା ପରିଷଦ ନାମକ ଏକ କମିଟି ଗଠନ କରିଥିଲେ।

### ମନ୍ଦିର ଖୋଲା ସମୟ

ରାମ ମନ୍ଦିର ଖୋଲା ସମୟ ପ୍ରତିଦିନ ସକାଳ ୭ଟାରୁ ରାତି ୮ଟା ପର୍ଯ୍ୟନ୍ତ।

### ନିକଟତମ ବସଷ୍ଟାଣ୍ଡ


ନିକଟତମ ବସଷ୍ଟାଣ୍ଡ ହେଉଛି ଫତେଗଡ଼, ଯାହା ରାମ ମନ୍ଦିରଠାରୁ ପ୍ରାୟ ୧.୮ କିଲୋମିଟର ଦୂରରେ ଅବସ୍ଥିତ।

### ନିକଟତମ ରେଳ ଷ୍ଟେସନ

ନିକଟତମ ରେଳ ଷ୍ଟେସନ ବେଗୁନିଆ, ଯାହା ଭାପୁର ରାମ ମନ୍ଦିରଠାରୁ ପ୍ରାୟ ୨୫ କିଲୋମିଟର ଦୂରରେ ଅବସ୍ଥିତ।

### ନିକଟତମ ବିମାନ ବନ୍ଦର

ନିକଟତମ ବିମାନବନ୍ଦର ହେଉଛି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱର, ଯାହା ନୟାଗଡ଼ ରାମ ମନ୍ଦିରଠାରୁ ପ୍ରାୟ ୬୨ କିଲୋମିଟର ଦୂରରେ ଅବସ୍ଥିତ।



## ପ୍ରଧାନପାଟ ଜଳପ୍ରପାତ



ପ୍ରଧାନପାଟ ଜଳପ୍ରପାତର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଏପରି ଯେ ଏହା ଋତୁ ନିର୍ବିଶେଷରେ ଯାତ୍ରୀମାନଙ୍କୁ ବାରମ୍ବାର ଏଠାକୁ ଆସିବାକୁ ବାଧ କରିଥାଏ। ଦେବଗଡ଼ ସହରର ଏହି ପ୍ରସିଦ୍ଧ ଜଳପ୍ରପାତରେ ଆଶ୍ଚର୍ଯ୍ୟଜନକ ପାହାଡ଼ ଓ ଗଭୀର ଜଙ୍ଗଲ ରହିଛି ଯାହା ଯାତ୍ରୀଙ୍କୁ ଶାନ୍ତି ପ୍ରଦାନ କରିବାରେ ସହାୟକ ହୋଇଥାଏ। ଏହି ଲୋକପ୍ରିୟ ଜଳପ୍ରପାତ ୯.୧ ମିଟର ଉଚ୍ଚତାରୁ ତଳକୁ ଖସିବା ସମୟରେ ଏହା ସୃଷ୍ଟି କରୁଥିବା ଆରାମଦାୟକ ଇକୋ ଶବ୍ଦ ପାଇଁ ବେଶ୍ ଜଣାଶୁଣା। ଓଡ଼ିଶା ଆସୁଥିବା ଲୋକମାନେ ପିକ୍‌ନିକ୍ ଉପଭୋଗ କରି ପ୍ରକୃତି ମାତାଙ୍କ କୋଳରେ ବିଶ୍ରାମ ନେବାକୁ ଚାହୁଁଥିଲେ ଏହି ପର୍ଯ୍ୟଟନ ଆକର୍ଷଣକୁ ଯିବାକୁ ପରାମର୍ଶ ଦିଆଯାଇଛି।


ପ୍ରଧାନପାଟ ଜଳପ୍ରପାତ ଦେବଗଡ଼ ସହରଠାରୁ ୧କି.ମି. ଦୂରରେ ରହିଛି। ଏହା ତତ୍କାଳୀନ ବାମଣ୍ଡା ରାଜ୍ୟର ରାଜଧାନୀ ଅଟେ। ଏହା ଜାତୀୟ ରାଜପଥ-୬ କୋଲକାତା-ମୁମ୍ବାଇ ଜାତୀୟ ରାଜପଥରେ କୋଲକାତାଠାରୁ ୪୭୫ କିଲୋମିଟର ଏବଂ ମୁମ୍ବାଇଠାରୁ ୧୪୧୫ କିଲୋମିଟର ଦୂରରେ ଅବସ୍ଥିତ। ରାଉରକେଲାଠାରୁ ୧୩୦ କିଲୋମିଟର ଦୂରରେ, ଭୁବନେଶ୍ୱରଠାରୁ ୨୭୪ କିଲୋମିଟର ଦୂରରେ ଅବସ୍ଥିତ। ନିକଟତମ ରେଳ ଷ୍ଟେସନ ସମ୍ବଲପୁରରେ ରହିଛି ଯାହା ଦେବଗଡ଼ ସହରଠାରୁ ୯୦ କିଲୋମିଟର ଦୂରରେ ଅବସ୍ଥିତ। ଦେବଗଡ଼ର ଦେବୀ ପ୍ରଧାନପତିଙ୍କ ନାମ ଅନୁସାରେ ପ୍ରଧାନପାଟ ନାମକରଣ କରାଯାଇଛି। ପ୍ରଧାନପାଟ ଜଳପ୍ରପାତଠାରୁ ୩ କିଲୋମିଟର ଦୂରରେ ଅବସ୍ଥିତ କୁରୁଡ଼କୋଟ ଜଳପ୍ରପାତରେ ବାମଣ୍ଡା ରାଜ୍ୟର ପୂର୍ବତନ ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଏସିଆର ପ୍ରଥମ ଜଳବିଦ୍ୟୁତ ପ୍ରକଳ୍ପ ଆରମ୍ଭ କରିଥିଲେ। ପ୍ରଧାନପାଟରେ ୬ଟି ସରକାରୀ ନିରୀକ୍ଷଣ ବଙ୍ଗଳା ରହିଛି।


## କପିଳାସର ଚନ୍ଦ୍ରଶେଖର



ସମୁଦ୍ର ପତନଠାରୁ ପ୍ରାୟ ୨୨୩୯ ଫୁଟ ଉଚ୍ଚତାରେ ବଣ ପାହାଡ଼ ଘେରା ସୁନ୍ଦର ମନୋରମ ପରିବେଶରେ କପିଳାସ ଶିବ ମନ୍ଦିର ଅବସ୍ଥିତ। ମନ୍ଦିରର ମୁଖ୍ୟ ଟାୱାରର ଉଚ୍ଚତା ୬୦ ଫୁଟ। ମନ୍ଦିରକୁ ଯିବା ପାଇଁ ଦୁଇଟି ରାସ୍ତା ରହିଛି। ଗୋଟିଏ ହେଉଛି ୧୩୫୨ ପାହାଚ ଚଢ଼ିବା ଏବଂ ଅନ୍ୟଟି ହେଉଛି ବାରାବାଙ୍କି ବା ବାଟରେ ଯାତ୍ରା କରିବା। ଗଙ୍ଗା ବଂଶର ରାଜା ନୃସିଂହଦେବ ପ୍ରଥମ କପିଳାସ ମନ୍ଦିର ଶିଳାଲେଖରେ ଦର୍ଶାଯାଇଥିବା ଅନୁଯାୟୀ ୧୨୪୬ ଖ୍ରୀଷ୍ଟାବ୍ଦରେ ଶ୍ରୀ ଚନ୍ଦ୍ରଶେଖରଙ୍କ ପାଇଁ ମନ୍ଦିର ନିର୍ମାଣ କରିଥିଲେ। ମନ୍ଦିରର ବାମ ପାର୍ଶ୍ୱରେ ପାୟମ୍ରତା କୁଣ୍ଡ ଓ ଡାହାଣ ପାର୍ଶ୍ୱରେ ମରିଚି କୁଣ୍ଡ ରହିଛି। ଏହି ମନ୍ଦିରରେ ଏକ କାଠ ଜଗମୋହନ ରହିଛି । ମନ୍ଦିରରେ ଶ୍ରୀଗଣେଶ, କାର୍ତ୍ତିକେୟ, ଗଙ୍ଗାଦେବୀ ଇତ୍ୟାଦି ଦେଖିବାକୁ ମିଳେ। ଏହି ମନ୍ଦିରରେ ପତିତା ପବନ ଜଗନ୍ନାଥଙ୍କୁ ପାର୍ସ ଦେବ ରୂପରେ ସ୍ଥାପିତ କରାଯାଇଛି। ଭଗବାନ ବିଶ୍ୱନାଥ ମନ୍ଦିର ମଧ କପିଳାସରେ ଅବସ୍ଥିତ। କେତେକ ପଣ୍ଡିତଙ୍କ ମତରେ ଏହି ମନ୍ଦିର ଚନ୍ଦ୍ରଶେଖର ମନ୍ଦିରଠାରୁ ପୁରାତନ ହୋଇଥିବାରୁ ଏହାକୁ ବୁଦ୍ଧ ଲିଙ୍ଗ କୁହାଯାଏ। କପିଳାସ ପିଠା ଏବଂ ଏହାର ମହତ୍ତ୍ୱ ବିଷୟରେ ଅନେକ କିମ୍ବଦନ୍ତୀ ରହିଛି। ପରମ୍ପରା ଏହାକୁ କପିଳଙ୍କ ଆଶ୍ରମ ବୋଲି ବର୍ଣ୍ଣନା କରେ, କେତେକ ପଣ୍ଡିତଙ୍କ ମତରେ ଏହା ଭଗବାନ ଶିବଙ୍କର ଦ୍ୱିତୀୟ କୈଳାସ। ଭାଗବତ ପୁରାଣ ଉପରେ ମନ୍ତବ୍ୟ ଲେଖିଥିବା ଶ୍ରୀଧର ସ୍ୱାମୀ ସେଠାରେ ରହିଥିଲେ। ପରିସରରେ କିଛି ମଠ ରହିଛି। ନଭେମ୍ବର ୨୦୧୫ରେ ମନ୍ଦିର ପରିସରରୁ ୩ଟି ପ୍ରାଚୀନ ମୂର୍ତ୍ତି ଚୋରି ହୋଇଥିଲା। ପ୍ରସିଦ୍ଧ ମନ୍ଦିରର ପ୍ରବେଶଦ୍ୱାର ନିକଟରୁ ତିନିଟି ପଥର ପ୍ରାଚୀନ ମୂର୍ତ୍ତି ଚୋରି ହୋଇଥିଲା, ସେଗୁଡ଼ିକ ଭଗବାନ ଗଣେଶ, ଦେବୀ ଦୁର୍ଗା ଏବଂ ଦେବୀ ଭୈରବୀଙ୍କ ମୂର୍ତ୍ତି ଥିଲା।







## ଆଖଣ୍ଡଳମଣି

ଓଡ଼ିଶାର ଆରଡ଼ି ଗ୍ରାମରେ ଅବସ୍ଥିତ ଅଖଣ୍ଡଳମଣି ମନ୍ଦିର (ଉଚ୍ଚାରଣ [ଅଖୁଲିମୁଇ]) ଭଗବାନ ଶିବ (ବାବା ଅଖଣ୍ଡଳମଣି) ଙ୍କୁ ସମର୍ପିତ। ଭଦ୍ରକଠାରୁ ଆରଡ଼ି ପ୍ରାୟ ୩୭ କିଲୋମିଟର ଦୂରରେ ଅବସ୍ଥିତ। ବର୍ତ୍ତମାନର ପଚାଶ ଫୁଟର ସିମେଣ୍ଟ ଏବଂ କଂକ୍ରିଟ ମନ୍ଦିର ଢାଞ୍ଚା ୧୮୩୦ରୁ ୧୮୪୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏକ କାଠ ମନ୍ଦିରର ସ୍ଥାନ ନେଇଥିଲା। ବାବା ଅଖଣ୍ଡଳମଣିଙ୍କ ମନ୍ଦିର ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଇତିହାସ ଉପଲବ୍ଧ ନାହିଁ। କିମ୍ବଦନ୍ତୀ ଅନୁଯାୟୀ, ପ୍ରାୟ ୩୫୦ ବର୍ଷ ପୂର୍ବେ ରାଜା ଶ୍ରୀ ନୀଳାଦ୍ରି ସମର ସିଂହ ମହାପାତ୍ରଙ୍କ ଶାସନ କାଳରେ ଦିନେ ସକାଳେ ରାଜା ଜଣେ ଚାଷୀଙ୍କୁ ବୈତରଣୀ ନଦୀ କୂଳରେ ତାଙ୍କ ଧାନ କ୍ଷେତରେ ଚାଷ କରିବାକୁ ପଠାଇଥିଲେ। ଚାଷ କରୁଥିବାବେଳେ କିଛି କଠିନ ସାମଗ୍ରୀରେ ପିଟି ହୋଇ ତାଙ୍କ ହଳର ଲୁହା ଭାଙ୍ଗି ଯାଇଥିଲା। ଚାଷୀ ଆଶ୍ଚର୍ଯ୍ୟ ହୋଇ ବୈତରଣୀ ନଦୀ ଆଡ଼କୁ ରକ୍ତ ଭର୍ତ୍ତି ଏକ କଳା ରଙ୍ଗର ଗ୍ରାନାଇଟ୍ ପଥର ପ୍ରବାହିତ ହେଉଥିବା ଦେଖିଥିଲେ। କୃଷକ ଜଣକ ରାଜା ନୀଳାଦ୍ରିସମର ସିଂହଙ୍କୁ ଡାକିବା ପାଇଁ ଦୌଡ଼ି ଆସିଥିଲେ ଏବଂ ସେ ତରବରିଆ ଭାବରେ ଘଟଣାସ୍ଥଳକୁ ଆସି ଦେଖିଲେ ଯେ ରକ୍ତ ବଦଳରେ କ୍ଷୀରର ବନ୍ୟା ଆସିଛି ଏବଂ ପଥରରେ ଏକ ବିରାଟ କଳା ନାଗ ସାପ ଝୁଲୁଛି। ସେହି ରାତିରେ ରାଜା ସେହି ସ୍ଥାନରେ ଭଗବାନ ଅଖଣ୍ଡଳମଣିଙ୍କ ଆଗମନ ନେଇ ସ୍ୱପ୍ନ ଦେଖିଥିଲେ। ଏହି ଖବର ସ୍ଥାନୀୟ ଅଞ୍ଚଳରେ ନିଆଁ ଭଳି ବ୍ୟାପିଯାଇଥିଲା। ପରଦିନ ରାଜା ନୀଳାଦ୍ରି ସମର ସିଂହ ମହାପାତ୍ର ମହାପ୍ରଭୁଙ୍କୁ ପୂଜା କରିବା ଆରମ୍ଭ କରିଥିଲେ ଏବଂ ସଙ୍ଗେ ସଙ୍ଗେ ସେହି ସ୍ଥାନରେ ଏକ କାଠ ମନ୍ଦିର ନିର୍ମାଣ କରିଥିଲେ। ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରି ପୂଜା ର୍ଚ୍ଚନା କରିବା ଆରମ୍ଭ କରିଥିଲେ। ରାଜା ଜଜାପୁର ଜିଲ୍ଲାର ନହରଗ୍ରାମ ନାମକ ଏକ ଗ୍ରାମର ପାଞ୍ଚ ଜଣ ବ୍ରାହ୍ମଣଙ୍କୁ ଭଗବାନ ଅଖଣ୍ଡଳମଣିଙ୍କ ସେବା-ପୂଜା (ପୂଜା ଓ ଯତ୍ନ ନେବା) ପାଇଁ ନିମନ୍ତ୍ରଣ କରିଥିଲେ। ଆରଡ଼ିର ବର୍ତ୍ତମାନର ମୁଖ୍ୟ ମନ୍ଦିରକୁ କନିକା ରାଜା ଶ୍ରୀ ହରିହର ଭଞ୍ଜ ଏବଂ ତାଙ୍କ ମୁଖ୍ୟ ରାଣୀ ସତ୍ୟଭାମା ପାଟଦେଇ ନିର୍ମାଣ କରିଥିଲେ। ମନ୍ଦିରର ଉଚ୍ଚତା ପାଖାପାଖି ୧୫୦ ଫୁଟ ଏହି ମନ୍ଦିରରେ ବ୍ୟବହୃତ ସମସ୍ତ ପଥର ଚଣ୍ଡିଖୋଲ ନିକଟସ୍ଥ ଲଳିତଗିରିର ଐତିହାସିକ ପାହାଡ଼ରୁ ଅଣାଯାଇଛି।



କେଉଁଠି ଲାଳସାତ କେଉଁଠି ଭଲ ମାନର ଖାଦ୍ୟ ପରଷିବା ଚିନ୍ତା

# ମଧ୍ୟାହ୍ନ ଭୋଜନ ଉପସ୍ଥାନ ରିପୋର୍ଟରେ ହେରାଫେରି

**କଳାହାଣ୍ଡି,୧୨।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ଚାଲିଛି ବଡ ଅନିୟମିତତା। ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ କାର୍ଯ୍ୟକ୍ରମରେ ସ୍କୁଲରେ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ବେଳେ ପ୍ରତିଦିନ ଏହି ବ୍ୟବସ୍ଥାରେ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ସ୍କୁଲ ଉପସ୍ଥାନରେ ହେରାଫେରୀ, ଚାଉଳ, ଡାଲି ଓ ଅନ୍ୟ ସାମଗ୍ରୀରେ ହେରାଫେରୀ କରି କେତେକ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଟଙ୍କା ହଡପ ହେଉଥିବା ବେଳେ ଆଉ କିଛି ସ୍କୁଲରେ ଭଲ ଖାଇବା ପ୍ରଦାନ ଓ ଏହି ବ୍ୟବସ୍ଥାର ସୁପରିଚାଳନା ପାଇଁ ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ ଏପଟସେପଟ କରାଯାଉଥିବା ଅଭିଯୋଗ ହୋଇଛି।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥାଏ। ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନାରେ ଏହା କାର୍ଯ୍ୟକାରୀ ହେଉଥିବା ବେଳେ ଏଥିରେ କଳାହାଣ୍ଡି ଜିଲ୍ଲାରେ ପ୍ରତିଦିନ ହେରାଫେରୀ ହେଉଥିବା ଅଭିଯୋଗ ହୋଇଛି। ନିୟମାନୁସାରେ ପ୍ରତିଦିନ ସ୍କୁଲ ଉପସ୍ଥାନ କୁ ନେଇ ପ୍ରଧାନଶିକ୍ଷକ ରିପୋର୍ଟ ପ୍ରସ୍ତୁତ କରିଥାନ୍ତି ଓ ଏହି ରିପୋର୍ଟ ଅନୁସାରେ ସେହି ଦିନ ସେତିକି ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯାଇଥାଏ। ତେବେ ଅଭିଯୋଗ ଅନୁସାରେ ଜିଲ୍ଲାର ବିଭିନ୍ନ ସ୍କୁଲ ପ୍ରଧାନଶିକ୍ଷକ ଲାଭଖୋର ମନୋବୃତ୍ତିନେଇ ଅଧିକ ସଂଖ୍ୟାରେ ଉପସ୍ଥାନ ରିପୋର୍ଟ ପ୍ରଦାନ କରୁଥିବା ଅଭିଯୋଗ ହୋଇଛି। ଫଳରେ ଅଧିକ ଛାତ୍ରଛାତ୍ରୀଙ୍କ ଅନୁସାରେ ଟଙ୍କା ଖର୍ଚ୍ଚ ଦେଖାଇ ବାକିତକ ଟଙ୍କାରେ ନିଜ ପକେଟ ଗରମ କରୁଥିବା ଅଭିଯୋଗ ହୋଇଛି। ଏହି ଅନୁସାରେ ଅଧିକ ଚାଉଳ ବ୍ୟବହାର ଦେଖାଇ ତାକୁ ମଧ୍ୟ କିଛି ସ୍କୁଲରେ ବିକ୍ରୀ କରାଯାଉଥିବା ପୂର୍ବରୁ ଅଭିଯୋଗ ରହିଆସିଛି। ଏହା ସହିତ ଉକ୍ତ ସ୍କୁଲ ମାନଙ୍କରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବାରୁ ଅନେକ ଛାତ୍ରଛାତ୍ରୀ ସ୍କୁଲରେ ନଖାଇ ଘରେ ଖାଉଥିବା ଅଭିଯୋଗ ହୋଇଛି। ତଥାପି ସେମାନଙ୍କ ନାମରେ ଖାଇବା ଦିଆଯାଇଥିବା ଦର୍ଶାଇ ଟଙ୍କା ହଡପ କରାଯାଇଥିବା ବିଭାଗୀୟ କିଛି ଶିକ୍ଷକ ନିଜ ନାମ ଗୋପନ ସର୍ତ୍ତରେ ପ୍ରକାଶ କରିଛନ୍ତି। ସେହିପରି ଆଉ କେତେକ ସ୍କୁଲରେ ମଧ୍ୟାହ୍ନ ଭୋଜନ ଭଲ ମାନର ଦେବାକୁ ଉଦ୍ୟମ କରାଯାଇଥିବା ମଧ୍ୟ ଦେଖିବାକୁ ମିଳିଛି।ଏହି ସ୍କୁଲରେ ଉପସ୍ଥାନ ରିପୋର୍ଟରେ ଅଧିକ ଉପସ୍ଥାନ ଦେଖାଯାଉଛି ସତ କିନ୍ତୁ ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କ ଭୋଜନକୁ ହଡପ ନକରି ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ଭଲ ଖାଇବା ଦିଆଯାଉଥିବା ଦେଖିବାକୁ ମିଳିଛି। ଯାହାକି ଏକ ଭଲ ଉଦ୍ୟମ ଏବିଷୟରେ କିଛି ସ୍କୁଲର ପ୍ରଧାନଶିକ୍ଷକମାନଙ୍କ ସହ ଆଲୋଚନା ସମୟରେ ଅନେକ ସତ କଥା ପଦାକୁ ଆସିଥିଲା ଓ ଶିକ୍ଷକ ମାନଙ୍କ ସୂଚନା ଅନୁସାରେ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ଠିକାଦାର ମାଧ୍ୟମରେ ଯୋଗାଣ ହୋଇଥାଏ।



ଖାଦ୍ୟ ସାରଣୀ ଅନୁସାରେ ଭାତ ସହ ଗୋଟିଏ ଦିନ ଡାଲମା, ଦୁଇ ଦିନ ସୋୟାବଡି ଓ ଅନ୍ୟ ତିନି ଦିନ ଅଣ୍ଡା ତରକାରୀ ଦିଆଯାଇଥାଏ। ଏହା ସହିତ ତିନି ଦିନ ପୋଷଣ ଯୁକ୍ତ ଲଡ୍ଡୁ ଦିଆଯାଇଥାଏ। ଚଳିତ ବର୍ଷ ରୁ ଏଥିପାଇଁ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଉପସ୍ଥାନ ପ୍ରତି ୧୧.୧୫ ଟଙ୍କା ଓ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉପସ୍ଥାନ ପ୍ରତି ୧୪.୭୪ ଟଙ୍କା ବିଭାଗ ପକ୍ଷରୁ ଚଳିତ ବର୍ଷରୁ ପ୍ରଦାନ କରାଯାଉଥିବା ଜଣାପଡ଼ିଛି। ଏଥିରେ ବି କିଛି ଶିକ୍ଷକ ଲାଭ ଚିନ୍ତା କରି ହେରାଫେରୀ କରନ୍ତି ସତ ଆଉ କିଛି ଶିକ୍ଷକ ମହତ ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରିଥାନ୍ତି। ସେହିପରି ଆଉ କିଛି ଶିକ୍ଷକଙ୍କ କହିବା ଅନୁସାରେ ଚାଉଳ ଯୋଗାଣ ହେବା ସମୟରେ ଧାର୍ଯ୍ୟ ଓଜନ ବଦଳରେ କମ ପରିମାଣର ଚାଉଳ ଠିକାଦାର ଦେଇଥାନ୍ତି। ଏହା ସହିତ ଆଜିର ମହଙ୍ଗା ଯୁଗରେ କମ ସରକାରୀ ଟଙ୍କାରେ ଛାତ୍ରଛାତ୍ରୀମାନଙ୍କୁ ଭଲ ଖାଇବା ଦେବା ପାଇଁ ବାଧ୍ୟ ହୋଇ ଉପସ୍ଥାନ ଅଧିକ ଦେଖାଇବାକୁ ପଡୁଥିବା ସ୍ୱୀକାର କରିଛନ୍ତି। ଏମିତି ସ୍ଥିତିରେ କଳାହାଣ୍ଡି ଜିଲ୍ଲାରେ କିଭଳି ଭାବେ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା କାର୍ଯ୍ୟକାରୀ କରାଯାଉଛି ତାହା ସହଜରେ ଅନୁମାନ କରାଯାଇପାରେ ଓ ଡାଲି ଠାରୁ ଆରମ୍ଭ କରି ପନିପରିବା ପର୍ଯ୍ୟନ୍ତ ଦର ଆକାଶ ଛୁଆଁ ରହିଥିବା ବେଳେ ଏତେ କମ ଟଙ୍କାରେ କିଭଳି ଛାତ୍ରଛାତ୍ରୀଙ୍କୁ ଖାଇବାକୁ ଦିଆଯାଉଛି ତାହା ସହଜରେ ଅନୁମାନ କରାଯାଇପାରେ।



## ଶ୍ମଶାନ ଗୃହ ନିର୍ମାଣ କଲେ, ହେଲେ ରାସ୍ତା କଥା ଭୁଲିଗଲେ

### ଶବଦାହ ନହେବାରୁ ଜଙ୍ଗଲ ପାଲଟିଲାଣି ଶ୍ମଶାନ

**ପିପିଲି,୧୨।୭(ସଂଚାର ବ୍ୟୁରୋ):** ସାଧାରଣ ଲୋକଙ୍କ ସୁବିଧା ନିମନ୍ତେ ଅନ୍ତିମ ସଂସ୍କାରର ସୁବିଧା ପାଇଁ ପ୍ରତ୍ୟେକ ଗାଁରେ ପ୍ରଶାସନ ତରଫରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ନୂତନ ପକ୍କା ଘର ଶ୍ମଶାନ ଗୃହ ନିର୍ମାଣ ହୋଇଛି । ହେଲେ ନିର୍ମାଣ ହେବା ପରେ କାହା କାମରେ ଆସୁନି ଏହି ଶ୍ମଶାନ । ଅନ୍ତିମ ସଂସ୍କାରର ସୁବିଧା ପାଇଁ ଗାଁରେ ଗାଁରେ ତିଆରି ହୋଇଛି ଶ୍ମଶାନ ଗୃହ । ହେଲେ ଏହା ବର୍ଷ ବର୍ଷ ହେଲା ବ୍ୟବହାର ନହୋଇ ଭୂତକୋଠିରେ ପରିଣତ ହେଲାଣି । ତେବେ ଏଠାରେ ପ୍ରଶ୍ନ ଉଠୁଛି କାହା ସ୍ୱାର୍ଥରେ ଖର୍ଚ୍ଚ ହୋଇଛି ଲକ୍ଷାଧିକ ଟଙ୍କା । ନିମ୍ନମାନର କାମ କରି ଠିକାଦାର ଛୁ' ମାରିଥିବା ବେଳେ ଶ୍ମଶାନ ଯିବାକୁ ବାଟ ନାହିଁ । ଫଳରେ ବ୍ୟବହାର ନହୋଇ ଜଙ୍ଗଲ ପାଲଟିଗଲାଣି । ସରୀସୃପଙ୍କ ବାସସ୍ଥଳ ପାଲଟିଛି ।

ଅନାବନା ଘାସରେ ଭର୍ତ୍ତି ହୋଇଛି ଶ୍ମଶାନ ପରିସର। ରାଜ୍ୟର ଅନେକ ସ୍ଥାନରେ ଏଭଳି ସମସ୍ୟା ଥିବା ବେଳେ ପିପିଲି ଡେଇଶିପୁର ପଂଚାୟତର ନିର୍ମଳା ଓ ଡେଇଶିପୁର ଗାଁରୁ ଆସିଛି ଏଭଳି ଅଭିଯୋଗ। ୨୦୨୨-୨୩ ରେ ଶ୍ମଶାନ ନିର୍ମାଣ ହୋଇଛି । ଗୋଟିଏ ଗୋଟିଏ ଶ୍ମଶାନ ପାଇଁ ଖର୍ଚ୍ଚ ହୋଇଛି ୩-୫ ଲକ୍ଷ ଟଙ୍କା । ଗୃହ ନିର୍ମାଣ ପୂର୍ବରୁ ଉପଯୁକ୍ତ ଭାବେ ଯୋଜନା କରାଯାଇନଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ଅନ୍ୟପଟେ ବିଡିଓଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି ପିପିଲି ବିଧାୟକ ।

## ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ପାଳିତ



**ବେତନଟୀ,୧୨।୭(ସଂଚାର ବ୍ୟୁରୋ):** ବେତନଟୀ ଉପକଣ୍ଠ ମହୁଲିଆ ଗ୍ରାମରେ ଥିବା ସରସ୍ୱତୀ ଶିଶୁମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପରିଚାଳନା କମିଟିର ସଂପାଦକ ପ୍ରକାଶଚନ୍ଦ୍ର ବେହେରାଙ୍କର ସଭାପତିତ୍ୱ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଭାରତୀୟ ରେଡକ୍ରସ ସୋସାଇଟିର ଆଜୀବନ ସଦସ୍ୟ ତଥା ଭାଇସ ପେଟ୍ରୋନ ଡ଼କ୍ଟର ରମାକାନ୍ତ ମହାନ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଗୁରୁ ପୂର୍ଣ୍ଣିମାର ପୌରାଣିକ ପୃଷ୍ଠଭୂମି, ଅଷ୍ଟାଦଶ ପୁରାଣର ରଚୟିତା ମହାଋଷି ବ୍ୟାସ ଦେବଙ୍କର ଜୀବନୀ ଏବଂ ଅବଦାନ ତଥା ଗୁରୁପୂର୍ଣ୍ଣିମା ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ପ୍ରସଙ୍ଗରେ ବିଶଦ ଭାବରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତାଭାବରେ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀଧର ବାରିକ ଯୋଗଦାନକରି ଗୁରୁ ଶବ୍ଦ ର ମହାନତା, ବ୍ୟାପକତା ଏବଂ ଗଭୀରତା ବିଷୟରେ ଅତି ସୁନ୍ଦର ଅବତାରଣା କରି ଗୁରୁ ଶିଷ୍ୟ ସମ୍ପର୍କର ପବିତ୍ରତା ମଧୁରତାର ଅନେକ ଦୃଷ୍ଟାନ୍ତ ଉପସ୍ଥାପନା କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ରାଜଶ୍ରୀ ଦୁର୍ଗା, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଞ୍ଜଳି ଚୌଧୁରୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ନିହାରିକା କର କ୍ଷକ୍ଷ ଏଥିରେ ସରସ୍ୱତୀ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଏବଂ ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।

## ପୌରାଞ୍ଚଳରେ ଖାଦ୍ୟ ନିରାପତ୍ତା ସ୍କ୍ୱାଡ୍‌ର ଚଢ଼ାଉ

**ସୁବର୍ଣ୍ଣପୁର,୧୨।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଙ୍କ ନିର୍ଦ୍ଦେଶ ରେ ସୋନପୁର ପୌରାଞ୍ଚଳ ହୋଟେଲ ଓ ରେଷ୍ଟୁରାଣ୍ଟ ଓ ଠେଲା ମାନଙ୍କ ରେ ଖାଦ୍ୟ ନିରାପତ୍ତା ଅଧିକାରୀ ଓ ସ୍ୱତନ୍ତ୍ର ଟିମ ଚଢ଼ାଉ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରଦୀପ କୁମାର ହୋତା ଙ୍କ ନିର୍ଦ୍ଦେଶ କ୍ରମେ ଆଜି ଦିବା ୧୧ ଟା ରୁ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ ହୋଟେଲ ରେଷ୍ଟୁରାଣ୍ଟ ମାନଙ୍କରେ ଖାଦ୍ୟ ନିରାପତ୍ତା ଅଧିକାରୀ ଓ ତାଙ୍କ ଟିମ ର ଚଢ଼ାଉ ଜାରି ରହିଥିଲା। ମୋଟ ୨୭ ଗୋଟି ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ତଥା ତଟକା ଖାଦ୍ୟ ସବୁ ଦେବାକୁ କଡା ନିର୍ଦ୍ଦେଶ ଦିଆଗଲା। ଉକ୍ତ ଟିମ ରେ ଖାଦ୍ୟ ନିରାପତ୍ତା ଅଧିକାରୀ ସସ୍ମିତା ନାଏକ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ରାଜୀବ ପଧାନ, ପୋଲିସ ଟିମ ସବୁ ସାମିଲ ଥିଲେ. ଚଢ଼ାଉ ବେଳେ ବାସି ଖାଦ୍ୟ ସବୁ ନଷ୍ଟ କରାଗଲା ଓ ଦୂଷିତ ଖାଦ୍ୟ ଓ ପାନୀୟ ଲୋକ ଙ୍କୁ ନଦେବା ପାଇଁ ତାଗିଦ କରାଗଲା ଓ ଯେ ଏହାର ଖିଲାପ କରିବେ ତାଙ୍କୁ ଉଚିତ ଦଣ୍ଡ ଦିଆଯିବ ବୋଲି ଦୋକାନୀ ଙ୍କୁ ସତର୍କ କରାଗଲା। ପ୍ରକାଶ ଥାଉ



ଦୋକାନରେ ଖାଦ୍ୟ ର ମାନ ଯାଞ୍ଚ କରି ପାଣି ର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଗଲା। ବିଶେଷ କରି ବର୍ତ୍ତମାନ ପରସ୍ଥିତି ରେ ତରଳ ଝାଡା ରୋଗ ବ୍ୟାପିବାର ସମ୍ଭାବନା ଥିବାରୁ ଓ ଯାନିଯାତ୍ରା ଲାଗିରହୁଥିବାରୁ ଲୋକ ଭିଡ ରେ କି ପୂର୍ବରୁ ଉଲୁଣ୍ଡା, ତରଭା ଡୁଙ୍ଗୁରିପାଲି ସହର ରେ ମଧ୍ୟ ଏହି ଟିମ ଦ୍ୱାରା ଚଢ଼ାଉ କରି ଖାଦ୍ୟ ର ମାନ ଯାଞ୍ଚ କରାଯାଇଛି। ଆଗକୁ ଜିଲ୍ଲା ର ବିଭିନ୍ନ ସହର ରେ ଅଚାନକ ଚଢ଼ାଉ କରାଯିବ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି ।

ଓଭରବ୍ରିଜ୍ କାହା ସ୍ୱାର୍ଥରେ

## ଦୁର୍ଘଟଣା ରୋକିବାରେ ପ୍ରଶାସନିକ ତତ୍ପରତା ପ୍ରଭାବହୀନ

**ବୈଶିଙ୍ଗା,୧୨।୭(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଦ୍ୱାରା ୧୮ ନଂ ଜାତୀୟ ରାଜପଥ କୁ ଚାରିଥାକିଆ କରିବା ପାଇଁ ବର୍ଷ ବର୍ଷ ସର୍ଭେ ହେଲା। ବାଲେଶ୍ୱର ଜିଲ୍ଲାର ନହରପାଟଣା ଠାରୁ ଝାରପୋଖରିଆ ପର୍ଯ୍ୟନ୍ତ ୮୨ କିଲୋମିଟର ରାସ୍ତାରେ କେତେ ପୋଲ ହେବ, କେତେ ଉଡନ୍ତା ପୋଲ ହେବ, କେତେ ବସଷ୍ଟାଣ୍ଡ ନିର୍ମାଣ ହେବ ସେ ନେଇ ସର୍ଭେ ହେଲା। ଗାଡି ମୋଟର ସହଜ ଚଳାଚଳ ପାଇଁ ବଙ୍କା ରାସ୍ତାକୁ ସିଧାସଳଖ କରିବା ପାଇଁ ଦରକାର ପଡିଲେ ରାଜପଥ ବିଭାଗର ନିଜସ୍ୱ ଜମି ବାହାରେ ଜମି କ୍ରୟ କରାଯିବ। ମାତ୍ର କାମ ହେଲା ଓଲଟା, ବୈଶିଙ୍ଗା ବଜାର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ୨୦୦ ମିଟର ବ୍ୟବଧାନରେ ଦୁଇଟି ସ୍ଥାନରେ କ୍ରସ୍ କରି ଠାକୁରମୁଣ୍ଡା-ବରହମପୁର ରାସ୍ତାଟି ୬୦ନଂ ଜାତୀୟ ରାଜପଥ ସହିତ କୋଲକାତାକୁ ସଂଯୋଗ କରୁଛି। ଏଥିପାଇଁ ନିର୍ମାଣାଧିନ ଉଡନ୍ତା ପୋଲର ୨୦୦ମିଟର ବ୍ୟବଧାନରେ ଦୁଇଟି ଗଳାପୋଲ ନିର୍ମାଣ କରାଯିବାର ସର୍ଭେ କରାଯାଇଥିଲା। ମାତ୍ର



ଠିକାଦାରୀ ନେଇଥିମ୍ବା ବେକ ବୋନ୍ କମ୍ପାନୀ ଏବଂ ନିର୍ମାଣକାରୀ ସଂସ୍ଥା ଆଇରନ୍ ଟ୍ରାଙ୍ଗଲ୍‌ର ଅଧିକାରୀମାନେ ସାଧାରଣ ଲୋକଙ୍କ କଥା ନ ଶୁଣି ନିଜ ଇଚ୍ଛାରେ ଉଡନ୍ତା ପୋଲର ଗୋଟିଏ ସ୍ଥାନରେ ମଝିରେ ଗୋଟିଏ ଗଳା ପୋଲ ନିର୍ମାଣ କରିଦେଲେ। ଫଳରେ ଠାକୁରମୁଣ୍ଡା - ବରହମପୁର ରାସ୍ତାର ଗାଡିଗୁଡିକ ରାଜପଥ ପାରି ହେବା ପାଇଁ ଉଭୟ ପଟୁ ନିଜ ନିଜ ଡାହାଣ ପଟକୁ ଭୁଲ୍ ରାସ୍ତାରେ ଯିବା ଦ୍ୱାରା ଅଧିକାଂଶ ସମୟରେ ଦୁର୍ଘଟଣାର ଶୀକାର ହେବା, ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ରହିବା ଦ୍ୱାରା ବାଲେଶ୍ୱର - ବାରିପଦା ରୁ ର ଯାତ୍ରୀବାହୀ ବସଗୁଡିକ ହଇରାଣ ହେବା ନିତିଦିନିଆ ଘଟଣା ପାଲଟିଛି। ଏହାବ୍ୟତୀତ ଉଡନ୍ତା ପୋଲର ଉଭୟ ପାର୍ଶ୍ୱରେ ଦୁଇ କି.ମି ବ୍ୟବଧାନରେ ପାସିଂ ଦିଆଯାଇଛି। ଫଳରେ ସାଧାରଣ ଲୋକଙ୍କ ପାଇଁ ଆଗକୁ ବହୁ ବିପଦ ଆସିବାର ସମ୍ଭାବନା ରହିଛି। ଏଣୁ ଏହାର ପ୍ରତିକାର ପାଇଁ ମାଣତ୍ରୀରୁ ଆସି ରାଜପଥକୁ ସଂଯୋଗ କରୁଥିବା ସ୍ଥାନରେ ଦ୍ୱିତୀୟ ଗଳା ପୋଲର ନିର୍ମାଣ ନିତାନ୍ତ ଜରୁରୀ ହୋଇପଡ଼ିଛି। ଏହା ଦ୍ୱାରା ସବୁ ସମାଧାନ ହୋଇ ପାରିବ।

## ଭତ୍ତା ପାଇଁ ହିନସ୍ତା: ୨ ମାସ ହେଲା ଖାତାକୁ ଆସୁନି ଟଙ୍କା

**ସାଲେପୁର,୧୨।୭(ସଂଚାର ବ୍ୟୁରୋ):** ମଧୁବାବୁ ପେନ୍‌ସନ୍ ଯୋଜନାରେ ଗରିବ ହିତାଧିକାରୀଙ୍କୁ ଭତ୍ତା ଯୋଗାଇ ଦିଆଯାଉଛି । ହେଲେ ଆଜି ବି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି । ମାସ ମାସ ଧରି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଭତ୍ତା ଟଙ୍କା ଆସୁନି । ବାରମ୍ବାର ପଞ୍ଚାୟତକୁ ଆସି ଲୋକ ନିରାଶ ହେଉଛନ୍ତି । ଏଭଳି ସାଂଘାତିକ ଅଭିଯୋଗ ଆସିଛି କଟକ ସାଲେପୁର ନାଇଗୁଆଁ ପଞ୍ଚାୟତରୁ ଆସିଛି ଏମିତି କିଛି ଅଭିଯୋଗ । ବାରମ୍ବାର ଅଭିଯୋଗ ପରେ ବି ମିଳୁନି ଭତ୍ତା ।

## ପ୍ରଦର୍ଶନ ହେଲା ଫିଲ୍ମ ମାଇଣ୍ଡ ଗେମ୍, ଦର୍ଶକଙ୍କ ପ୍ରବଳ ଭିଡ଼




**ସୁବର୍ଣ୍ଣପୁର,୧୨।୭(ସଂଚାର ବ୍ୟୁରୋ):** ସୋନପୁରରେ ବହୁ ଚର୍ଚ୍ଚିତ ପାଟଣାଗଡ଼ ପାର୍ଶଲ ବୋମା ବିସ୍ଫୋରଣ କାହାଣୀକୁ ନେଇ ଫିଲ୍ମ ମାଇଣ୍ଡ ଗେମ୍ ପ୍ରଦର୍ଶନ କରଯାଇଛି। ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପଧାନ ଏହାକୁ ଶୁଭ ଉଦ୍ଘାଟନ କରିଥିବା ବେଳେ ଅଭିନେତା ମନୋଜ୍ ମିଶ୍ର ଶ୍ରୀମତୀ ପଧାନ ଙ୍କୁ ସମ୍ବର୍ଧିତ କରିଥିଲେ। ଆମ ପଶ୍ଚିମ ଓଡ଼ିଶା ରେ ଫିଲ୍ମ ଇଣ୍ଡଷ୍ଟ୍ରି ନ ଥିବାରୁ କଳାକାର ମାନେ ସ୍କୋପ ର ଅଭାବ ରୁ ଆଗକୁ ବଢ଼ି ପାରୁ ନ ଥିବା ଯୋଗୁଁ ଏ ମାଧ୍ୟମ ରେ ଗାଁ ଗାଁ ରେ ସିନେମା ର ପ୍ରଚାର ପ୍ରସାର ଉଦ୍ୟମ ଆରମ୍ଭ କରି ଥିବା ବିଷୟ ଅଭିନେତା ମନୋଜ ମିଶ୍ର ପ୍ରକାଶ କରିଛନ୍ତି। ୩୦/୧୦ ର ବିରାଟକାୟ ଏଲ ଇ ଡି ପରଦା ରେ ୪ ଟି ସୋ ରେ ଉପଭୋଗ କଲେ ହଜାର ହଜାର ସିନେ ପ୍ରେମୀ। ବର୍ଷା ଓ ପାଣି ପାଗ ପ୍ରତିକୂଳ ସତ୍ତ୍ୱେ ପ୍ରତି ସିନେମା ସୋ ରେ ଦର୍ଶକ ଙ୍କ ପ୍ରବଳ ଭିଡ ଦେଖି ବାକୁ ମିଳିଛି। ସବୁ ତକ ଟିକଟ ଆଗୁଆ ବୁକିଂ ହୋଇ ଯାଇ ଥିବାରୁ ଅନେକ ଲୋକ ଟିକେଟ ନ ପାଇବାରୁ ନିରାଶ ହୋଇ ଫେରିଛନ୍ତି। ସୋନପୁର ରେ ଫିଲ୍ମ ହଲ୍ ଦୀର୍ଘ ଦିନ ହେବ ବନ୍ଦ ପଡ଼ିଥିବା ବେଳେ ସିନେ ପ୍ରେମୀ ମାନେ ଫିଲ୍ମ ଉପଭୋଗ କରି ପାରୁ ନାହାନ୍ତି। କିନ୍ତୁ ଏକ୍ଟର ମନୋଜ ମିଶ୍ର ଙ୍କ ଉଦ୍ୟମ କୁ ଜନ ସାଧାରଣ ତଥା ବୁଦ୍ଧିଜିବୀ ମହଲରେ ସ୍ୱାଗତ କରାଯାଇଛି।

## ରାମଜୀ ମହାବିଦ୍ୟାଳୟରେ: 'ମା'ଙ୍କ ନାଁରେ ଗଛଟିଏ'

**ଦିଗପହଣ୍ଡି,୧୨।୭(ସଂଚାର ବ୍ୟୁରୋ):** ଦିଗପହଣ୍ଡି ବ୍ଲକ ଅଧିନସ୍ଥ ଭିଷ୍ମଗିରୀ ରାମଜୀ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଛି। ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ସଭାପତିତ୍ୱରେ ଆୟୋଜିତ ଚାରାରୋପଣ ସଚେତନତା ସଭାରେ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁଙ୍କ ସମେତ ଗଜପତି ଜିଲା ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ବିନୟ ବ୍ରୁ, ଭୀଷ୍ମଗିରି ବନପାଳ ଦେବାଶିଷ ଶତପଥୀ, ବନରକ୍ଷୀ ଗିରିଜା ଶଙ୍କର ଦୋରା, ସରୋଜ ମଲ୍ଲିକ, ଲକ୍ଷପତି ଗମାଙ୍ଗ, ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ଶେଷରେ ଉଭୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ବନ କର୍ମଚାରୀଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଅତିଥିଗଣ 'ମା'ଙ୍କ ନାଁରେ ଗଛଟିଏ'କୁ ନେଇ ବକ୍ତବ୍ୟ ରଖିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ବହୁ ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଯୁବ ରେଡକ୍ରସର ଉପଦେଷ୍ଟା ରଞ୍ଜନ ଗୌଡ ସହଯୋଗ କରିଥିଲେ ।

## ଦଶଦିନ ହେଲା ଥମୁନି ଝାଡ଼ାବାନ୍ତି, ୧୮ ଆକ୍ରାନ୍ତ

**କଣାସ,୧୨।୭(ସଂଚାର ବ୍ୟୁରୋ):** ଦୟା ନଦୀର ଜଳ ଦୂଷିତ ଯୋଗୁଁ ଦୁଇ ମାସ ତଳେ କଣାସ ଅଞ୍ଚଳରେ ଝାଡାବାନ୍ତି ଦୀର୍ଘ ଏକ ମାସ ଲାଗି ରହି ୬ ଜଣ ଙ୍କର ମୃତ୍ୟୁ ହୋଇଥିଲା। ଝାଡାବାନ୍ତି କମିବା ଏକ ମାସ ପରେ ପୁନଶ୍ଚ ଝାଡାବାନ୍ତି ୧୦ ଦିନ ହେଲା ଲାଗି ରହି ଶତାଧିକ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଆଜି ହରଷପଡ଼ା ଗ୍ରାମର ବ୍ରଜବନ୍ଧୁ ବିଶ୍ୱାଳ ୭୦ ବର୍ଷ, କୋଟକଣାର ରାକେଶ ହରିଚନ୍ଦନ ୧୩, କଖାରୁବସ୍ତର ମନୋରଞ୍ଜନ ପ୍ରଧାନ ୧୨, ସିରେଇର ରାଜ କିଶୋର ଜେନା ୭୪, ସୁଧାଗରର ଟିକିନା ମହାପାତ୍ର ୩୬, ଭାଟପଡ଼ାର ସତ୍ୟରଞ୍ଜନ ବେହେରା ୧୮, ତିପୁରୀ ନୂଆଗାଁର ପାର୍ବତୀ ଭୋଇ ୫୦ ବର୍ଷ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରରେ ଚିକିତ୍ସିତ ହେଉଥିବାବେଳେଦୋକନ୍ଦା, ବଡାସ, ଗୋଲରା, ଗଡ଼ଶାହି, ଜଙ୍କିଆ, ବସନ୍ତପୁର, ତୁଳସୀପୁର, ବାଲିପଡ଼ା, ଖଣ୍ଡହତା ଗ୍ରାମର କେତେକ ବ୍ୟକ୍ତି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରରେ ବେଡ ଅଭାବରୁ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ଝାଡାବାନ୍ତି କ୍ରମାଗତ ଭାବେ ଲାଗିଥିବାରୁ ପୁରୀ ଜିଲ୍ଲାପାଳ ଚଞ୍ଚଳ ରଣା, ପୁରୀ ମୁଖ୍ୟ ଚିକିତ୍ସା ଅଧିକାରୀ, ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ଅତିରିକ୍ତ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ସୁଧାଂଶୁ ପ୍ରଧାନ କଣାସ ଅଞ୍ଚଳ ଓ ଝାଡାବାନ୍ତି ଲାଗିଥିବା ଗ୍ରାମ ବୁଲି ଫେରିଯାଇଥିଲେ। ଚିକିତ୍ସିତ ରୋଗୀଙ୍କ ଫଟୋ ଇ ମେଲରେ ପଠାଗଲା।



## ୧୬୧କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ମନମୁଣ୍ଡା,୧୨।୭(ସଂଚାର ବ୍ୟୁରୋ):** ଗଞ୍ଜେଇ କ୍ଷେତ୍ରରେ ମନମୁଣ୍ଡା ପୁଲିସକୁ ମିଳିଛି ବଡ଼ ସଫଳତା । ଚଢଉ ବେଳେ ୧୬୧କେଜି ଗଞ୍ଜେଇ ସହ ଜଣକୁ ଗିରଫ କରିଛି ପୁଲିସ। ଗିରଫ ଜଣକ ହେଲେ ବିପିନ ପ୍ରଧାନ । ସୂଚନା ଅନୁସାରେ, ବିପିନ ଶଗଡ଼ା ପଞ୍ଚାୟତ ଖଣ୍ଡିକନପାସ୍ଥିତ ତାଙ୍କ ଘର ନିକଟରେ ଗଞ୍ଜେଇ ରଖିଥିବା ତଥା ଚାଲାଣ କରିବାକୁ ଯାଉଥିବା ପୁଲିସ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲା। ପରେ ଏସଆଇ ଚନ୍ଦନ ଜେନାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଶୁକ୍ରବାର ସନ୍ଧ୍ୟାରେ ବିପିନଙ୍କ ଘରେ ଚଢ଼ଉ କରିଥିଲା। ବିପିନଙ୍କ ଘରଠାରୁ ପୁଲିସ କେତେକ ବସ୍ତାରେ ଭର୍ତ୍ତି ଗଞ୍ଜେଇ ଥିବା ଦେଖି ଜବତ କରିବା ସହ ବିପିନକୁ ଗିରଫ କରିଥିଲା। ଗଞ୍ଜେଇ ଓଜନ କରିବାରୁ ତାହା ୧୬୧ କେଜି ହୋଇଥିବା ଶଗଡ଼ା ଫାଣ୍ଡି ଅଧିକାରୀ ଇନ୍ସପେକ୍ଟର ମହେନ୍ଦ୍ର କୁମାର ବେହେରାଙ୍କଠାରୁ ଜାଣିବାକୁ ମିଳିଛି।

## ମାଲକାନଗିରି ଜିଲ୍ଲାରେ ଶ୍ରାବଣ ଛତୁ ବିକ୍ରି ଆରମ୍ଭ, କେଜି ୮୦୦ଟଙ୍କା



**ମାଲକାନଗିରି,୧୨।୭(ସଂଚାର ବ୍ୟୁରୋ):** ଗତ କିଛିଦିନ ହେବ ମାଲକାନଗିରି ଜିଲ୍ଲାରେ ବର୍ଷା ଲାଗି ରହିଥିବାରୁ ପାହାଡ଼, ଜଙ୍ଗଲରେ ପ୍ରଚୁର ପରିମାଣରେ ଶ୍ରାବଣ ଛତୁ ଫୁଟୁଛି । ମାଲକାନଗିରି ବଜାରରେ ଏହି ଛତୁ ୮୦୦ରୁ ୯୦୦ଟଙ୍କାରେ ବିକ୍ରି ହେଉଥିବାରୁ ଗ୍ରାହକମାନେ ନିଜ ନିଜ ଘରକୁ ଅନନ୍ଦରେ ଛତୁ କିଣି ନେଉଛନ୍ତି। ଛତୁ ବେପାରିମାନଙ୍କ ନିକଟରେ ପ୍ରବଳ ଗ୍ରାହକମାନଙ୍କ ଭିଡ଼ ଲାଗୁଛି । ଛତୁ ବେପାରିମାନେ ମଧ୍ୟ ବେଶ ଦୁଇ ପଇସା ରୋଜଗାର କରୁଛନ୍ତି । ଆଗରୁ ଏହି ଛତୁ ଗୁଡ଼ିକ କେବଳ ଗରିବ ଆଦିବାସୀ ଲୋକମାନେ ବଜାରରେ ବିକ୍ରି କରି ତେଲ ଲୁଣ ଚାଉଳ ସଉଦା କିଣି ନେଉଥିଲେ । ଏବେ କିଛି ବଙ୍ଗୀୟ ଯୁବକମାନେ ଛତୁ ବେପାରକୁ ଏକ ଲାଭବାନ ବ୍ୟବସାୟ ଭାବେ ଆଦରି ନେଇଛନ୍ତି । ଗାଁ ଗାଁ ବୁଲି ଆଦିବାସୀ ଲୋକମାନଙ୍କଠାରୁ ବିଡ଼ା ହିସାବରେ ଛତୁକୁ କିଣି ଆଣି ତାକୁ ବଜାରରେ କିଲୋ ହିସାବରେ ବିକ୍ରି କରି ବେଶ ଦୁଇ ପଇସା ଲାଭ ପାଉଛନ୍ତି । ଆଜି ମାଲକାନଗିରି ହନୁମାନ ମନ୍ଦିର ଛକଠାରେ କିଛି ଆଦିବାସୀ ମହିଳା ଶ୍ରାବଣ ଛତୁ ବିକ୍ରିର ଶୁଭାରାମ୍ଭ କରିଛନ୍ତି । ଅନ୍ୟାନ୍ୟ ସ୍ଥାନରେ ପ୍ରଥମ ଶ୍ରାବଣ ଛତୁ କେଜି ୧୦୦୦ଟଙ୍କାରେ ବିକ୍ରି ହେଉଥିବାବେଳେ ଆଜି ସେ ଗ୍ରାହକମାନଙ୍କୁ ୮୦୦ରୁ ୯୦୦ଟଙ୍କାରେ ସୁଲଭ ମୂଲ୍ୟରେ ବିକ୍ରି କରିଥିବାରୁ ସେ ଆଣିଥିବା ୧୦କେଜି ଛତୁ ଘଟାଏ ମଧ୍ୟରେ ବିକ୍ରି ହୋଇ ଯାଇଥିଲା ।

## ଦିବ୍ୟାଙ୍ଗଙ୍କୁ ମିଳୁନି ଭତ୍ତା ; ଗୁହାରି ଶୁଣୁନି ପ୍ରଶାସନ

**କାମାକ୍ଷାନଗର,୧୨।୭(ସଂଚାର ବ୍ୟୁରୋ):** ଗାଁ ଗଣ୍ଡାରେ ବଞ୍ଚୁଥିବା ସରଳ ଲୋକଙ୍କ ପାଇଁ କଠୋର ହୋଇଯାଉଛି କି ସରକାରୀ ବ୍ୟବସ୍ଥା । ଏ ପ୍ରଶ୍ନ ସେତେବେଳେ ଉଠିଛି, ଯେତେବେଳେ ଦିବ୍ୟାଙ୍ଗ ଯୁବତୀ କେଉଁଠି ଭତ୍ତାରୁ ବଞ୍ଚିତ ହେଉଛି ତ ପୁଣି କେଉଁଠି କେୱାଇସି କଟକଣା ଛଡାଇ ନେଇଛି ଆହାର। ବ୍ୟବସ୍ଥାର ଦ୍ୱାହି ଦେଇ ସରକାରୀ ବାବୁ ନିଜ ଦାୟିତ୍ୱରୁ ଖସିଯାଉଛନ୍ତି । କିନ୍ତୁ ପେଶି ହେଉଛନ୍ତି ସାଧାରଣ ଲୋକ ।

ଖୁଆଇଲେ ଖାଇବେ ନହେଲେ ନାହିଁ । ବସିଗଲେ ଉଠିବାର ସାମର୍ଥ୍ୟ ବି ନାହିଁ । ବୟସ ୨୨ ଡେଇଁଲାଣି । ଦିବ୍ୟାଙ୍ଗର ପରିଚୟ ନେଇ ବଞ୍ଚୁଛନ୍ତି କିନ୍ତୁ ସରକାରୀ ସୁବିଧାରୁ ବଞ୍ଚିତ। ପରିଣତ ବୟସରେ ବୁଢ଼ୀ ମା ବି କହୁଛି ଆଉ ମୁଁ ପାରୁନି। ପରଘରେ ପାଇଟି କଲେ ପେଟ ପୁରେ। କିନ୍ତୁ ଦଇବ ଦାଉ ସାଧିବା



ଭଳି ଜୟପୁର ମେଦ୍ରି ସାହିର ଏ ବୁଢ଼ୀ ମାଆ ଉପରେ ଦାଉ ସାଧିଛି ସରକାରୀ ବ୍ୟବସ୍ଥା। ୭ ବର୍ଷ ହେବ ଝିଅକୁ ମିଳୁନି ଦିବ୍ୟାଙ୍ଗ ଭତ୍ତା। ଅନ୍ୟପଟେ କେୱାଇସି ଆଳରେ ମିଳୁଥିବା ମାଗଣା ଚାଉଳକୁ ବି କାଟି ଦେଇଛି ପ୍ରଶାସନ। ଯାହା ଆଗକୁ ମିଳିବ କି ନାହିଁ ସନ୍ଦେହ। ଏ ହେଉଛନ୍ତି କାମାକ୍ଷାନଗର ପଣ୍ଡୁଆ ଗାଁର ଦିବ୍ୟାଙ୍ଗ ଖଗେଶ୍ୱର ନାୟକ। ବୃଦ୍ଧା ମା ଓ ଦୁଇ ପୁଅଙ୍କୁ ଧରି ଗୁରୁଣ୍ଡି ଗୁରୁଣ୍ଡି ବିଡ଼ିଓଙ୍କ ଅଫିସରେ ପହଞ୍ଚିଛନ୍ତି। ସମାଜ ଆଗରେ ଖଗେଶ୍ୱର ଦିବ୍ୟାଙ୍ଗ କିନ୍ତୁ ସରକାରୀ ବ୍ୟବସ୍ଥା ଆଖିରେ ନୁହେଁ। ଯେଉଁଥିପାଇଁ ଅନ୍ତ୍ୟୋଦୟ ଯୋଜନାରେ ଘରେ ଖଣ୍ଡିଏ ଦେବାକୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ଶୁଣିବାକୁ କେହି ନାହାଁ। ସାଲେପୁରରୁ ଆସିଛି ସରକାରୀ ବ୍ୟବସ୍ଥାର ବିକଳ ଚିତ୍ର । ୨ ମାସ ଧରି ପଞ୍ଚାୟତ ଅଫିସକୁ ଆସୁଥିଲେ ମଧ୍ୟ ମିଳୁନି ଭତ୍ତା । ଚାଲିବାକୁ ବଳ ନଥିଲେ ବି ଭତ୍ତା ଆଶାରେ ଆସି ନିରାଶ ହୋଇ ଫେରୁଛନ୍ତି ବୟସ୍କ ବ୍ୟକ୍ତି । କାହିଁକି ଭତ୍ତା ଟଙ୍କା ମିଳୁନି ତାହାର ଉତ୍ତର କାହା ପାଖରେ ନାହିଁ ।